# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୧୮/୨୦୨୦ (୧୨ ପୃଷ୍ଠା) | Sambalpur, Tuesday, August 18/2020 | ★★

୧୬ଶ ଭାଗ ୧୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ସୁଲିଭାନ ବିଶ୍ୱ ସ୍ନୁକର ଚାମ୍ପିୟନ**

ରୋନି ଓ' ସୁଲିଭାନ୍ ୪୪ ବର୍ଷ ବୟସରେ ୬ଷ୍ଠ ଥର ପାଇଁ ବିଶ୍ୱ ସ୍ନୁକର ଚାମ୍ପିୟନ ହୋଇଛନ୍ତି।

୧୨

୧୦

**ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିର ରହସ୍ୟ ଖୋଲିଲେ ଶ୍ରୁତି**

ଅଭିନେତ୍ରୀ ଶ୍ରୁତି ହାସନ ବଲିଉଡ୍ ପରି ସାଉଥ୍ ଇଣ୍ଡଷ୍ଟ୍ରିରେ ମଧ୍ୟ ମହିଳା କଳାକାରଙ୍କ ସହ ଭେଦଭାବ କରାଯାଇଥାଏ ବୋଲି ଅଭିଯୋଗ ଆଣିଛନ୍ତି।



# ଝଲସିବ ଏକାମ୍ର କ୍ଷେତ୍ର

**ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିର ବିଶ୍ୱ ଐତିହ୍ୟସ୍ଥଳରେ ପରିଣତ ହେବ। ମନ୍ଦିର ଚାରିପାଖ କଳେବର ବୃଦ୍ଧି ହେବା ସହ ରୂପରେଖ ବଦଳିଯିବ। ଫଳରେ ୩୫୦ ବର୍ଷ ତଳର ସ୍ୱର୍ଣ୍ଣିମ ଐତିହ୍ୟ ଫେରିଆସିବ। ଚତୁଃପାର୍ଶ୍ୱରେ ଆଧାତ୍ମିକ ପରିବେଶ ସୃଷ୍ଟି ହେବ। ବିଶେଷକରି ଶିବରାତ୍ରିରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏକାଠି ହୋଇପାରିବା ଭଳି ବ୍ୟବସ୍ଥା ହେବ। ଆସନ୍ତା ବର୍ଷକ ମଧ୍ୟରେ ଝଲସିଉଠିବ ଏକାମ୍ର କ୍ଷେତ୍ର। ଏହି ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।**

ଭୁବନେଶ୍ୱର,୧୭।୮ (ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଏକାମ୍ର ପ୍ରକଳ୍ପର ସମୀକ୍ଷା କରିଛନ୍ତି। ବୈଠକରେ ଏକାମ୍ର କ୍ଷେତ୍ର ଯୋଜନା ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରାଯାଇଥିଲା। ଲିଙ୍ଗରାଜ ମନ୍ଦିର ସନ୍ନିକଟ ୬୭ ଏକର ପରିମିତ ଜମି ଉପରେ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଭବ୍ୟ ବିକାଶ କରାଯାଇ ଶାନ୍ତି ତଥା ଭକ୍ତିମୟ ପରିବେଶ ସୃଷ୍ଟି କରାଯିବ। ପୂର୍ବରୁ ୧୦ରୁ ୧୫ ହଜାର ଲୋକ ମନ୍ଦିର ସମ୍ମୁଖରେ ସମବେତ ହେବାରେ ଅସୁବିଧା ହେଉଥିଲା। ଏହି ନୂଆ ଯୋଜନାରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମହାପ୍ରଭୁଙ୍କର ଶିବରାତ୍ରି ଉତ୍ସବରେ ସାମିଲ ହୋଇପାରିବେ। ମହାଦୀପ ଦର୍ଶନର ଆଧାତ୍ମିକ ଅନୁଭବ ଲାଭ କରିପାରିବେ। ଶିବରାତ୍ରି ସହିତ ଅଶୋକାଷ୍ଟମୀ ରଥଯାତ୍ରା ଏବଂ ଅନ୍ୟ ଯାନିଯାତ୍ରା ସମୟରେ ତୀର୍ଥଯାତ୍ରୀ ପରିଚାଳନାରେ ମଧ୍ୟ ଏହି ଯୋଜନା ବିଶେଷ ସହାୟକ ହେବ। ଶ୍ରାବଣ ମାସରେ ଲକ୍ଷ ଲକ୍ଷ କାଉଡିଆ ଲିଙ୍ଗରାଜ ମନ୍ଦିରକୁ ଜଳାଭିଷେକ କରିବାକୁ ଆସିଥାଆନ୍ତି। ସେମାନେ ଯେପରି ସୁବିଧାରେ ଓ ଶୃଙ୍ଖଳିତ ଭାବେ ମନ୍ଦିରକୁ ଯାଇ ପାଣି ଲାଗି ଓ ପୂଜା କରିପାରିବେ ସେଥିପାଇଁ ଏହି ଯୋଜନାରେ ☞ପୃଷ୍ଠା-୪




ଏକାମ୍ର ପ୍ରକଳ୍ପର ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

- ବର୍ଷକରେ ସରିବ ପ୍ରକଳ୍ପ କାର୍ଯ୍ୟ, ଫେରିବ ୩୫୦ ବର୍ଷର ଐତିହ୍ୟ
- ବିନ୍ଦୁସାଗରରୁ ଶ୍ରୀଲିଙ୍ଗରାଜ ମନ୍ଦିର ସିଧା ଦେଖିହେବ
- ଶିବରାତ୍ରିରେ ଏକାଠି ହୋଇପାରିବେ ୨ ଲକ୍ଷ ଶ୍ରଦ୍ଧାଳୁ
- ନିର୍ମାଣ ହେବ ଭଜନ ମଣ୍ଡପ, ଓରିଏଣ୍ଟେଶନ ସେଣ୍ଟର, ଫୁଡ୍ ପ୍ଲାଜା

# ନିର୍ଦ୍ଧାରିତ ସମୟରେ ହେବ ଜେଇଇ, ନିଟ୍-ୟୁଜି ପରୀକ୍ଷା

ନୂଆଦିଲ୍ଲୀ, ୧୭।୮ (ପି.ଟି.)

## ସ୍ଥଗିତ ରଖିବା ଆବେଦନ ସୁପ୍ରିମକୋର୍ଟରେ ଖାରଜ



ନିର୍ଦ୍ଧାରିତ ସମୟ ଅନୁଯାୟୀ ଯୁଗ୍ମ ପ୍ରବେଶିକା ପରୀକ୍ଷା ଜେଇଇ (ମେନ୍) ଏବଂ ନିଟ୍ ଅଣ୍ଡରଗ୍ରାଜୁଏଟ୍ ପରୀକ୍ଷା ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହେବ। କୋଭିଡ୍-୧୯ ସଂକ୍ରମଣ ବଢୁଥିବାରୁ ପରୀକ୍ଷା ସ୍ଥଗିତ ରଖିବା ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ମୂଲ୍ୟବାନ ବର୍ଷକୁ ନଷ୍ଟ ହେବାକୁ ଦିଆଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। କୋଭିଡ୍-୧୯ ଆଳରେ ପିଲାମାନଙ୍କ କ୍ୟାରିୟରକୁ ଦୀର୍ଘଦିନ ପର୍ଯ୍ୟନ୍ତ ସଂଶୟ ମଧ୍ୟରେ ରଖାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି। ଜଷ୍ଟିସ୍ ମିଶ୍ରଙ୍କ ସମେତ ଜଷ୍ଟିସ୍ ବି.ଆର୍. ଗଭାଇ ଓ କ୍ରିଷ୍ଣା ମୁରାରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଭିଡିଓ କନ୍ଫରେନ୍ସ ଜରିଆରେ ପିଟିଶନର ଶୁଣାଣି କରି ନିର୍ଦ୍ଧାରିତ ସମୟରେ ପରୀକ୍ଷା କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ପରୀକ୍ଷା ପରିଚାଳନା ବେଳେ ଉପଯୁକ୍ତ ସାବଧାନତା ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ କହିଥିଲେ।

ଆବେଦନକାରୀଙ୍କ ପକ୍ଷର ଓକିଲ ଖଣ୍ଡପୀଠଙ୍କୁ କହିଥିଲେ, ଲକ୍ଷ ଲକ୍ଷ ଛାତ୍ରୀଛାତ୍ର ପରୀକ୍ଷା ସ୍ଥଗିତ ରଖାଯିବାକୁ ଚାହାନ୍ତି। ସେମାନେ ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ଅପେକ୍ଷା କରି ରହିଛନ୍ତି। ଜେଇଇ ମେନ୍ ଏପ୍ରିଲ ୨୦୨୦ ଏବଂ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ନିଟ୍)- ଅଣ୍ଡରଗ୍ରାଜୁଏଟ୍ ପରୀକ୍ଷା ସେପ୍ଟେମ୍ବରରେ କରିବା ପାଇଁ ଜୁଲାଇ ୩ରେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ନୋଟିସ୍ ଜାରି ହୋଇଥିଲା। ନୋଟିସ୍ ଅନୁଯାୟୀ ଜେଇଇ ମେନ୍ ପରୀକ୍ଷା ସେପ୍ଟେମ୍ବର ୧ରୁ ୬ ଏବଂ ନିଟ୍ ୟୁଜି ପରୀକ୍ଷା ☞ପୃଷ୍ଠା-୪

# ୧୯ରେ ଯୁକ୍ତ୨ ବାଣିଜ୍ୟ ଫଳ

## ୩୧ ସୁଦ୍ଧା କଳା ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ

ଭୁବନେଶ୍ୱର, ୧୭।୮ (ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ବାଣିଜ୍ୟ ପରୀକ୍ଷା ଫଳ ଆସନ୍ତା ୧୯ ତାରିଖରେ ପ୍ରକାଶ ପାଇବ। ବୁଧବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଫଳାଫଳ ଘୋଷଣା କରାଯିବ ବୋଲି ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଚଳିତବର୍ଷ ୩ଲକ୍ଷ ୫୦ହଜାର ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେଇଥିବାବେଳେ ୩୨ ହଜାରରୁ ଊର୍ଦ୍ଧ୍ୱ ବାଣିଜ୍ୟ ପରୀକ୍ଷା ଦେଇଥିଲେ। ପ୍ରତିବର୍ଷ କଳା ସହ ବାଣିଜ୍ୟ ପରୀକ୍ଷା ଫଳ ଗୋଟିଏ ଦିନରେ ପ୍ରକାଶ ପାଇଥାଏ। କିନ୍ତୁ ଏଥର ବାଣିଜ୍ୟ ପରୀକ୍ଷା ଫଳ ଆଗୁଆ ପ୍ରକାଶ ପାଇବ। ସେହିପରି ୩୧ ତାରିଖ ସୁଦ୍ଧା କଳା ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୧୨ ତାରିଖରେ ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ଏହାପରେ ☞ପୃଷ୍ଠା-୪

# ୧୫ ପଇସା ବଢ଼ିଲା ପେଟ୍ରୋଲ

**ଭୁବନେଶ୍ୱର,୧୭।୮:** ପେଟ୍ରୋଲ ଦର ଲଗାତର ଭାବେ ଦ୍ୱିତୀୟ ଦିନ ଲାଗି ବୃଦ୍ଧି ଘଟିଛି। ରବିବାର ଭୁବନେଶ୍ୱରରେ ପେଟ୍ରୋଲ ଦର ଲିଟର ପିଛା ୧୨ ପଇସା ବଢ଼ିଥିବା ବେଳେ ସୋମବାର ୧୫ ପଇସା ବଢ଼ିଛି। ଫଳରେ ଦର ୮୧.୭୦ ଟଙ୍କା ଛୁଇଁଛି। ଏଠାରେ ଡିଜେଲ ଲିଟର ପିଛା ଦର ୮୦.୦୩ ଟଙ୍କା ରହିଛି। ଗତ କିଛି ଦିନ ହେବ ପେଟ୍ରୋଲ ଦର କୌଣସି ବୃଦ୍ଧି ଘଟି ନ ଥିବା ବେଳେ ପୁଣି ଥରେ ଏଥିରେ ଏବେ ଦର ବଢୁଥିବା ନଜରକୁ ଆସିଛି। ବର୍ତ୍ତମାନ ସାରା ଦେଶରେ ଡିଜେଲ ଉପରେ ଦର ଅପରିବର୍ତ୍ତିତ ରହିଥିବା ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ସୂଚନା ଦେଇଛନ୍ତି। ଏହି ସମୟରେ ଦେଶର ମେଟ୍ରୋ ସହରଗୁଡିକରେ ପେଟ୍ରୋଲ ଦର ଲିଟର ପିଛା ୧୨ରୁ ୧୬ ପଇସା ବଢ଼ିଥିବା ଜଣାପଡିଛି। ନୂଆଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୬ ପଇସା ବୃଦ୍ଧି ଘଟି ୮୦.୭୩ ଟଙ୍କା ଛୁଇଁଛି। ସେହିଭଳି ଚେନ୍ନାଇରେ ୧୨ ପଇସା ବଢ଼ି ୮୩.୮୭ ଟଙ୍କା, କୋଲକାତାରେ ୧୩ ପଇସା ବୃଦ୍ଧି ପାଇ ୮୨.୩୦ ଟଙ୍କା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ୧୪ ପଇସା ଉଚ୍ଚରେ ରହିବା ଯୋଗୁ ଦର ୮୭.୪୫ ଟଙ୍କା ସ୍ତରରେ ରହିଛି। ଏହି ସହରଗୁଡିକରେ ଡିଜେଲ ଲିଟର ପିଛା ଦର ଯଥାକ୍ରମେ ୭୩.୫୬ ଟଙ୍କା, ୭୮.୮୬ ଟଙ୍କା, ୭୭.୦୬ ଟଙ୍କା ଏବଂ ୮୦.୧୧ ଟଙ୍କା ରହିଛି। କିଛି ଦିନ ହେବ ପେଟ୍ରୋଲ,ଡିଜେଲ ଦରରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ରବିବାର ପେଟ୍ରୋଲ ଉପରେ ଦର ବୃଦ୍ଧି ହେବା ଆଗରୁ ୨୯ ଜୁନରେ ଶେଷ ଥର ଲାଗି ଦର ବୃଦ୍ଧି ଘଟିଥିଲା। ସେହିଭଳି ଗତ ୧୭ ଦିନ ହେବ ଡିଜେଲ ଦରରେ କୌଣସି ପରିବର୍ତ୍ତନ ଘଟିନାହିଁ। ତୈଳ ବିପଣନ କମ୍ପାନୀଗୁଡିକର ମୂଲ୍ୟ ସମୀକ୍ଷା ପରେ ପ୍ରତିଦିନ ପେଟ୍ରୋଲ ଏବଂ ଡିଜେଲ ଦର ନିର୍ଦ୍ଧାରିତ ହୋଇଥାଏ। ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ, ହିନ୍ଦୁସ୍ଥାନ ପେଟ୍ରୋଲିୟମ ଭଳି କମ୍ପାନୀ ପ୍ରତିଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ ଦର ସଂଶୋଧନକୁ ଜାରି କରିଥାନ୍ତି।

**ଘୁଞ୍ଚିବନି ଜେଇଇ, ଏନ୍‌ଇଇଟି ପରୀକ୍ଷା।**




# ଆଉ ୨,୨୪୪ ଚିହ୍ନଟ, ୧୦ ମୃତ

ଭୁବନେଶ୍ୱର,୧୭।୮ (ବ୍ୟୁରୋ)

**ରାଜ୍ୟରେ ପଜିଟିଭ୍ ହାର ୬.୫%**

- ଆକ୍ରାନ୍ତ ସଂଖ୍ୟା ୬୨,୨୯୪, ମୃତ୍ୟୁ ୩୫୩
- ଖୋର୍ଦ୍ଧାରେ ଭୟଙ୍କର ହେଉଛି ସଂକ୍ରମଣ
- ରାଜ୍ୟରେ ସୁସ୍ଥ ହେଲେ ଆଉ ୧୫୦୩



ରାଜ୍ୟରେ ଏବେ କରୋନା ସଂକ୍ରମଣ ଅଧିକ ରହିଛି। ଲଗାତର ୩ଦିନ ହେବ ୨ହଜାର ଉପରେ କରୋନା ପଜିଟିଭ୍ ବାହାରୁଛନ୍ତି। ପ୍ରଥମ ଦୁଇଦିନରେ ୫,୪୨୦ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଶେଷ ୨୪ ଘଣ୍ଟାରେ ଆଉ ୨,୨୪୪ ରିପୋର୍ଟ ପଜିଟିଭ୍ ଆସିଛି। ୧,୩୯୦ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୮୫୪ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ଆକ୍ରାନ୍ତ ସଂଖ୍ୟା ୬୨,୨୯୪ରେ ପହଞ୍ଚିଛି। ଇତିମଧ୍ୟରେ ମୋଟ ୯,୫୮,୯୨୯ଟି ନମୁନା ପରୀକ୍ଷା କରାଯାଇଥିବାବେଳେ ଚିହ୍ନଟ ପଜିଟିଭ୍ ହାର ୬.୫% ରହିଛି। ସେହିଭଳି କରୋନାରେ ପୁଣି ୧୦ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୫୩ ଛୁଇଁଛି।

ତେବେ ସଂକ୍ରମଣରେ ଏବେବି ଖୋର୍ଦ୍ଧା ଶୀର୍ଷରେ ରହିଛି। ☞ପୃଷ୍ଠା-୪

# ଆତଙ୍କବାଦୀ ଆକ୍ରମଣରେ ୩ ଯବାନ ଶହୀଦ

ଶ୍ରୀନଗର, ୧୭।୮ (ପି.ଟି.)

## ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲାରେ ସୋମବାର ଆତଙ୍କବାଦୀଙ୍କ ଆକ୍ରମଣରେ ସିଆର୍‌ପିଏଫ୍‌ର ୨ ଯବାନଙ୍କ ସମେତ ଜଣେ ପୋଲିସ ଶହୀଦ ହୋଇଛନ୍ତି। ଏହାର କିଛି ସମୟ ପରେ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଥିବା ଜଣାପଡିଛି। ସୁରକ୍ଷା ବାହିନୀର ନାକା ପାର୍ଟି ଉପରେ ଆତଙ୍କବାଦୀ ଆକ୍ରମଣ କରିବାରୁ ୨ ସିଆର୍‌ପିଏଫ୍ ଯବାନ ଏବଂ ଜମ୍ମୁ-କଶ୍ମୀର ପୋଲିସର ଜଣେ ଏସ୍‌ପିଓ ପ୍ରାଣ ହରାଇଥିଲେ। ଏହା ପରେ ସୁରକ୍ଷା କର୍ମୀ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରି ଆତଙ୍କବାଦୀଙ୍କୁ ପିଛା କରିଥିଲେ। ଜିଲାର କ୍ରିରି ଅଞ୍ଚଳରେ ଆତଙ୍କବାଦୀଙ୍କ ସହ ସୁରକ୍ଷା କର୍ମୀଙ୍କର ଗୁଳି ବିନିମୟ ହୋଇଥିଲା। ଏଥିରେ ୨ ଜଣ ଆତଙ୍କବାଦୀ ନିହତ ହୋଇଥିବା ପୋଲିସ କହିଛି। ଲଶ୍କର-ଇ-ତୋଇବାର ୩ ଜଣ ଆତଙ୍କବାଦୀ ଆକ୍ରମଣରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି ବୋଲି କଶ୍ମୀର ପୋଲିସ ଆଇଜି ବିଜୟ କୁମାର କହିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ସେମାନେ ଘଞ୍ଚ ଉଦ୍ୟାନ ମଧ୍ୟରୁ ବାହାରି ନାକା ପାର୍ଟି ଉପରେ ଆଖିବୁଜା ଗୁଳି ବର୍ଷଣ କରିଥିଲେ। ଏହାର ଠିକଣା ଜବାବ ଦିଆଯିବ ବୋଲି ଆଇଜି କହିଛନ୍ତି।



# ପଦ୍ମ ବିଭୂଷଣ ପଣ୍ଡିତ ଯଶରାଜଙ୍କ ପରଲୋକ

ନୂଆଦିଲ୍ଲୀ, ୧୭।୮ (ପି.ଟି.)

ବିଶ୍ୱର ଅନ୍ୟତମ ଖ୍ୟାତନାମା ଭାରତୀୟ ଶାସ୍ତ୍ରୀୟ ଗାୟକ ପଣ୍ଡିତ ଯଶରାଜଙ୍କର ସୋମବାର ଆମେରିକାର ନ୍ୟୁଜର୍ସିରେ ପରଲୋକ ହୋଇଯାଇଛି। ତାଙ୍କୁ ୯୦ ବର୍ଷ ହୋଇଥିଲା। ବାବୁଜୀ ଚାଲିଗଲେ ବୋଲି ତାଙ୍କ ଝିଅ ଦୁର୍ଗା ମୁମ୍ବାଇରୁ ଫୋନ୍ ଯୋଗେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ୧୯୩୦ରେ ହରିୟାଣାରେ ଜନ୍ମିତ ଯଶରାଜ ଦୀର୍ଘ ୮ ଦଶନ୍ଧି ଧରି ସଙ୍ଗୀତ ସହ ଜଡ଼ିତ ରହିଥିଲେ। ୨୦୦୦ରେ ଭାରତ ସରକାର ତାଙ୍କୁ ☞ପୃଷ୍ଠା-୪

# ଲା-ନିନା ପ୍ରଭାବ: ସେପ୍ଟେମ୍ବରରେ ପ୍ରବଳ ବର୍ଷିବ

ଭୁବନେଶ୍ୱର,୧୭।୮ (ବ୍ୟୁରୋ)

## ବିଳମ୍ବରେ ଫେରିପାରେ ମୌସୁମୀ

ଚଳିତବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ବିଳମ୍ବରେ ପ୍ରତ୍ୟାବର୍ତ୍ତନ କରିବ। ରାଜ୍ୟର ସେପ୍ଟେମ୍ବର ମାସରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ପ୍ରଶାନ୍ତ ମହାସାଗରରେ ଶରତ ଋତୁରେ ଲା-ନିନା ସୃଷ୍ଟି ହେବ ବୋଲି ଆମେରିକାର ଜାତୀୟ ସାମୁଦ୍ରିକ ଓ ବାୟୁମଣ୍ଡଳୀୟ ପ୍ରଶାସନ ଅନୁମାନ କରିଛି। ଶୀତଋତୁ ପର୍ଯ୍ୟନ୍ତ ଲା-ନିନାର ପ୍ରଭାବ ୫୦ରୁ ୫୫ ପ୍ରତିଶତ ରହିବା ସମ୍ଭାବନା ରହିଛି ବୋଲି ଅନୁମାନ କରାଯାଇଛି। ବର୍ତ୍ତମାନ ଏଲ୍ ନିନ୍ୟୋ ପ୍ରଶାନ୍ତ ମହାସାଗରରେ ବିଷୁବ ରେଖାରେ ସୁପ୍ତ ଅବସ୍ଥାରେ ରହିଛି। ଏହାର ପ୍ରଭାବ ଜଳଭାଗ ଉପରେ ପଡୁନାହିଁ। ଗତ ୪ ସପ୍ତାହ ହେବ ବିଷୁବ ରେଖା ନିକଟ ଅନ୍ତର୍ଜାତୀୟ ଡେଟ୍ ଲାଇନ ନିକଟସ୍ଥ ପୂର୍ବ ପ୍ରଶାନ୍ତ ମହାସାଗର ସମୁଦ୍ର ଜଳ ପୂର୍ବ ଭାଗ ସ୍ୱାଭାବିକ ତାପମାତ୍ରାଠାରୁ କମ୍ ରହିଛି। ଅନ୍ତର୍ଜାତୀୟ ଡେଟ୍ ଲାଇନ ହେଉଛି ଭୂପୃଷ୍ଠର ଏକ କାଳ୍ପନିକ ରେଖା। ଲା-ନିନା ଜଳ ଭାଗକୁ ଥଣ୍ଡା ରଖିବାରେ ସହାୟକ ହୋଇଥିବା ବେଳେ ଏଲ ନିନ୍ୟୋ ଜଳର ତାପମାତ୍ରା ବୃଦ୍ଧିରେ ସହାୟକ ହୋଇଥାଏ। ଲା-ନିନା ଯୋଗୁ ସମୁଦ୍ରର ଉପରି ଭାଗ ଜଳର ତାପମାତ୍ରା ବୃଦ୍ଧି ହୋଇ ନ ଥାଏ। ଏହାଦ୍ୱାରା ଭୂମଧ୍ୟ ସାଗରୀୟ ବାୟୁ ପ୍ରବାହ ହୋଇଥାଏ, ଯାହା କି ମୌସୁମୀକୁ ସ୍ୱାଭାବିକ କରିବାରେ ବିଶେଷ ସହାୟକ ହୋଇଥାଏ। ମାତ୍ର ଏଲ ନିନ୍ୟୋ ବାୟୁ ପ୍ରବାହ ଗତିକୁ ଧିମା କରିବା ସହିତ ଜଳଭାଗକୁ ଉତ୍ତପ୍ତ କରିବାରେ ସାହାଯ୍ୟ କରିଥାଏ, ଯାହା କି ବିଶ୍ୱ ଜଳବାୟୁ ଉପରେ ଏହାର କୁପ୍ରଭାବ ପକାଇଥାଏ। ବିଶେଷ କରି ଆଫ୍ରିକା, ଭାରତ ଏବଂ ଉତ୍ତର ଆମେରିକୀୟ ଦେଶଗୁଡିକର ମୌସୁମୀ ପ୍ରଭାବିତ ହୋଇଥାଏ। ଏଲ ନିନ୍ୟୋର ପ୍ରଭାବ ଯୋଗୁ ଭାରତରେ ମୌସୁମୀ ପ୍ରଭାବିତ ହୋଇଥିବାରୁ ସ୍ୱଳ୍ପ ବୃଷ୍ଟି ହେବା ସହ କେତେକ ଅଞ୍ଚଳରେ ବେଳେ ବେଳେ ମରୁଡି ଦେଖା ଦେଇଥାଏ। ଲା-ନିନା ଦେଖାଦେଲେ ଭାରତରେ ମୌସୁମୀ ବର୍ଷା ଅଧିକ ହେବା ସହ କେତେକ ରାଜ୍ୟରେ ବନ୍ୟା ପରିସ୍ଥିତି ଉପୁଜି ଥାଏ। ଚଳିତବର୍ଷ ଲା-ନିନା ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଦକ୍ଷିଣ ପଶ୍ଚିମ ମୌସୁମୀ ଯୋଗୁ ରାଜ୍ୟରେ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏପରିକି ବଙ୍ଗୋପସାଗରରେ ଅଧିକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ପୂର୍ବତନ ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ଶରତ କୁମାର ସାହୁ କହିଛନ୍ତି ଯେ, ଉତ୍ତର ପୂର୍ବ ଦିଗ ଅର୍ଥାତ୍ ରାଜସ୍ଥାନ ପଟରୁ ସେପ୍ଟେମ୍ବର ୧୫ ସୁଦ୍ଧା ମୌସୁମୀ ଅପସାରଣ ଆରମ୍ଭ ହୋଇଥାଏ। ଓଡ଼ିଶାରେ ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ମୌସୁମୀ ପ୍ରତ୍ୟାବର୍ତ୍ତନ ଘୋଷଣା କରାଯାଇଥାଏ। ତେବେ ଚଳିତବର୍ଷ ଏଥିରେ ସାମାନ୍ୟ ବିଳମ୍ବ ହୋଇପାରେ ବୋଲି ଅନୁମାନ କରାଯାଉଛି। ରାଜ୍ୟକୁ ଜୁନ ୧୧ ☞ପୃଷ୍ଠା-୪

# ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ କରୋନା

ବରଗଡ଼ ଅଫିସ୍,୧୭।୮



ସୁଶାନ୍ତ ସିଂ

ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ମନ୍ତ୍ରୀ ସିଂ ସୋମବାର ନିଜେ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନେ ହୋମ୍ ଆଇସୋଲେଶନରେ ରହିବା ସହିତ କୋଭିଡ୍ ପରୀକ୍ଷା କରାଇ ନେବା ପାଇଁ ସେ ଅନୁରୋଧ କରିଛନ୍ତି। ଗତ ୧୫ତାରିଖରେ ମନ୍ତ୍ରୀ ସିଂ ବାଲେଶ୍ୱର ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ସେଠାରୁ ଫେରି କୋଭିଡ ପରୀକ୍ଷା କରାଇବା ପରେ ତାଙ୍କର ରିପୋର୍ଟ ପଜିଟିଭ ଆସିଛି। ରାଜ୍ୟରେ ପ୍ରଥମ ମନ୍ତ୍ରୀ ଭାବେ ସୁଶାନ୍ତ ସିଂ କରୋନା ଆକ୍ରାନ୍ତ ବୋଲି ଜଣାପଡିଛି। ଉଲ୍ଲେଖନୀୟ, ପୂର୍ବରୁ ନିଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା ଏବଂ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା କରୋନାରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଛନ୍ତି।

**ଆଜିର ସମ୍ପାଦକୀୟ**

ଫେସ୍‌ବୁକ୍

**ଆଜିର ମନ୍ତବ୍ୟ**

"ଦିଲ୍ଲୀରେ ନିର୍ବାଚନୀ ଫାଇଦା ଲାଗି ଶାହିନବାଗ୍‌ରେ ଭାଜପା ବିକ୍ଷୋଭ କରାଇଥିଲା।

– ସୌରଭ ଭରଦ୍ୱାଜ, ଏଏପି ମୁଖପାତ୍ର

## ବିଳମ୍ବିତ ହୋଇପାରେ ଗଗନୟାନ ମିଶନ

କରୋନା ମହାମାରୀ ଯୋଗୁ ଆଗାମୀ ଡିସେମ୍ବରରେ ଗଗନୟାନର ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ଭାରତର ପ୍ରଥମ ମାନବବିହୀନ ମହାକାଶ ମିଶନ ବିଳମ୍ବିତ ହୋଇପାରେ। ୨୦୨୧ ଡିସେମ୍ବରରେ ଗଗନୟାନରେ ମହାକାଶକୁ ମାନବ ପ୍ରେରଣ କରିବା ପୂର୍ବରୁ ଦୁଇ ପର୍ଯ୍ୟାୟରେ ମାନବବିହୀନ ମିଶନ ପାଇଁ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଯୋଜନା ପ୍ରସ୍ତୁତ କରିଥିଲା।



କୋଲକାତାର କୁମାରଟୁଲି ଷ୍ଟୁଡିଓରେ ବିଶାଳ ବୁଦ୍ଧମୂର୍ତ୍ତି ନିର୍ମାଣରେ ନିୟୋଜିତ କାରିଗର। ଏହି ମୂର୍ତ୍ତି ବୋଧଗୟା ମନ୍ଦିରରେ ସ୍ଥାପନ ହେବ।

## ପାର୍ଲାମେଣ୍ଟ ଆନେକ୍ସ ବିଲ୍ଡିଂରେ ନିଆଁ

ନୂଆଦିଲ୍ଲୀ, ୧୭।୮(ପି.ଟି.)

କେନ୍ଦ୍ରୀୟ ଦିଲ୍ଲୀରେ ଥିବା ପାର୍ଲାମେଣ୍ଟ ଆନେକ୍ସ ବିଲ୍ଡିଂର ଷଷ୍ଠ ମହଲାରେ ସୋମବାର ସକାଳେ ନିଆଁ ଲାଗିଯାଇଥିଲା। ଘଟଣାସ୍ଥଳକୁ ଅଗ୍ନିଶମ ବିଭାଗର ୬ଟି ଦମକଳ ଯାଇ ନିଆଁକୁ ଲିଭାଇଛନ୍ତି। ଉକ୍ତ ମହଲାର ୬୩୩ ନମ୍ବର ପ୍ରକୋଷ୍ଠରେ ନିଆଁ ଲାଗିଥିଲା ବୋଲି ଦିଲ୍ଲୀ ଅଗ୍ନିଶମ ବିଭାଗର ଜଣେ ଅଧିକାରୀ କହିଛନ୍ତି। ଏଥିରେ କେହି ଆହତ ହୋଇନାହାନ୍ତି କିମ୍ବା କୌଣସି କ୍ଷତି ହୋଇନାହିଁ। ଶର୍ଟ ସର୍କିଟ୍‌ରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

## ଭାରତ ସହ ଏକାଠି କାର୍ଯ୍ୟ କରିବାକୁ ପ୍ରସ୍ତୁତ: ଚାଇନା

ବେଜିଂ, ୧୭।୮(ପି.ଟି.)

ରାଜନୈତିକ ଆପୋଷ ଆସ୍ଥା ବଢ଼ାଇବା ଓ ମତପାର୍ଥକ୍ୟକୁ ଦୂର କରିବା ତଥା ଦ୍ୱିପାକ୍ଷିକ ସମ୍ପର୍କର ଦୀର୍ଘମିଆଦୀ ବିକାଶ ବଜାୟ ରଖିବା ଲାଗି ଭାରତ ସହିତ ଏକାଠି କାର୍ଯ୍ୟ କରିବାକୁ ଚାଇନା ପ୍ରସ୍ତୁତ ବୋଲି ସୋମବାର କହିଛି। ଦେଶର ସାର୍ବଭୌମତ୍ୱ ପ୍ରତି ଯେଉଁମାନେ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲେ ସେମାନଙ୍କୁ ଭାରତୀୟ ସେନା ଉପଯୁକ୍ତ ଜବାବ ଦେଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସ ଅଭିଭାଷଣ କହିଥିଲେ। ଏହା ଉପରେ ଚାଇନାର ପ୍ରତିକ୍ରିୟା ସମ୍ପର୍କରେ ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଜିଜିଆନଙ୍କୁ ପ୍ରଶ୍ନ କରାଯିବାରୁ ସେ ଉପରୋକ୍ତ ମତ ରଖିଛନ୍ତି। ୭୪ତମ ସ୍ୱାଧୀନତା ଦିବସରେ ଲାଲ୍‌କିଲ୍ଲାରୁ ଉଦ୍‌ବୋଧନ ଦେଇ ମୋଦି କହିଥିଲେ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରୁ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଯାଏ କେହି ଯଦି ଦେଶର ସାର୍ବଭୌମତ୍ୱ ଉପରେ ଆଖି ପକାଏ ତେବେ ସଶସ୍ତ୍ର ବାହିନୀ ସେମାନେ ବୁଝିପାରୁଥିବା ଭାଷାରେ ଜବାବ ଦେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ମୋଦିଙ୍କ ଭାଷଣ ଆମ ଦୃଷ୍ଟିକୁ ଆସିଥିବା ଝାଓ କହିଛନ୍ତି। ଭାରତ ଓ ଚାଇନା ଦୁଇ ଜନବହୁଳ ପଡୋଶୀ ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବା ଜରୁରୀ। ଏହା କେବଳ ଦୁଇ ଦେଶବାସୀଙ୍କ ସ୍ୱାର୍ଥ ସାଧନ କରିବ ତାହା ନୁହେଁ, ଉକ୍ତ ଅଞ୍ଚଳ ସମେତ ସାରା ବିଶ୍ୱରେ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି ଆଣିପାରିବ ବୋଲି ଝାଓ କହିଥିଲେ। ସେଥିପାଇଁ ଉଭୟ ପକ୍ଷ ପରସ୍ପରକୁ ସମ୍ମାନ ଜଣାଇବା ଓ ସମର୍ଥନ ଦେବା ଉପଯୁକ୍ତ ମାର୍ଗ। ସେଥିପାଇଁ ଚାଇନା ଭାରତ ସହ ଏକାଠି କାର୍ଯ୍ୟ କରିବାକୁ ପ୍ରସ୍ତୁତ ବୋଲି ବହିର୍ବ୍ୟାପାର ମୁଖପାତ୍ର କହିଛନ୍ତି।



ଝାଓ ଜିଜିଆନ

## ଫେସ୍‌ବୁକ୍-ଭାଜପା ଭିତିରି ସମ୍ପର୍କ

# ଜେପିସି ତଦନ୍ତ ଦାବି

ନୂଆଦିଲ୍ଲୀ, ୧୭।୮(ପି.ଟି.)

ଉତ୍ତେଜନାପୂର୍ଣ୍ଣ ଭାଷଣ ନିୟମର ଉଲ୍ଲଂଘନ କରୁଥିବା ଭାଜପା ନେତାଙ୍କ ବିରୋଧରେ ଫେସ୍‌ବୁକ୍ ଜାଣିଶୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଆମେରିକା ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏହାର ତଦନ୍ତ ଦାବି କରିଛି ସିପିଆଇ(ଏମ୍)। ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟଫର୍ମ ଫେସ୍‌ବୁକ୍‌ରେ ଶାସକ ଦଳ ପୁଞ୍ଜିନିବେଶ କରିଥିବା ନେଇ ପ୍ରଶ୍ନ ଉଠିଛି। ତେଣୁ ଫେସ୍‌ବୁକ୍ ଓ ଭାଜପା ମଧ୍ୟରେ ରହିଥିବା ମଧୁଚନ୍ଦ୍ରିକାର ତଦନ୍ତ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା କରାଯିବାକୁ ସିପିଏମ୍ ପକ୍ଷରୁ ଦାବି କରାଯାଇଛି। ଭାଜପା ସହ ଏହି ସୋସିଆଲ ମିଡିଆର ଥିବା ସମ୍ପର୍କର ଜେପିସି ତଦନ୍ତ କରାଯାଉ ବୋଲି କଂଗ୍ରେସ ରବିବାର ଦାବି କରିଥିଲା। ସାମ୍ପ୍ରଦାୟିକ ଘୃଣ୍ୟ ବିଷୟବସ୍ତୁକୁ ରୋକିବା ଲାଗି ଫେସ୍‌ବୁକ୍ ପ୍ରଣୟନ କରିଥିବା ନୀତିକୁ ନିଜେ ଉଲ୍ଲଂଘନ କରୁଥିବା ନେଇ ସିପିଏମ୍ ପଲିଟବ୍ୟୁରୋ ପକ୍ଷରୁ ନିନ୍ଦା କରାଯାଇଛି। ଏହାକୁ କୌଣସି ସରକାରୀ ବିଭାଗ କିମ୍ବା ସାମ୍ବିଧାନିକ ସଂସ୍ଥା ସହ କାର୍ଯ୍ୟ କରିବାକୁ ନ ଦେବା ପାଇଁ ପଲିଟବ୍ୟୁରୋ ଦାବି କରିଛି।

ଫେସ୍‌ବୁକ୍‌କୁ ନେଇ ରାଜନୈତିକ ବିବାଦ ପରେ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମ ପ୍ରତି ବ୍ୟବହାରକାରୀ କ୍ଷୁବ୍ଧ ହୋଇଛନ୍ତି। ଫେସ୍‌ବୁକ୍‌ର ଭାରତରେ ଥିବା ଟିମ୍ ଶାସକ ଦଳ ପ୍ରତି ଅନୁକମ୍ପା ଦେଖାଉଛନ୍ତି। ଏହି ଅଭିଯୋଗ ଆସିବା ପରେଭାରତ ଅନେକ ଫେସ୍‌ବୁକ୍ ବ୍ୟବହାରକାରୀ ଏହାକୁ ଡିଲିଟ୍ କରିଦେଇଥିବା ଦାବି କରିଛନ୍ତି। ଭାରତୀୟ ସୋସିଆଲ ମିଡିଆ ମଧ୍ୟ ଫେସ୍‌ବୁକ୍ ନିଷିଦ୍ଧ କରାଯାଉ ବୋଲି ଦାବି କରିଛନ୍ତି। କଂଗ୍ରେସ ନେତା ଶଶି ଥରୁର ମଧ୍ୟ ଅନୁରୂପ ଦାବି କରିଥିବା ଜଣାପଡ଼ିଛି। ପ୍ରଥମ ଥର ଲାଗି ଫେସ୍‌ବୁକ୍ ନିଷିଦ୍ଧ କରିବା ଦାବି ଉଠିନାହିଁ। ପୂର୍ବରୁ ଏକାଧିକ ଥର ଏଭଳି ଅଭିଯୋଗ ଆସିଛି।



ଫେସ୍‌ବୁକ୍ ମୁଖ୍ୟ ମାର୍କ ଜୁକେରବର୍ଗଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି (ଫାଇଲ ଫଟୋ)

## ଜୀବନ ପ୍ରତି ବିପଦ ଅଭିଯୋଗ ଆଣିଲେ ଫେସ୍‌ବୁକ୍ ଅଧିକାରୀ

ନୂଆଦିଲ୍ଲୀ, ୧୭।୮: ଦିଲ୍ଲୀରେ ଥିବା ଫେସ୍‌ବୁକ୍‌ର ଜଣେ ଉଚ୍ଚ ପଦାଧିକାରୀ ତାଙ୍କ ଜୀବନ ପ୍ରତି ବିପଦ ଥିବା ଅଭିଯୋଗ ଆଣିଛନ୍ତି। ଏନେଇ ସେ ୫ ଜଣଙ୍କ ବିରୋଧରେ ଦିଲ୍ଲୀ ପୋଲିସରେ ଏତଲା ଦାଏର କରିଛନ୍ତି। ଅନ୍‌ଖି ଦାସ୍ ନାମ୍ନୀ ଏହି ଅଧିକାରୀଙ୍କ ଅଭିଯୋଗ ଅନୁଯାୟୀ ଫେସ୍‌ବୁକ୍ ଭାଜପା ନେତାଙ୍କ ଉତ୍ତେଜନାପୂର୍ଣ୍ଣ ଭାଷଣକୁ ଅଣଦେଖା କରୁଥିବା ନେଇ ବିଦେଶୀ ଗଣମାଧ୍ୟମ ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ ଖବର ପ୍ରକାଶ ପାଇବା ପରେ ତାଙ୍କ ପାଖକୁ ଅନ୍‌ଲାଇନରେ କ୍ରମାଗତ ଭାବେ ଧମକ ଆସୁଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ସହ ତାଙ୍କୁ ପୋଲିସ ସୁରକ୍ଷା ଯୋଗାଇ ଦେବାକୁ ଫେସ୍‌ବୁକ୍‌ର ଏହି ମହିଳା କାର୍ଯ୍ୟନିର୍ବାହୀ ଦାବି କରିଛନ୍ତି। ଦୁର୍ବୃତ୍ତମାନେ ନିଜ ପରିଚୟ ଗୋପନ ରଖିବା ଲାଗି ଅନ୍‌ଲାଇନ ଆକାଉଣ୍ଟ ଜରିଆରେ ଧମକ ଦେଉଛନ୍ତି। ସେମାନେ କାର୍ଯ୍ୟନିର୍ବାହୀଙ୍କ ନାଁରେ ଭୁଲ୍ ସୂଚନା ପ୍ରଚାର କରିବା ସହ ହିଂସା ଘଟାଇବାକୁ ଧମକ ଦେଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଅଗଷ୍ଟ ୧୪ରେ ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶିତ ଲେଖାକୁ ନେଇ ଏଭଳି ଧମକ ଆସୁଥିବା ଅନ୍‌ଖି ଦାସ କହିଛନ୍ତି।

## ନିଶିକାନ୍ତ କାମାତ୍‌ଙ୍କ ପରଲୋକ

ହାଇଦ୍ରାବାଦ, ୧୭।୮



ବଲିଉଡ୍ ଫିଲ୍ମ ନିର୍ମାତା ନିଶିକାନ୍ତ କାମାତ୍‌ଙ୍କ ହାଇଦ୍ରାବାଦସ୍ଥିତ ସିଟି ହସ୍ପିଟାଲରେ ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୫୦ ବର୍ଷ ବୟସ ହୋଇଥିଲା। ଯକୃତ ରୋଗରେ ସେ ପୀଡ଼ିତ ଥିଲେ। ଅଭିନେତା ରିତେଶ୍ ଦେଶମୁଖ ତାଙ୍କ ଦେହାନ୍ତ ସମ୍ପର୍କରେ ଟୁଇଟରରେ ଉଲ୍ଲେଖ କରିଛନ୍ତି। ଅଜୟ ଦେବଗନ ଓ ତବୁ ଅଭିନୀତ ଫିଲ୍ମ 'ଦୃଶ୍ୟମ୍', ଇର୍ଫାନ୍ ଖାନ୍ ଅଭିନୀତ 'ମାଡାରି'ରେ ନିଶିକାନ୍ତ ନିର୍ଦ୍ଦେଶନା ଦେଇଥିଲେ। ଜନ୍ ଆବ୍ରାହମ ଅଭିନୀତ 'ଫୋର୍ସ' ଓ 'ରକି ହ୍ୟାଣ୍ଡସମ୍' ମଧ୍ୟ ତାଙ୍କ ନିର୍ଦ୍ଦେଶନାରେ କରାଯାଇଥିଲା। ହିନ୍ଦୀ ଛଡ଼ା ମରାଠୀ ଫିଲ୍ମରେ ମଧ୍ୟ ସେ ନିର୍ଦ୍ଦେଶନା ଦେଇଥିଲେ।

ଜଣ୍ଡିସ୍ ଆକ୍ରାନ୍ତ ନିଶିକାନ୍ତଙ୍କୁ ଜୁଲାଇ ୩୧ରେ ହାଇଦ୍ରାବାଦସ୍ଥିତ ଗଚିବୋଲି ଏଆଇଜି ହସ୍ପିଟାଲକୁ ଚିକିତ୍ସା ଲାଗି ଅଣାଯାଇଥିଲା। ପରେ ତାଙ୍କ ଯକୃତ ସମସ୍ୟା ଦେଖାଦେଇଥିଲା। ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିଲା। ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରେ ଲାଗିଥିଲା ବୋଲି ଡାକ୍ତର ପ୍ରକାଶ କରିଛନ୍ତି। ନିଶିକାନ୍ତଙ୍କ ଦେହାନ୍ତରେ ବଲିଉଡ୍ ଓ ମରାଠୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଶୋକର ଛାୟା ଖେଳିଯାଇଛି।

## ନୀତି ସହ ରାଜନୈତିକ ସାଲିସ ନାହିଁ: ଫେସ୍‌ବୁକ୍

ଭାଜପା ନେତାଙ୍କ ଉତ୍ତେଜନାପୂର୍ଣ୍ଣ ଭାଷଣ ଓ ଆପତ୍ତିଜନକ ବିଷୟବସ୍ତୁକୁ ଫେସ୍‌ବୁକ୍ ଅଣଦେଖା କରୁଥିବା ନେଇ ଖବର ପ୍ରକାଶ ପାଇବା ପରେ ଉକ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମ ଏହାକୁ ଖଣ୍ଡନ କରିଛି। ଫେସ୍‌ବୁକ୍ ଘୃଣିତ ଭାଷଣ ସମ୍ପର୍କିତ ନୀତିରେ କୌଣସି ରାଜନେତା କିମ୍ବା ରାଜନୈତିକ ଦଳ ସହ ସାଲିସ କରି ନ ଥାଏ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛ। ହିଂସାକୁ ଉସୁକାଉଥିବା ଉତ୍ତେଜନାପୂର୍ଣ୍ଣ ଭାଷଣ ଓ ବିଷୟବସ୍ତୁକୁ ଆମେ ନିଷିଦ୍ଧ କରିଛୁ ଏବଂ ଏହି ନୀତି ବିଶ୍ୱସ୍ତରରେ ଲାଗୁ ହେଉଛି। ଏଥିରେ କୌଣସି ରାଜନୈତିକ ଦଳ କିମ୍ବା ନେତାଙ୍କୁ ଅନୁକମ୍ପା ଦେଖାଯାଉ ନ ଥିବା ଫେସ୍‌ବୁକ୍‌ର ଜଣେ ମୁଖପାତ୍ର କହିଛନ୍ତି। ଯେତେବେଳେ କିଛି ଅଧିକ କରିବାର ଆବଶ୍ୟକତା ରହିଛି ବୋଲି କମ୍ପାନୀ ଅନୁଭବ କରିଛି, ସେତେବେଳେ ନିୟମିତ ଅଡିଟ୍ କରାଯାଇ ନୀତିରେ ଉନ୍ନତି ଅଣାଯାଇଛି ବୋଲି ସେ କହିଛନ୍ତି।

ବିଦେଶୀ ଗଣମାଧ୍ୟମ ୱାଲ ଷ୍ଟ୍ରିଟ୍ ଜର୍ନାଲରେ ଫେସ୍‌ବୁକ୍ ସମ୍ପର୍କରେ ଉପରୋକ୍ତ ଅଭିଯୋଗ ପ୍ରକାଶ ପାଇବା ପରେ ଭାରତରେ ଏହାକୁ ନେଇ ବିବାଦ ଜୋର୍ ଧରିଛି। ଭାଜପା ଏବଂ ଆର୍‌ଏସ୍‌ଏସ୍ ଭାରତରେ ଫେସ୍‌ବୁକ୍ ଏବଂ ହ୍ୱାଟ୍ସଆପ୍‌କୁ ନିୟନ୍ତ୍ରିତ କରୁଥିବା କଂଗ୍ରେସ ଅଭିଯୋଗ କରିଛି। ନିର୍ବାଚନକୁ ପ୍ରଭାବିତ କରିବା ଲାଗି ଉପରୋକ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମ ଜରିଆରେ ଶାସକ ଦଳ ମିଥ୍ୟା ଖବର ଓ ଉତ୍ତେଜକ ଭାଷଣର ପ୍ରସାର କରୁଥିଲା। ଫେସ୍‌ବୁକ୍ ସମ୍ପର୍କରେ ଅସଲ ସତକୁ ଆମେରିକା ଗଣମାଧ୍ୟମ ପଦାକୁ ଆଣିଲା ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଟୁଇଟ୍ କରିଥିଲେ। ଏହାକୁ ଖଣ୍ଡନ କରିବାକୁ ଯାଇ ଭାଜପା ୩ ବର୍ଷ ତଳର କେମ୍ବ୍ରିଜ୍ ଆନାଲିଟିକା ଡାଟା ଦୁର୍ନୀତି ପ୍ରସଙ୍ଗ ଉଠାଇ କଂଗ୍ରେସକୁ ଚୁପ୍ କରିବାକୁ ଚେଷ୍ଟା କରିଥିଲା। ଏହି ଦୁର୍ନୀତିରେ ଧରାପଡ଼ିଥିବା ପରାଜିତ ବ୍ୟକ୍ତି ଏବେ ଆମକୁ ପ୍ରଶ୍ନ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଟୁଇଟ୍ କରିଥିଲେ।

## ଭାରତୀୟ ବଂଶୋଦ୍ଭବଙ୍କୁ ପ୍ରେସ୍ ସଚିବ ନିଯୁକ୍ତ କଲେ କମଳା ହାରିସ୍

ୱାଶିଂଟନ, ୧୭।୮(ପି.ଟି.)

ସିନେଟର ତଥା ଆମେରିକା ଡେମୋକ୍ରାଟ ପାର୍ଟିର ଉପରାଷ୍ଟ୍ରପତି ପ୍ରାର୍ଥୀ କମଳା ହାରିସ୍ ଜଣେ ଭାରତୀୟ ବଂଶୋଦ୍ଭବଙ୍କୁ ତାଙ୍କର ପ୍ରେସ୍ ସଚିବ ନିଯୁକ୍ତ କରିଛନ୍ତି। ୩୨ ବର୍ଷୀୟା ସାବ୍ରିନା ସିଂ ତାଙ୍କୁ ପ୍ରଚାର କାର୍ଯ୍ୟରେ ସହାୟତା କରିବେ। ସାବ୍ରିନା ପୂର୍ବରୁ ଦୁଇଜଣ ଡେମୋକ୍ରାଟ ରାଷ୍ଟ୍ରପତି ପ୍ରାର୍ଥୀ ନ୍ୟୁଜର୍ସି ସିନେଟର କୋରି ବୁକର ଏବଂ ପୂର୍ବତନ ନ୍ୟୁୟର୍କ ମେୟର ମାଇକ୍ ବ୍ଲୁମ୍‌ବର୍ଗଙ୍କ ମୁଖପାତ୍ର ଭାବେ କାର୍ଯ୍ୟ କରିଥିଲେ।

ଡେମୋକ୍ରାଟ ରାଷ୍ଟ୍ରପତି ପ୍ରାର୍ଥୀ ଜୋ ବିଡେନ୍ ଗତ ସପ୍ତାହରେ ଭାରତୀୟ ବଂଶୋଦ୍ଭବ କମଳା ହାରିସ୍‌ଙ୍କୁ ତାଙ୍କ ରନିଂ ମେଟ୍ ଚୟନ କରିଥିଲେ। କମଳାଙ୍କ ପ୍ରେସ୍ ସଚିବ ନିଯକ୍ତ ହୋଇଥିବାରୁ ସାବ୍ରିନା ଖୁବ୍ ଖୁସି ବୋଲି କହିଛନ୍ତି। ସାବ୍ରିନା ହେଉଛନ୍ତି ଇଣ୍ଡିଆ ଲିଗ୍ ଅଫ୍ ଆମେରିକାର ସର୍ଦ୍ଦାର ଜେ.ଜେ. ସିଂଙ୍କ ନାତୁଣୀ। ସେହିପରି କମଳାଙ୍କ ଉପଦେଷ୍ଟା ଭାବେ ଶ୍ରୀଲଙ୍କା ବଂଶୋଦ୍ଭବ ଆମେରିକୀୟ ରୋହିଣୀ କୋସୋଗ୍ଲୁ ନିଯୁକ୍ତ ହୋଇଛନ୍ତି।



ସାବ୍ରିନା ସିଂ

## ରାକେଶ ଆସ୍ଥାନା ବିଏସ୍‌ଏଫ୍ ଡିଜି



ନୂଆଦିଲ୍ଲୀ, ୧୭।୮

୧୯୮୪ ବ୍ୟାଚ୍ ଆଇପିଏସ୍ ଅଧିକାରୀ ରାକେଶ ଆସ୍ଥାନାଙ୍କୁ ନୂତନ ବିଏସ୍‌ଏଫ୍ ଡିଜି ଭାବେ ନିଯୁକ୍ତି ଦିଆଯାଇଛି। ସେ ୨୦୨୧ ଜୁଲାଇ ୩୧ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ। ଗୁଜରାଟ କ୍ୟାଡରର ଏହି ଅଧିକାରୀ ଏବେ ବ୍ୟୁରୋ ଅଫ୍ ସିଭିଲ ଆଭିଏଶନ ସିକ୍ୟୁରିଟି(ବିସିଏଏସ୍)ର ନେତୃତ୍ୱ ନେଉଛନ୍ତି। ଆସ୍ଥାନାଙ୍କ ବ୍ୟାଚ୍‌ମେଟ ଏସ୍.ଏସ୍. ଦେଶୱାଲ ଗତ ମାର୍ଚ୍ଚରୁ ବିଏସ୍‌ଏଫ୍‌ର ଅତିରିକ୍ତ ଡିଜି ଦାୟିତ୍ୱରେ ଅଛନ୍ତି। ଚାଇନା ଓ ପାକିସ୍ତାନ ସୀମାରେ ପରିସ୍ଥିତି ବିଗିଡୁଥିବାରୁ ଆସ୍ଥାନାଙ୍କ ଗୁରୁଦାୟିତ୍ୱ ବଢ଼ିଯାଇଛି। ଜଣେ ଦକ୍ଷ ତଦନ୍ତ ଅଧିକାରୀ ଭାବେ ଆସ୍ଥାନା ବେଶ୍ ପରିଚିତ। ବହୁ ହାଇପ୍ରୋଫାଇଲ ମାମଲାର ସେ ତଦନ୍ତ କରିଛନ୍ତି।

## ଫୋନ୍ ଟ୍ୟାପିଂ ଅଭିଯୋଗ ଆଣିଲେ ଚନ୍ଦ୍ରାବାବୁ

ଅମରାବତି, ୧୭।୮

ଆନ୍ଧ୍ରପ୍ରଦେଶରେ ରାଜନୈତିକ ଫାଇଦା ହାସଲ କରିବା ଲାଗି ଶାସକ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ବେଆଇନ ଭାବେ ଫୋନ୍ ଟ୍ୟାପିଂ କରୁଛି ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଡିପି ମୁଖ୍ୟ ଚନ୍ଦ୍ରାବାବୁ ନାଇଡୁ ଅଭିଯୋଗ କରିଛନ୍ତି। କେବଳ ବିରୋଧୀ ଦଳ ନେତା, ଗଣମାଧ୍ୟମ ପ୍ରତିନିଧୀ, ଆଇନଜୀବୀଙ୍କର ନୁହେଁ, ଗଣତନ୍ତ୍ରର ତୃତୀୟ ସ୍ତମ୍ଭ ନ୍ୟାୟପାଳିକାକୁ ମଧ୍ୟ ଟାର୍ଗେଟ କରାଯାଉଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ସେ ଏନେଇ ଚିଠି ଲେଖି ଉପଯୁକ୍ତ ତଦନ୍ତ ଲାଗି ଅନୁରୋଧ କରିଛନ୍ତି। କେତେକ ଘରୋଇ କ୍ଷେତ୍ରରେ ମଧ୍ୟ ବେଆଇନ ଭାବେ ସଫ୍ଟୱେର ବ୍ୟବହାର କରାଯାଇ ଫୋନ୍ ଟ୍ୟାପିଂ କରାଯାଉଥିବା ଉଲ୍ଲେଖ କରାଯାଇଛି। ଏହି ବେଆଇନ ଫୋନ୍ ଟ୍ୟାପିଂକୁ ରୋକା ନ ଗଲେ ଭବିଷ୍ୟତରେ ଦେଶର ସୁରକ୍ଷା ଓ ଏକତା ପ୍ରତି ବହୁତ ବଡ଼ ସମସ୍ୟା ଉପୁଜିବାର ଆଶଙ୍କା ରହିଛି ବୋଲି ଚନ୍ଦ୍ରାବାବୁ ଦର୍ଶାଇଛନ୍ତି। ଏହା ସମ୍ବିଧାନର ଧାରା ୧୯, ୨୧କୁ ଉଲ୍ଲଂଘନ କରୁଛି। ଏଭଳି ବେଆଇନ କାର୍ଯ୍ୟକୁ ରୋକିବା ଲାଗି ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ ବୋଲି ଚନ୍ଦ୍ରାବାବୁ ଅନୁରୋଧ କରିଛନ୍ତି।



**ତଦନ୍ତ ଲାଗି ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ**



ପ୍ରବଳ ବର୍ଷା ଯୋଗୁ ଦିଲ୍ଲୀ ରାଜରାସ୍ତା ଜଳାର୍ଣ୍ଣବ।

## ସୋନିଆଙ୍କୁ ୧୦୦ କଂଗ୍ରେସ ନେତାଙ୍କ ପତ୍ର

ନୂଆଦିଲ୍ଲୀ, ୧୭।୮

- ନେତୃତ୍ୱ ପରିବର୍ତ୍ତନ ବିବାଦ
- ସଞ୍ଜୟ୍ ଝା'ଙ୍କ ସୂଚନାକୁ ଦଳର ଖଣ୍ଡନ

ନେତୃତ୍ୱ ପରିବର୍ତ୍ତନ ପାଇଁ ପ୍ରାୟ ୧୦୦ ଜଣ କଂଗ୍ରେସ ନେତା ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପତ୍ର ଲେଖି ଅନୁରୋଧ କରିଥିବା ନିଲମ୍ବିତ ନେତା ସଞ୍ଜୟ ଝା ସୋମବାର ସୂଚନା ଦେଇଛନ୍ତି। କଂଗ୍ରେସ କାର୍ଯ୍ୟକାରୀ କମିଟି ନିର୍ବାଚନରେ ସ୍ୱଚ୍ଛତା ରକ୍ଷା ପାଇଁ ମଧ୍ୟ ସେମାନେ ସୋନିଆଙ୍କୁ ଅନୁରୋଧ କରିଥିଲେ। ଦଳର ଆଭ୍ୟନ୍ତରୀଣ ବ୍ୟାପାରକୁ ନେଇ ସେମାନେ ଚିନ୍ତିତ ଥିବା ଝା ଟୁଇଟ କରି ଜଣାଇଛନ୍ତି। ଆବେଦନକାରୀଙ୍କ ମଧ୍ୟରେ କେତେଜଣ ଏମ୍‌ପି ରହିଛନ୍ତି। ତେବେ ଝା'ଙ୍କ ଏହି ଦାବିକୁ ଦଳ ପକ୍ଷରୁ ଖଣ୍ଡନ କରାଯାଇଛି। ସେପରି କୌଣସି ପତ୍ର ସୋନିଆଙ୍କ ପାଖକୁ ଆସି ନ ଥିବା ଦଳ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା କହିଛନ୍ତି। ଫେସ୍‌ବୁକ୍-ଭାଜପା ଲିଙ୍କ୍‌ରୁ ଲୋକଙ୍କ ନଜର ହଟାଇବା ଲାଗି ଏଭଳି ମିଥ୍ୟା ପ୍ରଚାର କରାଯାଉଥିବା କଂଗ୍ରେସ ମୁଖପାତ୍ର କହିଛନ୍ତି। ଝା ଏବେ କଂଗ୍ରେସ ସଦସ୍ୟ ନୁହନ୍ତି। ସେ ଭାଜପା ପକ୍ଷରୁ ଗୁଜବ ପ୍ରଚାର କରୁଥିବା କଂଗ୍ରେସ କହିଛି।

# ଦଳିତ ନାବାଳିକାଙ୍କୁ ଗଣବଳାତ୍କାର

ଲକ୍ଷ୍ନୌ, ୧୭।୮

ଉତ୍ତରପ୍ରଦେଶର ଗୋରଖପୁର ଜିଲାରେ ଜଣେ ଦଳିତ ନାବାଳିକା(୧୭)ଙ୍କୁ ବଳପୂର୍ବକ ଅପହରଣ କରାଯିବା ପରେ ଗଣବଳାତ୍କାର କରାଯାଇଛି। ପୀଡ଼ିତାଙ୍କ ଶରୀରରେ ସିଗାରେଟ୍ ଚେଙ୍କ ଦେଖିବାକୁ ମିଳିଥିବାବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ଗୋରଖପୁର ଜିଲା ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ଶୁକ୍ରବାର ଘଟିଥିବା ଏହି ଘଟଣାରେ ପୋଲିସ ରବିବାର ୨ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଦ୍ୱୟ ହେଲେ ଅର୍ଜୁନ ନିଶାଦ ଓ ତାଙ୍କ ସହଯୋଗୀ ମହେଶ ଯାଦବ ଓରଫ ଛୋଟୁ।

ଗୋଲା ଡିଏସ୍‌ପି ଶ୍ୟାମ ଦେଓ ବିଶ୍ତ୍ କହିଛନ୍ତି, ପୋଲିସ ତରଫରୁ ଅପହରଣ, ବଳାତ୍କାର ଭଳି ସଙ୍ଗିନ ଦଫାରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଦଳିତ ନାବାଳିକା ଜଣକ ବର୍‌ହାଜ୍‌ପାରଠାରେ ଏକ ଭଡ଼ାଘରେ ପରିବାର ସହ ରୁହନ୍ତି। ସେ ଗୋଲାସ୍ଥିତ ଏକ ଇଟାଭାଟିରେ କାମ କରନ୍ତି। ଶୁକ୍ରବାର ରାତିରେ ସେ ପାଣି ଆଣିବାକୁ ଯାଇ ଆଉ ଫେରି ନ ଥିଲେ। ତାଙ୍କ ଦେଖା ନ ମିଳିବାରୁ ପରିବାର ଲୋକେ ଏଣେତେଣେ ଖୋଜିଥିଲେ। ଶନିବାର ସକାଳେ ଗ୍ରାମବାସୀ ମନ୍ଦିର ପଛପଟ ଏକ ପରିତ୍ୟକ୍ତ ଘରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କ ଶରୀରରେ ସିଗାରେଟ୍ ଚେଙ୍କ ଦିଆଯାଇଥିବା ସ୍ପଷ୍ଟ ବାରିହୋଇ ପଡୁଛି। ଚେତା ଫେରିବା ପରେ ସେ ତାଙ୍କ ମା'ଙ୍କୁ ସବୁକଥା କହିଥିଲେ। ମୋଟର ସାଇକେଲରେ ଅର୍ଜୁନ ନିଶାଦ ଓ ଛୋଟୁ ଆସି ଅପହରଣ କରି ଗଣବଳାତ୍କାର କରିଥିବା ପୀଡ଼ିତାଙ୍କ ମା ପ୍ରକାଶ କରିଛନ୍ତି। ପୀଡ଼ିତାଙ୍କୁ ଡାକ୍ତରୀ ମାଇନା କରାଯାଇ ଜିଲା ହସ୍ପିଟାଲରେ ଚିକିତ୍ସା କରାଯାଉଛି। ମାଜିଷ୍ଟ୍ରେଟ୍ ତାଙ୍କ ବୟାନ ରେକର୍ଡ କରିଥିବା ଏସ୍‌ପି କହିଛନ୍ତି। ଉତ୍ତରପ୍ରଦେଶରେ କ୍ରମାଗତ ଭାବେ ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଥିବାବେଳେ ବିଭିନ୍ନ ରାଜନୈତିକ ଦଳ ଏହାକୁ ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି।



- ଶରୀରରେ ସିଗାରେଟ୍ ଚେଙ୍କ
- ୨ ଅଭିଯୁକ୍ତ ଗିରଫ


ସୁସ୍ଥ ରହୁ ସଭିଙ୍କ ତନ-ମନ, ରହିବ ସଦା ଆମର ଏହି ଯତନ
ଉଚ୍ଚତମ କ୍ୱାଲିଟି ସହିତ...
Bafna Biotech
ISO 9001:2008 Certified Company
WHO-GMP Certified Company
We are Professionally Managed One of The Fastest Growing Company in Nutraceuticals & Food Supplement Products.
We Need Party for Monopoly Rights / Third Parties Manufacturing / Franchisee Contract Basis.
* No. 1 Multivitamins for all Ages
* Available In All Medical Stores
225 ml.
Zinkovita
Nutritional Dietary Supplement
Unique Combination Of Anti-oxidants, Enzymes & Tulsi
Tulsi Vita
The Symbol of Purity
Great Immunity Booster
300 ml
300ml
Lycopene with Antioxidant, Methylcobalamin, Multivitamin, Multimineral, Folic Acid & Iron Syrup
Bafna LYCO
Berries
Bafna Biotech
Mal Vit
Multi Vitamins & Multi Minerals with L-Lysine Syrup
300 ml.
Fruto-Zyme
Malt
Zincorich
Fair & Glow
MALT
Healthy & Glowing Skin
Protein Powder with Vitamins & Minerals
Protin-C
Chocolate
For Good Health and Growth
Protein, Iron & Vitamin Syrup
Prorich
Sugar Free Syrup
MULTI VITAMIN TONIC
MULTI B-COMPLEX
Calcium, Magnesium, Zinc & Vitamin D3
Calcyvit
Caripaya-L
www.bafnabiotech.com
Linkedin
/bafna.biotech
For any Enquiry : 08989405858, 09425504640

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ବିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହାପ୍ରଭୁଙ୍କ କୃଷ୍ଣ ବଳରାମ ବେଶ

ପୁରୀ ଅଫିସ,୧୭।୮



ଭାଦ୍ରବ କୃଷ୍ଣ ତ୍ରୟୋଦଶୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କୃଷ୍ଣ ବଳରାମ ବେଶ ଅନୁଷ୍ଠିତ ହୋଇଛି। ମଧ୍ୟାହ୍ନ ଧୂପ ନୀତି ପରେ ରତ୍ନସିଂହାସନରେ ଏହି ବେଶ ଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକୃଷ୍ଣ ରୂପରେ, ବଡଠାକୁର ବଳରାମ ଓ ଦେବୀ ସୁଭଦ୍ରା ଭଗିନୀ ରୂପରେ ଶୋଭା ପାଇଥାନ୍ତି। ଶ୍ରୀଜଗନ୍ନାଥ ଦକ୍ଷିଣ ଭୁଜରେ ବଂଶୀ ଓ ବାମ ଭୁଜରେ ସୋଲ ନିର୍ମିତ ପଦ୍ମ, ବଡଠାକୁର ଡାହାଣ ଭୁଜରେ ସିଙ୍ଗା ଏବଂ ବାମ ଭୁଜରେ ସୋଲ ପଦ୍ମ ଧାରଣ କରିଥାନ୍ତି। ଶ୍ରୀଜଗନ୍ନାଥ ଓ ବଳରାମ ପଦକୁ ଛନ୍ଦି ଦଣ୍ଡାୟମାନ ଭଙ୍ଗୀରେ ରହିଥାନ୍ତି। ଦେବୀ ସୁଭଦ୍ରା ଏକ ଛୋଟ ଖଟୁଲି ଉପରେ ପଦ୍ମାସନରେ ଉପବେଶନ କଲାଭଳି ରହିଥାନ୍ତି। ବର୍ଷକ ମଧ୍ୟରେ ଏହି ଗୋଟିଏ ଦିନ ଦେବୀ ସୁଭଦ୍ରା ଚାରି ଭୁଜ ଧାରଣ କରନ୍ତି। ତଳ ଦୁଇ ଭୁଜରେ ଅଭୟ ଓ ବରଦ ମୁଦ୍ରା ଏବଂ ଉପର ଦୁଇ ଭୁଜରେ ପାଶ ଓ ଅଙ୍କୁଶ ଧାରଣ କରିଥାନ୍ତି। ଏହି ବେଶରେ ଶ୍ରୀଜଗନ୍ନାଥ ଓ ବଡଠାକୁର ଚୁଳ ଧାରଣ କରନ୍ତି। ଏଥିରେ ସୋଲ ନିର୍ମିତ କଦମ୍ବଫୁଲ, ମଲ୍ଲି କଢି ପ୍ରଭୃତି ଖଞ୍ଜାଯାଇଥାଏ। ତିନିଠାକୁର ସୋଲ ନିର୍ମିତ କିରୀଟ ପରିଧାନ କରିଥାନ୍ତି। ଶ୍ରୀବିଗ୍ରହଙ୍କ ସମ୍ମୁଖ ଭାଗରେ କାଠ ନିର୍ମିତ ଚାରୋଟି ଗାଈ ବାଛୁରୀ ସମେତ ନନ୍ଦ, ଉପନନ୍ଦ, ବସୁଦେବ, ଚତୁର୍ମୁଖ ବ୍ରହ୍ମା, ସହସ୍ରଚକ୍ଷୁ ଇନ୍ଦ୍ର, ନାରଦ, ଦେବକୀ, ଯଶୋଦା, ରୋହିଣୀ, ଗୋପୀ, ଗୋପାଳ ପ୍ରଭୃତି ରଖାଯାଇଥାଏ। ଏହି ବେଶ ଦେଖିଲେ ଗୋପୀ ଗୋପାଳଙ୍କ ସହିତ କୃଷ୍ଣ ବଳରାମ ବୃନ୍ଦାବନରେ ଲୀଳା କରୁଥିଲା ଭଳି ପ୍ରତୀୟମାନ ହୁଏ। ଏହି ବେଶରେ ମହାପ୍ରଭୁଙ୍କୁ ଖିରି ଓ ଅମାଲୁ ଭୋଗ ଅର୍ପଣ କରାଯାଏ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଶା ପଡ଼ିଲେ**
**ସୁନା ଧଇଲେ ଚୂନା ହୁଏ।**

ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳ ଭୋଗିଥାଏ। କପାଳ ବା ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ବ୍ୟକ୍ତି କିଂକର୍ତ୍ତବ୍ୟବିମୂଢ ହୋଇଯାଏ। ଭାଗ୍ୟର ବିପର୍ଯ୍ୟୟ ଘଟିଲେ ହାତରେ ଥିବା ସୁନା ମଧ୍ୟ ମାଟି ପାଲଟି ଯାଇଥାଏ। ଭାଗ୍ୟ ମନ୍ଦ ପଡ଼ିଲେ କର୍ମଫଳ ମନ୍ଦ ହୋଇଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦାନୀ !**
**ନାଁ ମୁଣ୍ଡକୁ ନ ପାଏ କାନି।**

କିଛି ବ୍ୟକ୍ତି ଅନ୍ୟଆଗରେ ତୁଚ୍ଛା ବଡିମା ଦେଖେଇ ହୁଅନ୍ତି। ନିଜର ପଛରେ କିଛି ନ ଥାଉ ଉପରକୁ ଦାନୀ ପଣିଆ ଜାହିର କରିବାରେ ପଛଘୁଞ୍ଚା ଦେଇ ନ ଥାନ୍ତି। ଯାହା ପାଖରେ ସମ୍ବଳ ଥାଏ, ସେ ଅଭାବରେ ଥିବା ବ୍ୟକ୍ତିଙ୍କୁ ଯଥାସମ୍ଭବ ସାହାଯ୍ୟ କରିଥାଏ। ପରନ୍ତୁ ଯିଏ ନିଃସ୍ୱ ସେ ଅନ୍ୟଆଗରେ ନିଜର ଦାତା ପଣିଆ ଜାହିର କରିବା ନିହାତି ହାସ୍ୟାସ୍ପଦ ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ଅନ୍‌ଲାଇନରେ ମହାପ୍ରସାଦ ବିକ୍ରିକୁ ବିରୋଧ

ପୁରୀ ଅଫିସ,୧୭।୮




■ ବିକ୍ରି ପାଇଁ ଖୋଲାଯାଇଛି ୱେବ୍‌ସାଇଟ୍
■ ସୋସିଆଲ ମିଡିଆରେ ପୋଷ୍ଟ ହୋଇଛି ବିଜ୍ଞାପନ

ମହାପ୍ରଭୁଙ୍କ ମହାପ୍ରସାଦ ଭାଗ୍ୟରେ ଥିଲେ ମିଳେ। ଶ୍ରୀମନ୍ଦିରକୁ ଆସୁଥିବା ପ୍ରତିଟି ଶ୍ରଦ୍ଧାଳୁ କଣିକାଏ ଅବଢା ପାଇବା ପାଇଁ ଅପେକ୍ଷା କରିଥାନ୍ତି। ବିଶ୍ୱାସ ରହିଛି କଣିକାଏ ମହାପ୍ରସାଦ ପାଇଲେ ଜୀବ ମୁକ୍ତି ଲାଭ କରେ। ତେବେ ମହାପ୍ରସାଦ ପ୍ରତି ଥିବା ଭକ୍ତି ଓ ବିଶ୍ୱାସରୁ ଫାଇଦା ନେବାକୁ ଚେଷ୍ଟା କରାଯାଇଛି। ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି ଆରମ୍ଭ ଲାଗି ଏକ ୱେବ୍‌ସାଇଟ୍ ଖୋଲାଯାଇଥିବାବେଳେ ସୋସିଆଲ ମିଡିଆରେ ବିଜ୍ଞାପନ ପୋଷ୍ଟ କରାଯାଇଛି। ଏହାକୁ ନେଇ ବିରୋଧାଭାଷ ସୃଷ୍ଟି ହୋଇଛି। ସୁଆର ମହାସୁଆର ନିଯୋଗ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଏହାକୁ ବିରୋଧ କରିଛନ୍ତି। ଅନଲାଇନରେ ବିକ୍ରି କରାଗଲେ ମହାପ୍ରସାଦର ଶୁଦ୍ଧତା ରହିବ ନାହିଁ ବୋଲି ସେମାନେ ମତ ଦେଇଛନ୍ତି।

ସୂଚନା ମୁତାବକ, ଅନ୍‌ଲାଇନରେ ପ୍ରଭୁ ଜଗନ୍ନାଥଙ୍କ ମହାପ୍ରସାଦ ମିଳିବ ବୋଲି ସାମାଜିକ ଗଣମାଧ୍ୟମରେ ବିଜ୍ଞାପନ ପୋଷ୍ଟ ହୋଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଶ୍ରୀଜଗନ୍ନାଥ ମନ୍ଦିରର ଅବଢା (ଅନ୍ନ, କାନିକା, ମିଠାଡାଲି, ବେସର ଓ ମହୁର) ଘରେ ପହଞ୍ଚିବ। ୨ଜଣଙ୍କ ପାଇଁ ଅବଢା ୪୯୯ ଟଙ୍କା ଏବଂ ଖଜା କିଲୋ ୧୯୯ ଟଙ୍କା ରହିଛି। ବର୍ତ୍ତମାନ ଏହି ସେବା କଟକ, ପୁରୀ ଓ ଭୁବନେଶ୍ୱର ପାଇଁ ଉପଲବ୍ଧ। ଛପନଭୋଗ ଅର୍ଡର କେବଳ ଗୁରୁବାର ନିଆଯିବ। ଏବେ ଘରେ ବସି ପ୍ରଭୁ ଜଗନ୍ନାଥଙ୍କ ମହାପ୍ରସାଦ ପାଆନ୍ତୁ। ଏଥିପାଇଁ www.soquick.in ନାମରେ ଏକ ୱେବ୍‌ସାଇଟ୍ ଖୋଲାଯାଇଥିବାବେଳେ କଲ୍ କରି ଅର୍ଡର ଦେଇପାରିବେ। ଠିକଣାରେ ଭୁବନେଶ୍ୱର ଲିଙ୍ଗିପୁରସ୍ଥିତ ଏସ୍.ଜେ. ଇନୋଭେଟିଭ ପ୍ରାଇଭେଟ ଲିମିଟେଡ ଦର୍ଶାଯାଇଛି। ତେବେ ଏହାକୁ ବିରୋଧ କରିଛନ୍ତି ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି। ସେ କହିଛନ୍ତି, ମହାପ୍ରସାଦ କିମ୍ବା ଶ୍ରୀମନ୍ଦିରର ଅନ୍ୟାନ୍ୟ ଭୋଗ ଯୋଗାଇଦେବାର ଅଧିକାର କେବଳ ସୁଆର ମହାସୁଆର ନିଯୋଗର। ବାହାର ଲୋକ ଅନ୍‌ଲାଇନରେ କରୁଥିଲେ ଏହାକୁ ଦୃଢ ବିରୋଧ କରାଯିବ। ଅନ୍‌ଲାଇନରେ ଯୋଗାଣ ବେଳେ ସେମାନେ ମହାପ୍ରସାଦର ଶୁଦ୍ଧତା ପ୍ରତି ଧ୍ୟାନ ଦେବେ ନାହିଁ। ପୂର୍ବରୁ www.puribhog.com ନାମକ ଏକ ସଂସ୍ଥା ଏମିତି ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି କରିବା ଜଣାପଡ଼ିଥିଲା। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେବା ପରେ ତାହା ବନ୍ଦ ହୋଇଥିଲା। ଆସନ୍ତା ପରିଚାଳନା କମିଟି ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା ହୋଇ ସମ୍ପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷେ ଅନ୍‌ଲାଇନରେ ମହାପ୍ରସାଦ ଯୋଗାଉଥିବା ସଂସ୍ଥାର ଜ୍ୟୋତି ଦାସ କହିଛନ୍ତି, ବର୍ତ୍ତମାନ ସମୟରେ ସାଧାରଣ ଲୋକେ ଚାହିଁଲେ ବି ମହାପ୍ରସାଦ ପାଇପାରୁ ନାହାନ୍ତି। ସେମାନଙ୍କ ପାଖରେ ପହଞ୍ଚାଇବା ଲାଗି ଆମେ ସେବା ମନୋବୃତ୍ତି ରଖି କାମ କରୁଛୁ। ୧୯୯ ଟଙ୍କାରେ ଖଜା କେଜିଏ କିମ୍ବା ୪୯୯ ଟଙ୍କାରେ ଦୁଇଜଣଙ୍କ ପାଇଁ ମହାପ୍ରସାଦ କିଏ କଟକ କିମ୍ବା ଭୁବନେଶ୍ୱରରେ ପହଞ୍ଚାଇବ ? ଆମେ କେବଳ କୋରିୟର ଓ ପ୍ୟାକିଂ ଚାର୍ଜ ରଖି ଏହି ସେବା ଦେଉଛୁ। ଉଦ୍ଦେଶ୍ୟ ଲାଭ ନୁହେଁ, ସେବା। ଯେଉଁଦିନ ଲୋକେ ବିରୋଧ କରିବେ ବନ୍ଦ କରିଦେବୁ।

ସୂଚନାଥାଉ କି, ପୂର୍ବରୁ ଅନ୍‌ଲାଇନରେ ମହାପ୍ରସାଦ ମିଳିବା ନେଇ www.puribhog.com ନାମରେ ଏକ ୱେବ୍‌ସାଇଟ୍ ଖୋଲାଯାଇଥିଲା। ଏହା ଜଣାପଡ଼ିବା ପରେ ଶ୍ରୀମନ୍ଦିର ପ୍ରଶାସନ ପୋଲିସକୁ ସମ୍ପୃକ୍ତ ସଂସ୍ଥାକୁ ଠାବ କରିବା ଲାଗି କହିବା ସହ ମନ୍ଦିର ପକ୍ଷରୁ କାହାକୁ ଏଥିପାଇଁ ଅନୁମତି ଦିଆଯାଇନାହିଁ ବୋଲି ସ୍ପଷ୍ଟ କରିଥିଲା।

## ପ୍ରଥମ ପୃଷ୍ଠାରୁ...

### ଝଲସିବ ଏକାମ୍ର...

ବ୍ୟବସ୍ଥା କରାଯାଇଛି। ବିନ୍ଦୁସାଗର ସହିତ ମହାପ୍ରଭୁଙ୍କର ଅନନ୍ୟ ସମ୍ପର୍କ ରହିଛି। ଶ୍ରୀଲିଙ୍ଗରାଜ ମନ୍ଦିର ପରେ ବିନ୍ଦୁସାଗର ହେଉଛି ଏକାମ୍ର କ୍ଷେତ୍ରର ଦ୍ୱିତୀୟ ଆକର୍ଷଣ। ମହାପ୍ରଭୁଙ୍କ ବିଭିନ୍ନ ପର୍ବପର୍ବାଣୀ ସହିତ ଏହାର ନିବିଡ ସମ୍ପର୍କ ରହିଛି। ଏକାମ୍ର କ୍ଷେତ୍ର ଯୋଜନାରେ ଭକ୍ତ ଓ ତୀର୍ଥଯାତ୍ରୀମାନେ ବିନ୍ଦୁସାଗରରୁ ଶ୍ରୀଲିଙ୍ଗରାଜ ମନ୍ଦିର ସିଧାସଳଖ ଦେଖିପାରିବେ। ଲିଙ୍ଗରାଜ ମନ୍ଦିର ଓ ବିନ୍ଦୁସାଗର ମଧ୍ୟରେ ଥିବା ବିନ୍ଧ୍ୟବାସିନୀ, ଭବାନୀଶଙ୍କର, ଶୁକଶାରୀ ଏବଂ ମୋହିନୀ ଆଦି ମନ୍ଦିରକୁ ମଧ୍ୟ ଯାତ୍ରୀମାନେ ବୁଲି ଦେଖିପାରିବେ। ଐତିହାସିକ ଦଲିଲରୁ ଜଣାଯାଏ ଯେ, ୩୫୦ ବର୍ଷ ପୂର୍ବେ ଲିଙ୍ଗରାଜ ମନ୍ଦିର ରଥଗଡ଼ାଠାରୁ ବିନ୍ଦୁସାଗର ପର୍ଯ୍ୟନ୍ତ କେବଳ ମନ୍ଦିର ରହିଥିଲା। ଅନ୍ୟ କୌଣସି ସ୍ଥାୟୀ ନିର୍ମାଣ ନ ଥିଲା। ୩୫୦ ବର୍ଷ ପରେ ଲିଙ୍ଗରାଜ ମନ୍ଦିରଠାରୁ ବିନ୍ଦୁସାଗର ପର୍ଯ୍ୟନ୍ତ ଅଞ୍ଚଳ ନୂଆରୂପ ନେବାକୁ ଯାଉଛି। ଯୋଜନାରେ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗକୁ ଧ୍ୟାନ ଦିଆଯାଇଛି। ଓରିଏଣ୍ଟେଶନ ସେଣ୍ଟର, ପାର୍କିଂ, ଫୁଡ୍ ପ୍ଲାଜା, ଭଜନମଣ୍ଡପ ନିର୍ମାଣ ହେବ, ଯାହା ଐତିହ୍ୟନଗରୀ ଭୁବନେଶ୍ୱରର ଗରିମାକୁ ଆହୁରି ବୃଦ୍ଧି କରିବ। ୟୁନେସ୍କୋର ବିଶ୍ୱ ଐତିହ୍ୟସ୍ଥଳ ତାଲିକାରେ ଭୁବନେଶ୍ୱରକୁ ସ୍ଥାନିତ କରିବା ଦାବିକୁ ଏହି ଯୋଜନା ଅଧିକ ସୁଦୃଢ଼ କରିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ପୁରୀ ଶ୍ରୀମନ୍ଦିର ଐତିହ୍ୟ ପ୍ରକଳ୍ପ ପରେ ଏକାମ୍ରକ୍ଷେତ୍ର ଯୋଜନା ହେଉଛି ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅନ୍ତର୍ଗତ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ। ଏକାମ୍ର କ୍ଷେତ୍ରର ଅନ୍ୟତମ ଆକର୍ଷଣ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ମହାଶିବରାତ୍ରି, ଅଶୋକାଷ୍ଟମୀ, ରଥଯାତ୍ରା ଓ ଶୀତଳଷଷ୍ଠୀକୁ ଜାତୀୟ ଉତ୍ସବ କ୍ୟାଲେଣ୍ଡରରେ ସ୍ଥାନିତ ପାଇଁ ପଦକ୍ଷେପ ନେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସମୀକ୍ଷା ବୈଠକରେ ଯୋଗଦେଇ ଏକାମ୍ର ବିଧାୟକ ତଥା ଭିନ୍ନକ୍ଷମ ଓ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ ଯେ, ପ୍ରଭୁ ଲିଙ୍ଗରାଜଙ୍କ ପାର୍ଶ୍ୱଦେବତା ହେଉଛନ୍ତି କପିଳେଶ୍ୱର ମହାଦେବ। ଗଙ୍ଗୁଆ ପୋଲ ସାମନ୍ତରାପୁରଠାରୁ କପିଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଏକ ରାସ୍ତା ସଂଯୋଗ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ଏଥିସହିତ ଏକାମ୍ର ପ୍ରକଳ୍ପରେ ଯେଉଁ ଦୋକାନୀମାନଙ୍କୁ ବିସ୍ଥାପିତ କରାଯାଇଛି ସେମାନଙ୍କୁ ଥଇଥାନ ପ୍ୟାକେଜ ଦେବା ସହିତ ଥାନା ଓ ମନ୍ଦିର କାର୍ଯ୍ୟାଳୟକୁ ପାଖାପାଖି ରଖିବା, ଅଶୋକା କଢ଼ି ବୃକ୍ଷରୋପଣ କରିବାକୁ ପ୍ରସ୍ତାବ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକକୁ ୫-ଟି ସଚିବ ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ।

### ଆଉ ୨,୨୪୪ ଚିହ୍ନଟ,...

୬ଦିନ ଧରି ଏହି ଜିଲାରେ ସବୁଠୁ ଅଧିକ ପଜିଟିଭ୍ ବାହାରିଛନ୍ତି। ୨୯ ଜିଲାରୁ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବି ଖୋର୍ଦ୍ଧାରେ ସର୍ବାଧିକ ୩୧୧ଜଣ ରହିଥିବାବେଳେ ଏହା ତଳକୁ ଗଞ୍ଜାମରୁ ୨୪୩ଜଣ ଅଛନ୍ତି। ଫଳରେ ଗଞ୍ଜାମରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୫,୦୧୦ ଓ ଖୋର୍ଦ୍ଧାରେ ୮୯୬୧କୁ ବୃଦ୍ଧି ପାଇଛି। ସେହିପରି କଟକରୁ ୧୯୪, ରାୟଗଡ଼ା ୧୬୦, ବାଲେଶ୍ୱର ୧୪୨, ସୁନ୍ଦରଗଡ଼ ୧୩୬, କନ୍ଧମାଳ ୧୨୧, ଭଦ୍ରକ ୧୦୪, ମାଲକାନଗିରି ଓ ଯାଜପୁରରୁ ୯୮ଜଣ ଲେଖାଏ, କୋରାପୁଟ ୯୪, ମୟୂରଭଞ୍ଜ ୯୧, ପୁରୀ ୬୮, କଳାହାଣ୍ଡି ୬୭, ବୌଦ୍ଧ ୪୯, ବଲାଙ୍ଗୀର ୩୭, ବରଗଡ ଓ ସମ୍ବଲପୁରରୁ ୩୫ଜଣ ଲେଖାଏ, କେନ୍ଦ୍ରାପଡ଼ା ୨୭, ନବରଙ୍ଗପୁର ୨୧, ଢେଙ୍କାନାଳ ୧୮, ଜଗତ୍‌ସିଂହପୁର ୧୬, ଅନୁଗୋଳ ୧୫, କେନ୍ଦୁଝର ଓ ନୟାଗଡ଼ରୁ ୧୩ଜଣ ଲେଖାଏ, ଝାରସୁଗୁଡ଼ା ୧୨, ସୁବର୍ଣ୍ଣପୁର ୧୧, ନୂଆପଡ଼ା ୯ ଓ ଗଜପତିରୁ ୬ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେପଟେ ନୂଆ କରୋନା ମୃତକଙ୍କ ମଧ୍ୟରେ ବି ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪ଜଣ ରହିଛନ୍ତି। ବାକି ବରଗଡ଼, କଟକ, ଗଞ୍ଜାମ, ପୁରୀ, ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲାରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ କରୋନାରେ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଗଞ୍ଜାମରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୫୫ ଛୁଇଁଥିବାବେଳେ ଖୋର୍ଦ୍ଧାରେ ୪୮, ସୁନ୍ଦରଗଡ଼ ୨୨, କଟକ ୧୮, ଗଜପତି ୧୬, ରାୟଗଡ଼ା ୧୫, ପୁରୀ ଓ ନୟାଗଡ଼ରେ ୯ଜଣ ଲେଖାଏ, ବାଲେଶ୍ୱର, ସମ୍ବଲପୁର ଓ କନ୍ଧମାଳରେ ୭ ଲେଖାଏ, ଭଦ୍ରକ ଓ କେନ୍ଦୁଝରରେ ୫ ଲେଖାଏ, ବରଗଡ଼ ଓ ଯାଜପୁରରେ ୪ ଲେଖାଏ, କେନ୍ଦ୍ରାପଡ଼ା, ଅନୁଗୋଳ ଓ ମୟୂରଭଞ୍ଜରେ ୩ଜଣ ଲେଖାଏ, ଜଗତ୍‌ସିଂହପୁର, ମାଲକାନାଗିରି, କୋରାପୁଟ ଓ କଳାହାଣ୍ଡିରେ ୨ଜଣ ଲେଖାଏ,ବଲାଙ୍ଗୀର ଢେଙ୍କାନାଳ, ଝାରସୁଗୁଡ଼ା, ନବରଙ୍ଗପୁର ଓ ସୁବର୍ଣ୍ଣପୁରରେ ଜଣେ ଲେଖାଏ ମୃତକ ରହିଛନ୍ତି। ସେହିପରି ରାଜ୍ୟରେ ଆଉ ୧୫୦୩ଜଣ ଆକ୍ରାନ୍ତ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଫଳରେ ଆରୋଗ୍ୟ ସଂଖ୍ୟା ୪୩,୭୭୯ରେ ପହଞ୍ଚିଛି।

### ପଦ୍ମ ବିଭୂଷଣ ପଣ୍ଡିତ...

ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ବିଭୂଷଣରେ ସମ୍ମାନିତ କରିଥିଲେ। ଏହା ପୂର୍ବରୁ ତାଙ୍କୁ ୧୯୭୫ରେ ପଦ୍ମଶ୍ରୀ ଏବଂ ୧୯୯୦ରେ ପଦ୍ମ ଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା। ଭାରତରେ କରୋନା ମହାମାରୀ ଯୋଗୁ ଲକ୍‌ଡାଉନ ଲାଗୁ ହେବା ବେଳେ ପଣ୍ଡିତ ଯଶରାଜ ଆମେରିକାରେ ଥିଲେ। କଟକଣା ଯୋଗୁ ସେ ଭାରତ ନ ଆସି ସେଠାରେ ରହିବାକୁ ନିଷ୍ପତ୍ତି ନେଇଥିଲେ। ସଙ୍ଗୀତ ମାର୍ତ୍ତଣ୍ଡ ପଣ୍ଡିତ ଯଶରାଜଙ୍କର ସକାଳ ୫ଟା ୧୫ରେ ନ୍ୟୁଜର୍ସିସ୍ଥିତ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଥିବା ପରିବାର ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଏହି ମହାନ ଗାୟକଙ୍କ ପରଲୋକରେ ଦେଶର ସାଂସ୍କୃତିକ ଜଗତରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ତାଙ୍କର ଉପସ୍ଥାପନା କେବଳ ଉଲ୍ଲେଖନୀୟ ଥିଲା ତାହା ନୁହେଁ ସେ ଅନେକ ଗାୟକଙ୍କର ଗୁରୁ ଥିଲେ ବୋଲି ମୋଦି ଟୁଇଟ୍ କରିବା ସହ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ନୀତିନ ଗଡ଼କରୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ପଣ୍ଡିତ ଯଶରାଜଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି।

### ଲା-ନିନା ପ୍ରଭାବ:...

ତାରିଖରେ ଦକ୍ଷିଣ ମୌସୁମୀ ପ୍ରବେଶ କରିଥିଲା। ଜୁନ ମାସରେ କିଛିଟା ବର୍ଷା ହୋଇଥିଲା। ତେବେ ଜୁଲାଇ ମାସରେ ପୂରା ଉଭାନ ହୋଇଗଲା। ଅଧାରୁ ଅଧିକ ଜିଲାରେ ମରୁଡି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଦେଖାଦେଲା। ତେବେ ଅଗଷ୍ଟ ମାସର ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ ଦୁଇରୁ ୩ଟି ଲଘୁଚାପ ସୃଷ୍ଟି ହେବାରୁ ବର୍ଷାର ଅଭାବ କିଛି ମାତ୍ରାରେ ପୂରଣ ହୋଇଛି। ଏବେ ବି ୫ଟି ଜିଲାରେ ସ୍ୱାଭାବିକ ସ୍ଥିତି ଫେରି ନାହିଁ। ଜୁନ୍ ପହିଲାରୁ ଜୁଲାଇ ୧୭ ତାରିଖ ମଧ୍ୟରେ ବାଲେଶ୍ୱରରେ ୩୩ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ଖୋର୍ଦ୍ଧା ୨୭, ମୟୂରଭଞ୍ଜ ୨୨, ନବରଙ୍ଗପୁର ୨୦, ପୁରୀ ୨୪ ଏବଂ ବାଲେଶ୍ୱରରେ ସ୍ୱାଭାବିକଠାରୁ ୩୩ ପ୍ରତିଶତ କମ୍ ବର୍ଷା ହୋଇଛି। ରାଜ୍ୟରେ ଏବେ ମଧ୍ୟ ସ୍ୱାଭାବିକଠାରୁ ୬ ପ୍ରତିଶତ କମ୍ ବର୍ଷା ରହିଛି। ଏହିସମୟ ମଧ୍ୟରେ ୭୭୨.୯ ପ୍ରତିଶତ ହେବା ଜାଗାରେ ହୋଇଛି ୭୨୩.୨ ପ୍ରତିଶତ।

### ନିର୍ଦ୍ଧାରିତ ସମୟରେ...

ସେପ୍ଟେମ୍ବର ୧୩ରେ କରିବା ପାଇଁ ଧାର୍ଯ୍ୟ ହୋଇଥିଲା। ଏହି ନୋଟିସ୍‌କୁ ରଦ୍ଦ କରିବା ପାଇଁ ୧୧ ରାଜ୍ୟରୁ ୧୧ ଜଣ ଛାତ୍ର ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। କରୋନା ମହାମାରୀ ବଢ଼ିଚାଲିଥିବାରୁ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ପରୀକ୍ଷା ସ୍ଥଗିତ ରଖିବା ଲାଗି ଆବେଦନକାରୀ ଆଇନଜୀବୀ ଅଲେଖ ଆଲୋକ ଶ୍ରୀବାସ୍ତବଙ୍କ ଜରିଆରେ ପିଟିଶନ ଦାଏର କରିଥିଲେ। ଏଥିସହିତ ପରୀକ୍ଷା କେନ୍ଦ୍ର ସଂଖ୍ୟା ବଢ଼ାଇବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ଲାଗି ମଧ୍ୟ ସେମାନେ ଅଦାଲତଙ୍କୁ ଅନୁରୋଧ କରିଥିଲେ।

### ୧୯ରେ ଯୁକ୍ତ୨...

ମନ୍ତ୍ରୀ ଦାଶ ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା ନେଇ ମଧ୍ୟ ଘୋଷଣା କରିଥିଲେ। ପୂର୍ବ ଘୋଷଣା ଆଧାରରେ ସେପ୍ଟେମ୍ବର ୧୪ରୁ ୨୨ତାରିଖ ଯାଏ ମାଟ୍ରିକ ସପ୍ଲିମେଣ୍ଟାରିଭ ଓ ସେପ୍ଟେମ୍ବର ୧୪ରୁ ୨୪ ତାରିଖ ପର୍ଯ୍ୟନ୍ତ ଓପନ ଲର୍ନିଂ ସ୍କୁଲର ସପ୍ଲିମେଣ୍ଟାରୀ ପରୀକ୍ଷା ହେବ।


# classifieds Everyday 0674-2580101, 2549302



**SALE**

3BHK Duplex 36,00,000/- finishing Hanspal, Gharabari plot Atala, Bhingarpur- 8093465134 D-69610

**Fully developed residential gharabari plot at Phulnakhara connected to 200'road side East Engineering College, 500mtrs from Trinath Bazar Market Complex- 9439889903.** D-69144

Urgent sale fully furnished Office, 9th Floor DLF, Patia. Whatsapp- 9437513333. D-17957

ଭୁବନେଶ୍ୱର, ମଞ୍ଚେଶ୍ୱର, ହଂସପାଳ, ପାହାଳ, କେଶୁରାରେ ଘର କଲାଭଳି ଘରବାରି **boundary plot** ମିଳୁଅଛି। **8249728525, 9090142564.** D-69146

3' boundary developed gharabari plot near Synergy College, Phulnakhara. 9937166932. D-69327

**Flats sale Jagannathdham Puri, cost 1250. lakhs with fully furnished Bhulaxmi Team. 7978230118, 9668060081.** D-69142

Bhubaneswar ସୁନ୍ଦରପଦାରେ ପ୍ଲଟ୍ କିଣି ଆଜି ଘର କରନ୍ତୁ। sqft. 950/. 9938016295. D-69145

**Plot sale near AIIMS Hospital, Bhubaneswar with 30' road. 9439206202.** D-69143



2BHK, Ground floor, Family accommodation, Sarbodaya Nagar, Talabania, Puri, Rent. 5,000/- 7008598255. D-69426

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Newly open SPA centre smart therapist body massage, Bamikhal. 7205187702. D-59957

Newly open SPA centre smart therapist body massage, Rasulgarh. 7846814019. D-59958

Herbal full body massage by smart / expert therapist. Contact: 8338067247. D-69719

Get refreshment body massage by expert therapist contact for. 9556978408. D-69718

Newly open full body massage SPA in Bhubaneswar. Contact: 7205058838. D-69720

Newly open SPA centre full body massage, Rasulgarh, Bhubaneswar. 7846814019. D-59956

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମକ୍ଷେତ୍ରରେ ମଧ୍ୟ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିବେ କିନ୍ତୁ କିଛି କରିବାର ନାହିଁ। ପ୍ରତୀକ୍ଷିତ ସ୍ଥାନରୁ ଶୁଭଖବର ପାଇ ଉଲ୍ଲସିତ ହେବେ। ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ।

**ବୃଷ** ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବାର ସମ୍ଭାବନା ରହିଛି। ଶୁକ୍ରଙ୍କ ତୃତୀୟସ୍ଥ ରବିଙ୍କ ଯୋଗୁ ଏହି ସମୟରେ ସରକାରୀ ସ୍ତରରେ ହାରିଗୁହାରି କିଏ ବୁଝିବେ ନାହିଁ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ** ଆଜି ଆପଣ ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ତାହା ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ଏକ ଭିନ୍ନ ପରିସ୍ଥିତିରେ ଜଣେ ଜଣାଶୁଣା ବ୍ୟକ୍ତିଙ୍କ ସାହାଯ୍ୟ ଲାଭରୁ ଉପକୃତ ହେବେ। ସରକାରୀ ଆଦେଶପ୍ରାପ୍ତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ସାମାନ୍ୟ ବିଳମ୍ବରେ ଅଭିଳଷିତ ଅର୍ଥ ପାଇବେ।

**କର୍କଟ** ଅଧିକାଂଶ ସମୟ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ବିବ୍ରତବୋଧ କରିପାରନ୍ତି। କୋର୍ଟକଚେରି ମାମଲାର ଆଶୁ ଶୁଣାଣି ହେବ। ମଜା କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ।

**ସିଂହ** ଗୃହରେ ଉନ୍ନତ ଚିନ୍ତା ମାନସିକ ସ୍ଥିରତା ପ୍ରଦାନରେ ସହାୟକ ହେବ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପରିବାରର ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ। କାଶ ଓ କଫଜନିତ ପୀଡାରୁ କଷ୍ଟ ଅନୁଭବ କରିପାରନ୍ତି।

**କନ୍ୟା** ଦୃଷ୍ଟିକୋଣର ଭିନ୍ନତା ଓ ଅସଂଗତ ବିଚାରଧାରା କାରଣରୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। କଠିନ ପରିଶ୍ରମ ଜନିତ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ଘରେ ବନ୍ଧୁ ମିଳନ ଆମୋଦ ପ୍ରମୋଦର ସୁଅ ଛୁଟିବ।

**ତୁଳା** ଆଜିର ଯାତ୍ରାରେ ସଫଳତା ପାଇବେ। କର୍ମକ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଚାକିରି କ୍ଷେତ୍ରରେ ପଦୋନ୍ନତି ଘଟିବାର ସମ୍ଭାବନା ରହିଛି। ଗୃହସୀମା କିମ୍ବା ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ସାମାଜିକ ସ୍ତରରେ ଶତ୍ରୁତା କାରଣରୁ ମାନସିକ ଅସ୍ଥିରତା ଲାଗିରହିବ।

**ବିଛା** ପରିସ୍ଥିତିକୁ ଆଖି ଆଗରେ ରଖି ମନ ବୁଝିଲାଭଳି କଥା କହିପାରିଲେ ସହଜରେ କାମ ହାସଲ କରିପାରିବେ। ସାହାଯ୍ୟ ଲାଭ କରି ଆଜି ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାର ଆଶା ରହିଛି। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ନ ରହିଲେ କଳହର ସାମନା କରିବାକୁ ପଡିବ। ସ୍ୱାସ୍ଥ୍ୟ ପୂର୍ବପରି ରହିବ।

**ଧନୁ** କଥାବାର୍ତ୍ତାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ରାଜନୀତି ତଥା ପ୍ରଶାସନିକ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ମକର** ଦିନର ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ, ଯାହା କି କାମ ପାଇଁ ମନୋବଳ ସୃଷ୍ଟି କରିବ। ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଯାତ୍ରାରେ ଲକ୍ଷ୍ୟ ହାସଲ କରିବେ।

**କୁମ୍ଭ** କର୍ମକ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଅନିଚ୍ଛା ସତ୍ତ୍ୱେ କେତେକ କାମ କରିବାକୁ ବାଧ୍ୟ ହେବେ। ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବ୍ୟସ୍ତତା ବଢିଯିବ। ଭୁଲ୍ ବୁଝାମଣାରୁ ବିଚଳିତବୋଧ କରିପାରନ୍ତି।

**ମୀନ** ଅର୍ଥଲାଭ ସଙ୍ଗକୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁଁ ମନ ମଧ୍ୟ ଭଲ ରହିବ ନାହିଁ। ଅସଫଳ କାମଗୁଡିକର ସମୀକ୍ଷା କରିବେ ଓ ଅସଂଗତି ଦୂର କରିବାର ପ୍ରଯତ୍ନ କରିବେ। ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି।

ଆଜି ଭାଦ୍ରବ କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ସପ୍ତପିତୃକା ଅମାବାସ୍ୟା ମଙ୍ଗଳବାର, ଅଗଷ୍ଟ ୧୮ ତାରିଖ, ଶ୍ରୀମନ୍ଦିରରେ ସାତପୁରୀତାଡ ବିଜେ, ଅମାବାସ୍ୟାର ନିଶାପାଳନ, ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ମକର ରାଶିର ଘାତବାର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୮.୦୩ମି. ଗତେ ଘ.୧୦.୩୪ମି. ମଧ୍ୟେ, ଘ.୦୧.୦୬ମି. ଗତେ ଘ.୦୨.୪୭ମି. ମଧ୍ୟେ, ଘ.୦୩.୩୭ମି. ଗତେ ଘ.୦୫.୧୮ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୦୯ମି. ଗତେ ଘ.୦୬.୫୪ମି. ମଧ୍ୟେ, ରାତ୍ରି ଘ.୦୯.୧୧ମି. ଗତେ ଘ.୧୨.୨୭ମି. ମଧ୍ୟେ, ଘ.୦୧.୪୪ମି. ଗତେ ଘ.୦୩.୧୫ମି. ମଧ୍ୟେ ଅମୃତବେଳା। ଦିବା ଘ.୦୨.୫୯ମି. ଗତେ ଘ.୦୪.୩୪ମି. ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୧୯,୧୪,୮୮୯ | ୭,୭୪,୭୫୬ | ୧,୪୬,୩୯,୬୬୬ |
| ଭାରତ | ୨୬,୯୦,୮୩୧ | ୫୧,୭୯୫ | ୧୯,୬୫,୭୯୮ |
| ଓଡ଼ିଶା | ୬୨,୨୯୪ | ୩୫୩(+୫୩) | ୪୩,୭୮୦ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୫ ମହାନଗର ନିଗମ ଅଞ୍ଚଳରେ ଜଙ୍ଗଲ ସୃଷ୍ଟି ହେବ

ଭୁବନେଶ୍ୱର, ୧୭।୮ (ବ୍ୟୁରୋ)

ରାଜ୍ୟର ୫ ମହାନଗର ନିଗମ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ଅଞ୍ଚଳରେ ବ୍ୟାପକ ଜଙ୍ଗଲ ସୃଷ୍ଟି କରାଯିବ। 'ନଗର ବନ'ଯୋଜନାରେ ଏଥିପାଇଁ ୧୩ କୋଟି ୮୪ଲକ୍ଷ ଟଙ୍କା ବିନିଯୋଗ ହେବ। ରାଜ୍ୟ ଜଙ୍ଗଲ ଓ ପରିବେଶ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସୋମବାର କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରକାଶ ଜାଭ୍ଡ଼େକରଙ୍କୁ ଏହି ପ୍ରସ୍ତାବ ଦେଇଛନ୍ତି।

ସୋମବାର ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରମନ୍ତ୍ରୀ ଜାଭଡେକର ବିଭିନ୍ନ ରାଜ୍ୟର ଜଙ୍ଗଲ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଜଙ୍ଗଲ ସମ୍ପଦ ବୃଦ୍ଧି, ବନୀକରଣ, ନଗର ବନ ଯୋଜନା, ବିଦ୍ୟାଳୟ ନର୍ସରୀ, ନଦୀ ଅବବାହିକାରେ ବ୍ୟାପକ ବୃକ୍ଷରୋପଣ ଆଦି ଉପରେ ଗୁରୁତ୍ୱ ଦେଇଥିଲେ। ସେହିଭଳି ଚଳିତବର୍ଷ ପ୍ରୋଜେକ୍ଟ ଡଲ୍‌ଫିନ୍ ଓ ପ୍ରୋଜେକ୍ଟ ସିଂହ ସାରା ଦେଶରେ କାର୍ଯ୍ୟକାରୀ କରାଯାଇ ଏମାନଙ୍କ ବୃଦ୍ଧି କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଥିଲେ। ତେବେ ତାଙ୍କ ସହ ଆଲୋଚନାବେଳେ ରାଜ୍ୟ ଜଙ୍ଗଲ ମନ୍ତ୍ରୀ ଆରୁଖ କହିଥିଲେ, ଓଡ଼ିଶାରେ ୩୩.୧୫% ଜଙ୍ଗଲ ବୃଦ୍ଧି ହୋଇଛି। ବିଗତ ୨୦ବର୍ଷ ମଧ୍ୟରେ ୪,୫୮୬ ବର୍ଗ କିମି ଜଙ୍ଗଲ ବୃଦ୍ଧି ହୋଇଥିବାବେଳେ ଗତ ଦୁଇବର୍ଷରେ ଓଡ଼ିଶାର ଜଙ୍ଗଲ ପରିସୀମା ୯୨୧ବର୍ଗ କିମି ବଢ଼ିଛି। ବାତ୍ୟା, ବନ୍ୟା ଆଦି ନାନା ପ୍ରାକୃତିକ ଦୁର୍ବିପାକ ସତ୍ତ୍ୱେ ଓଡ଼ିଶା ପାଇଁ କେନ୍ଦ୍ର ସରକାର ଦେଇଥିବା ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଚାରା ରୋପଣ କରାଯାଇଛି।

**କେନ୍ଦ୍ରକୁ ପ୍ରସ୍ତାବ ଦେଲେ ରାଜ୍ୟ ଜଙ୍ଗଲ ମନ୍ତ୍ରୀ**

- 'ନଗର ବନ' ଯୋଜନାରେ ଖର୍ଚ୍ଚ ହେବ ୧୩ କୋଟି ୮୪ଲକ୍ଷ
- ବିଭିନ୍ନ ଯୋଜନାରେ ଅନୁଦାନ ପାଇଁ ଦାବି ରଖିଲେ
- ଘରୋଇ ଜମିରେ ମୂଲ୍ୟଯୁକ୍ତ ବୃକ୍ଷ ରୋପଣ ଲକ୍ଷ୍ୟ
- ରାଜ୍ୟରେ ୩୩.୧୫% ଜଙ୍ଗଲ ବୃଦ୍ଧି



ବୈଠକରେ ଉପସ୍ଥିତ ମନ୍ତ୍ରୀ ବିକ୍ରମକେଶରୀ ଆରୁଖ ଓ ଅନ୍ୟମାନେ।

ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ୧ଲକ୍ଷ ୧୦ହଜାର ହେକ୍ଟରରେ ଜଙ୍ଗଲ ସୃଷ୍ଟି ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଓଡ଼ିଶା ୧ଲକ୍ଷ ୩୦ହଜାର ହେକ୍ଟରରେ ଚାରା ରୋପଣ କରିଛି। ୧୩କୋଟି ୭୦ଲକ୍ଷ ଚାରା ଉତ୍ପାଦିତ ହୋଇ ରୋପଣ ପାଇଁ ସଂରକ୍ଷିତ ରହିଛି। ରାଜ୍ୟର ୧୦୦ଟି ବିଦ୍ୟାଳୟରେ ନର୍ସରୀ ଖୋଲାଯିବ। ଯେଉଁ ବିଦ୍ୟାଳଗୁଡ଼ିକରେ ଇକୋ-କ୍ଲବ୍‌ଗୁଡ଼ିକ ଭଲ ବୃକ୍ଷରୋପଣ କରୁଛନ୍ତି, ସେସବୁ ବିଦ୍ୟାଳୟକୁ 'ବିଦ୍ୟାଳୟ ନର୍ସରୀ ଯୋଜନା' ପାଇଁ ଚିହ୍ନଟ କରାଯାଇଛି। କେନ୍ଦ୍ର ସରକାର ଏଥିପାଇଁ ପର୍ଯ୍ୟାପ୍ତ ପାଣ୍ଠି ଦେବାପରେ ଏସବୁ ବିଦ୍ୟାଳୟ ନର୍ସରୀ ବୃକ୍ଷରୋପଣରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ। ସେହିଭଳି ରାଜ୍ୟ ଜଙ୍ଗଲ ବିଭାଗ ପକ୍ଷରୁ ଟିମ୍ବର ଟ୍ରାନ୍ସପୋର୍ଟ ପାଇଁ ଅନ୍‌ଲାଇନ୍ ପରମିଟ୍ ପୋର୍ଟାଲ ଲୋକାର୍ପିତ ହୋଇସାରିଛି। ଜାତୀୟ ଟ୍ରାଞ୍ଜିଟ ପାସ୍ ସିଷ୍ଟମ୍ ପୋର୍ଟାଲକୁ ପୁଙ୍ଖାନୁପୁଙ୍ଖ ନିରୀକ୍ଷଣ କରି ତା' ସହିତ ଆମର ପୋର୍ଟାଲକୁ ସଂଯୁକ୍ତ କରାଯାଇଛି। ଏହାଦ୍ୱାରା ରାଜ୍ୟବାସୀ ନିଜ ଜମିରେ ବିଭିନ୍ନ ମୂଲ୍ୟଯୁକ୍ତ ବୃକ୍ଷ ଲଗାଇବା ପାଇଁ ଆଗ୍ରହୀ ହେବେ ଓ ସେମାନଙ୍କୁ ମଧ୍ୟ କାଟିବା ଓ ବିକ୍ରିର ଅନୁମତି ଦିଆଯାଇପାରିବ। ରାଜ୍ୟରେ ୧,୩୧୫ ମେଟ୍ରିକ ଟନ୍ ରକ୍ତ ଚନ୍ଦନ କାଠ ସଂରକ୍ଷିତ ରହିଛି। ଏହାକୁ ବିକ୍ରି କରିବା ପାଇଁ କେନ୍ଦ୍ର ଆବଶ୍ୟକ ଅନୁମତି ପ୍ରଦାନ କରିବାକୁ ମନ୍ତ୍ରୀ ଆରୁଖ କହିଛନ୍ତି। ଅନ୍ୟପକ୍ଷରେ ବ୍ୟାପକ ଜଙ୍ଗଲ ସୃଷ୍ଟି ପାଇଁ ମହାନଦୀ ଦୁଇ ପାର୍ଶ୍ୱରେ ସମ୍ପ୍ରତି ଚାରା ରୋପଣ କାର୍ଯ୍ୟ ଜାରି ରହିଛି। ଏଥିପାଇଁ କାମ୍ପା ପାଣ୍ଠିରୁ ଆବଶ୍ୟକ ଅନୁଦାନ ପ୍ରଦାନ କରିବାକୁ ସେ କେନ୍ଦ୍ରମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ବଲାଙ୍ଗୀର ବିଇଓ ନିଲମ୍ବିତ



**ବଲାଙ୍ଗୀର ଅଫିସ, ୧୭।୮:** ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଅଫିସରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ମହାଦୁର୍ନୀତି ଘଟଣାରେ ବ୍ଲକ ଶିକ୍ଷା ଅଧିକାରୀ ରିଚ୍‌ପାଲ ସାଗରଙ୍କୁ ରାଜ୍ୟ ସରକାର ଚାକିରିରୁ ନିଲମ୍ବନ କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଜିଲା ଶିକ୍ଷା ଅଧିକାରୀ

**ପେନ୍‌ସନ ନାଁରେ ଦେଢକୋଟିରୁ ଊର୍ଦ୍ଧ୍ୱ ଲୁଟ୍ ମାମଲା**

ଧ୍ରୁବଚରଣ ବେହେରା ବିଇଓ ସାଗରଙ୍କୁ ନିଲମ୍ବନ ନିର୍ଦ୍ଦେଶ ଜଣାଇଥିବା ସୂଚନା ଦେଇଛନ୍ତି। ଗତବର୍ଷ ବିଇଓ ଅଫିସ ମହାଦୁର୍ନୀତି ଘଟଣା ଲୋକଲୋଚନକୁ ଆସିଥିଲା। ପେନ୍‌ସନ୍ ନାଁରେ ବିଇଓ ଅଫିସର କିରାଣି ପ୍ରମୋଦ କୁମାର ରଥ ତାଙ୍କ ବାପା ଓ ସ୍ତ୍ରୀଙ୍କ ଆକାଉଣ୍ଟକୁ ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ଟ୍ରାନ୍ସଫର କରିଥିବା ଜଣାପଡିଥିଲା। ଏ ନେଇ ଭିଜିଲାନ୍ସସ୍ତରୀୟ ତଦନ୍ତ ଆରମ୍ଭ ହେବା ପରେ ସରକାରୀ ତହବିଲ୍‌ରୁ ଦେଢ଼କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରାଯାଇଥିବା ଜଣାପଡିଥିଲା। ଏହି ଘଟଣାରେ ସମ୍ପୃକ୍ତ କିରାଣି ରଥଙ୍କ ସହ ବିଇଓ ରିଚପାଲ ସାଗରଙ୍କ ଭୂମିକା ସନ୍ଦେହଜନକ ହୋଇପଡିଥିଲା। ଗତ ଫେବୃୟାରୀ ମାସରେ କିରାଣୀ ରଥଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା।

### ବାହାରିଲା ନିଶାମୁକ୍ତି ଭାରତ ସଚେତନତା ରଥ

ଦେବଗଡ,୧୭।୮(ଡି.ଏନ.ଏ,): ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ଏବଂ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ନିଶାମୁକ୍ତି ଭାରତ ଅଭିଯାନକୁ ଜିଲାପାଳ ସୁଧାଂଶୁ ମୋହନ ସାମଲ ଶୁଭାରମ୍ଭ କରିଛନ୍ତି। ଏହି ସଚେତନତା ରଥ ତିନିଦିନ ଧରି ସମଗ୍ର ଜିଲା ପରିକ୍ରମା କରିବ। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଜୀବନ ଜ୍ୟୋତି ନିଶା ନିବାରଣ କେନ୍ଦ୍ର ବାରକୋଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ତଥା ଜୀବନ ଜ୍ୟୋତି ନିଶା ନିବାରଣ କେନ୍ଦ୍ର ବାରକୋଟର କର୍ମଚାରୀ ଉପସ୍ଥିତ ଥିଲେ। ଜୀବନ ଜ୍ୟୋତି ନିଶା ନିବାରଣ କେନ୍ଦ୍ରର ସହଯୋଗରେ ଆଗାମୀ ଦିନରେ ଏ ସଂକ୍ରାନ୍ତରେ ଅନେକ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ପାଇଁ ଜିଲା କମିଟି ଆବାହକ ତଥା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧିର ନଇ ପ୍ରକାଶ କରିଛନ୍ତି।

## ବରିଷ୍ଠ କୃଷି ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର, ୧୭।୮ (ବ୍ୟୁରୋ)

ଦୁର୍ନୀତି ଏବଂ ଅସଦାଚରଣ ଭଳି କାର୍ଯ୍ୟ ପାଇଁ ରାଜ୍ୟ ସରକାର ଶୂନ ସହନଶୀଳତା ନୀତି ଅବଲମ୍ବନ କରିଛନ୍ତି। ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୂର୍ବତନ ଆୟୁଷ ନିର୍ଦ୍ଦେଶକ ବିଭୁପ୍ରସାଦ ଷଡଙ୍ଗୀଙ୍କୁ ରାଜ୍ୟ ସରକାର ବାଧ୍ୟତାମୂଳକ ଅବସର ଦେଇଥିଲେ। ସେହିପରି ଦୁର୍ନୀତି ଅଭିଯୋଗରେ ପୂର୍ବତନ କୋରାପୁଟ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ମହାନ୍ତିଙ୍କୁ ରାଜ୍ୟ ସରକାର ସୋମବାର ଚାକିରିରୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଦୁର୍ନୀତି ଅଭିଯୋଗରେ ଜୁଲାଇ ୨ ତାରିଖରେ ତାଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ଭୁବନେଶ୍ୱର ଯିବା ବାଟରେ ତାଙ୍କଠାରୁ ଭିଜିଲାନ୍ସ ୧୧ ଲକ୍ଷ ଟଙ୍କା ଜବତ କରିଥିଲା। ସେ ତାହାର ହିସାବ ଦେଇ ପାରି ନ ଥିଲେ। ସେହିଦିନ ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାପରେ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ଭିଜିଲାନ୍ସ ଚଢଉ ବେଳେ ତାଙ୍କର ୩.୫ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଦୁର୍ନୀତି କ୍ଷେତ୍ରରେ ଶୂନ ସହନଶୀଳତା ନୀତି ବଳରେ ପି.କେ. ମହାନ୍ତିଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା ସରକାରଙ୍କ ପକ୍ଷରୁ ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।



କଟକ ଯୋବ୍ରା ଆନିକଟ ନିକଟ ମହାନଦୀରେ ସୋମବାର ପ୍ରବାହିତ ବନ୍ୟାଜଳ।

## ଦୋଷୀ ନେତ୍ରାନନ୍ଦଙ୍କ ମୃତ୍ୟୁ

କୋରାପୁଟ, ୧୭।୮ (ସ୍ୱ.ପ୍ର.)

**ଟିକିରି ଇତିଶ୍ରୀ ମୃତ୍ୟୁ ମାମଲା**

ରାୟଗଡ଼ା ଜିଲାର ଟିକିରିର ଶିକ୍ଷୟିତ୍ରୀ ଇତିଶ୍ରୀ ପ୍ରଧାନଙ୍କ ମୃତ୍ୟୁ ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇ କୋରାପୁଟ ସର୍କଲ ଜେଲରେ ବନ୍ଦୀ ଜୀବନ ବିତାଉଥିବା ନେତ୍ରାନନ୍ଦ ଦଣ୍ଡସେନାଙ୍କ ସୋମବାର ସକାଳେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ (ଏସ୍‌ଏଲ୍‌ଏନ୍‌ଏମ୍‌ସି)ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସର୍କଲ ଜେଲରେ ବନ୍ଦୀ ଜୀବନ କାଟୁଥିବା ଦଣ୍ଡସେନାଙ୍କ ରବିବାର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ପଡିଥିଲା। ତାଙ୍କୁ ଚିକିତ୍ସା ପାଇଁ ଏସ୍‌ଏଲ୍‌ଏନ୍‌ଏମ୍‌ସିରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସର୍କଲ ଜେଲ ଅଧୀକ୍ଷକ ଗଗନ ବିହାରୀ ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୩ରେ ଟିକିରି ବିଦ୍ୟାଳୟର ଶିକ୍ଷୟିତ୍ରୀ ଇତିଶ୍ରୀଙ୍କୁ ଘରେ ଥିବା ଅବସ୍ଥାରେ କୌଣସି ଦୁର୍ବୃତ୍ତ କିରୋସିନ ଢାଳି ପୋଡ଼ି ମାରି ଦେଇଥିଲେ। ଏହି ଘଟଣାରେ ଦଣ୍ଡସେନାଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ ହୋଇଥିଲା। ବହୁ ବିରୋଧ, ଦାବି ପରେ ତାଙ୍କୁ ଗିରଫ କରାଯାଇଥିଲା। ଦୋଷୀ ସାବ୍ୟସ୍ତ ହୋଇ ସେ ୨୦୧୬ରୁ ଆଜୀବନ କାରାଦଣ୍ଡ ଭୋଗୁଥିଲେ। ସେବେଠାରୁ କୋରାପୁଟ ସର୍କଲ ଜେଲରେ ଥିଲେ। ରବିବାର ତାଙ୍କର ହଠାତ୍ ଦେହ ଖରାପ ହେବାରୁ ତାଙ୍କୁ ଜେଲ କର୍ତ୍ତୃପକ୍ଷ ଏସ୍‌ଏଲ୍‌ଏନ୍‌ଏମ୍‌ସିରେ ଭର୍ତ୍ତି କରିଥିଲେ। ନେତ୍ରାନନ୍ଦଙ୍କ ମୃତଦେହ ବ୍ୟବଚ୍ଛେଦ ପରେ କୋରାପୁଟ ମେଡିକାଲରୁ ଜିଲା ପ୍ରଶାସନ ନେଇ ସତ୍କାର କରିଛି। ସେଠାରେ ପରିବାର ଲୋକେ ଉପସ୍ଥିତ ଅଛନ୍ତି। ଅପରପକ୍ଷରେ ଏ ସମ୍ପର୍କରେ ନେତ୍ରାନନ୍ଦଙ୍କ ଝିଅ ନଳିନୀପ୍ରଭା ଦଣ୍ଡସେନା କହିଛନ୍ତି ଯେ, ତାଙ୍କ ବାପାଙ୍କ ମୃତ୍ୟୁ ପାଇଁ ରାୟଗଡା ଜିଲା ପ୍ରଶାସନ ଓ ମୁଖ୍ୟମନ୍ତ୍ରୀ ଦାୟୀ। ଏହାର ସିବିଆଇ ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି।

### ଗୁଗଲ ପରେ ମାଇକ୍ରୋସଫ୍ଟ ଟ୍ରାନ୍ସଲେଟରରେ ଓଡ଼ିଆ ଭାଷା

**ଭୁବନେଶ୍ୱର, ୧୭।୮ (ବ୍ୟୁରୋ):** ଓଡିଆ ଭାଷାକୁ ଆଉ ଏକ ବଡ ସଫଳତା ମିଳିଛି। ମାଇକ୍ରୋସଫ୍ଟ ଟ୍ରାନ୍ସଲେଟରରେ ଏବେ ଓଡିଆ ଭାଷା ଉପଲବ୍ଧ ହେବ। ମାଇକ୍ରୋସଫ୍ଟ ପକ୍ଷରୁ ଏନେଇ ଘୋଷଣା

**ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ଦେଲେ ସୂଚନା**

କରାଯିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଉକ୍ତ ଘୋଷଣାକୁ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି ଯେ, ଓଡିଆ ବର୍ତ୍ତମାନ ମାଇକ୍ରୋସଫ୍ଟ ଟ୍ରାନ୍ସଲେଟରରେ ୧୨ତମ ଭାଷାଭାବେ ଯୋଡି ହୋଇଛି। ଆଗକୁ ଓଡିଆ ବିଶ୍ୱସ୍ତରରେ ପରିଚୟ ଲାଭ କରିବା ସହ ସବୁ ଖବର ଆମ ଭାଷାରେ ମିଳିପାରିବ। ଏହାସହ ଅନ୍ତଃ ରାଜ୍ୟ ପ୍ରଚଳନକୁ ମଧ୍ୟ ପ୍ରୋତ୍ସାହନ ଦେବ। ମାଇକ୍ରୋସଫ୍ଟର ଘୋଷଣା ମୁତାବକ, ଉକ୍ତ ଟ୍ରାନ୍ସଲେଟର ଆପ, ଟ୍ରାନ୍ସଲେଟର ଫର ବିଙ୍ଗ ଓ ମାଇକ୍ରୋସଫ୍ଟ ଆଜ୍ୟୋର କଗନିଟିଭ ସର୍ଭିସେସ ଟ୍ରାନ୍ସଲେଟରରେ ଓଡିଆ ଭାଷାରେ ଅନୁବାଦ କରାଯାଇପାରିବ।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଅମରପାଲି, ୧୭।୮ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ପୁଲେଶ୍ୱର ଗାଁରେ ସୋମବାର ପୂର୍ବାହ୍ନରେ ବିଦ୍ୟୁତ୍ ଆଘାତରେ ନୀଳକଣ୍ଠ ଖୁରା(୪୨)ଙ୍କ ମୃତ୍ୟୁ ଘଟିଛି। ପରିବାର ଲୋକେ ତାଙ୍କୁ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନାବାଳିକା ଗଣବଳାତ୍କାର, ହତ୍ୟାର ୫ବର୍ଷ ପରେ ପୀଡ଼ିତା ପରିବାରକୁ ସାମାଜିକ ବାସନ୍ଦ

ବଲାଙ୍ଗୀର ଅଫିସ, ୧୭।୮

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସର୍ଗିପାଲି ଗ୍ରାମର ଦଳିତ ନାବାଳିକା ଗଣବଳାତ୍କାର ଓ ହତ୍ୟା ଘଟଣାକୁ ଇତିମଧ୍ୟରେ ୫ବର୍ଷରୁ ଅଧିକ ସମୟ ହୋଇଗଲାଣି। ଏହି ଘଟଣାରେ ପୀଡିତ ପରିବାର ନ୍ୟାୟ ପାଇ ନ ଥିବାବେଳେ ଏବେ ସାମାଜିକ ବାସନ୍ଦର ଶିକାର ହେବା ଘଟଣା ଜିଲାରେ ହଇଚଇ ସୃଷ୍ଟି କରିଛି। ପୀଡିତା ପରିବାର ସଦସ୍ୟଙ୍କ ସହ ପଡାର ଅନ୍ୟ ୧୦/୧୨ ପରିବାର ସାମାଜିକ ବାସନ୍ଦର ଶିକାର ହୋଇଥିବା ନେଇ ସୋସିଆଲ ମିଡିଆରେ ସେମାନଙ୍କ ଅଭିଯୋଗ ରଖିବା ପରେ ଘଟଣାଟି ଲୋକଲୋଚନକୁ ଆସିଛି। ସର୍ଗିପାଲିରେ ୧୦/୧୨ପରିବାର ସଦସ୍ୟଙ୍କୁ ସେହି ଗାଁର ଅନ୍ୟମାନେ ରାସ୍ତାଘାଟ, କାମଧନ୍ଦା ଓ କଥାବାର୍ତ୍ତା ବନ୍ଦ କରି ସାମାଜିକ ବାସନ୍ଦ କରିଥିବା ଅଭିଯୋଗ କରାଯାଇଛି। ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ନାବାଳିକାଙ୍କ ପିତା ପଡାର ଅନ୍ୟ ମହିଳା ଓ ପୁରୁଷ ଏଭଳି ସଙ୍ଗିନ ଅଭିଯୋଗ କରୁଛନ୍ତି। ୨୦୧୫ ମେ ୨୨ ତାରିଖ ଦିନ ଦଶମ ଶ୍ରେଣୀରେ ପଢୁଥିବା ନାବାଳିକା(୧୫)ଙ୍କୁ ଅପହରଣ କରାଯାଇଥିଲା। ଗୋଟିଏ ଦିନ ପରେ ହରିଶଙ୍କର ନାଳା ନିକଟରୁ ତାଙ୍କର କ୍ଷତାକ୍ତ ମୃତଦେହ ଉଦ୍ଧାର ହୋଇଥିଲା। ତାଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ସ୍ଥାନୀୟ ପୋଲିସ ତଦନ୍ତ ପରେ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ହୋଇଥିଲା। ଏହି ଘଟଣାରେ ଗାଁର ଦୁଇଜଣ ଯୁବକଙ୍କୁ ପୋଲିସ ଗିରଫ କରିଥିଲା। ତେବେ ୧୨୦ଦିନ ଭିତରେ କ୍ରାଇମବ୍ରାଞ୍ଚ ଚାର୍ଜସିଟ୍ ଦାଖଲ କରି ନ ପାରିବାରୁ ସେମାନେ ଜାମିନରେ ବାହାରିଥିଲେ। ସେହିଦିନରୁ ଏହି ଗଣବଳାତ୍କାର ଓ ହତ୍ୟା ଘଟଣା ଆଗେଇ ନାହିଁ। ଲୋକେ ସିବିଆଇ ତଦନ୍ତ କରିଥିଲେ ମଧ୍ୟ ଏଦିଗରେ କୌଣସି ଅଗ୍ରଗତି ହୋଇନାହିଁ। ଏନେଇ ପାଟଣାଗଡ ଉପଜିଲାପାଳ ସୋମନାଥ ପ୍ରଧାନଙ୍କୁ ଯୋଗାଯୋଗ କରାଯାଇଥିଲା। ରିଙ୍ଗ ହେବା ସତ୍ତ୍ୱେ ସେ ଫୋନ୍ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ତାତିଲେ ଦୁଇ ଆଦର୍ଶ ସ୍କୁଲ ଅଭିଭାବକ

ଝାରସୁଗୁଡା ଅଫିସ, ୧୭।୮

ଝାରସୁଗୁଡା ଜିଲାର ଏଚ.କଟାପାଲି ଓ ଲଖନପୁର ଓଡିଶା ଆଦର୍ଶ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରେ ଷଷ୍ଠ ଶ୍ରେଣୀରେ ପଢ଼ିବା ପାଇଁ ଜିଲାର ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ସ୍କୁଲରୁ ସେମାନଙ୍କୁ ବହିପତ୍ର ମଧ୍ୟ ମିଳିଛି। ହେଲେ କୋଭିଡ ପାଇଁ ଚଳିତ ବର୍ଷ ଉଭୟ ସ୍କୁଲ କାର୍ଯ୍ୟକ୍ଷମ ହୋଇ ପାରିବ ନାହିଁ। ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ଫେରାଇ ଦିଆଯାଉ। ଫଳରେ ସେମାନେ ଅନ୍ୟ ସ୍କୁଲରେ ପାଠ ପଢ଼ି ପାରିବେ ବୋଲି ଜାଣିଲା ପରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଭାବକମାନେ ଧାରଣା ଦେଇ ବିରୋଧ କରିଛନ୍ତି।

## କ୍ଷୟକ୍ଷତି ଆକଳନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୭।୮ (ବ୍ୟୁରୋ)

ଗତ ୫ ଦିନ ଧରି ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ହୋଇଛି। ତେବେ ୧୦ଟି ଜିଲାରେ ପ୍ରବଳ ବର୍ଷା ହୋଇଛି। ମାଲକାନଗିରି ଜିଲାରେ ସର୍ବାଧିକ ୪୬୩ ମିଲିମିଟର ବର୍ଷା ହୋଇଥିବାବେଳେ ଯାଜପୁରରେ ୨୬୩, ଢେଙ୍କାନାଳରେ ୨୦୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ମାଲକାନଗିରି ଜିଲାର ୬ଟି ବ୍ଲକରେ ୬୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି। କୋରକୁଣ୍ଡା ବ୍ଲକରେ ୬୧୦, ଚିତ୍ରକୋଣ୍ଡାରେ ୫୪୬, କାଲିମେଳାରେ ୪୪୧, ମାଥିଲିରେ ୪୪୭, ଖଇରପୁଟରେ ୪୩୫ ଏବଂ ପଡ଼ିଆ ବ୍ଲକରେ ୪୧୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି କଟକ ଜଲାର ବାଙ୍କି ଡମପଡାରେ ୩୯୫ ମିଲିମିଟର, ଆଠଗଡ଼ରେ ୩୪୮, ଢେଙ୍କାନାଳ ଭୁବନରେ ୩୧୨, ଯାଜପୁର ବିଞ୍ଝାରପୁରରେ ୩୫୩, ଧର୍ମଶାଳାରେ ୩୨୫, ଯାଜପୁର ବ୍ଲକରେ ୩୧୫ ମିଲିମିଟର ଏବଂ କଳାହାଣ୍ଡି ଜିଲା ଥୁଆମୂଳ ରାମପୁରରେ ୩୭୧ ମିଲିମିଟର ବର୍ଷା ହୋଇଛି। ସୋମବାର ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା କରିବା ପରେ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ଏହି ସୂଚନା ଦେଇଛନ୍ତି।

**ଲଘୁଚାପ ବର୍ଷା**

- ପାଟଣାଗଡ଼ରେ ଜଣେ ମୃତ
- ୨୦୦ କଚାଘର ଆଂଶିକ, ଗୋଟିଏ ସମ୍ପୂର୍ଣ୍ଣ ଭାଙ୍ଗିଛି



କ୍ଷୟକ୍ଷତି ନେଇ ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ ୧୦ଟି ଜିଲାର ଜିଲାପାଳଙ୍କ ସହିତ ଭିଡିଓ କନ୍‌ଫରେନ୍ସରେ ଆଲୋଚନା କରିଥିଲେ। ୫ ଦିନ ଲଗାଣ ବର୍ଷା ଯୋଗୁ ମାଲକାନଗିରି ଜିଲାରେ ଫ୍ଲାସଫ୍ଲଡ ହୋଇଛି। କାଲିମେଳା ସହିତ ଯୋଗାଯୋଗ ବିଚ୍ଛିନ୍ନ ଥିଲା। ତେବେ ଅନ୍ୟାନ୍ୟ ଅଞ୍ଚଳରେ ଜୀବନଯାପନ ସ୍ୱାଭାବିକ ରହିଛି। ମାଲକାନଗିରି ଜିଲାରେ କେଉଁଠି ଜୀବନ ହାନି ହୋଇ ନ ଥିବା ଜଣାପଡ଼ିଛି। ଜିଲାର ୨୭୧ ହେକ୍ଟର ଜମିରେ ପାଣି ବୁଡ଼ି ରହିଛି। ଢେଙ୍କାନାଳର ଭୁବନ ବ୍ଲକର ଭୁବନ ଓ କାମାକ୍ଷାନଗର ମଧ୍ୟରେ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ଭୁବନ ଓ ଗଁଦିଆ ବ୍ଲକର ୩ଟି ପଞ୍ଚାୟତରେ ପାଣି ଜମି ରହିଥିଲା। ବରଗଡ଼ ଜିଲାର ପଦ୍ମପୁର ବ୍ଲକରେ କିଛି ସମୟ ପାଇଁ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ବନ୍ୟା ଯୋଗୁ ଜୀବନ ହାନି ହୋଇନାହିଁ। ବଲାଙ୍ଗୀର ଜିଲାର ପାଟଣାଗଡ଼ର ଗୋଟିଏ ପରିବାରର ୪ ଜଣ ନିଜର ନୂଆ ଘର ଛାଡି ପୁରୁଣା ଘରକୁ ଯାଇଥିଲେ। ସେଠାରେ ସେମାନେ ରହି ଯାଇଥିଲେ। ସେଠାରେ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ପ୍ରଥମେ କୁହାଯାଇଥିଲା। ମାତ୍ର ୨ଜଣ ନୁହେଁ ବରଂ ଜଣକର ପ୍ରାଣହାନି ହୋଇଥିବା ବଲାଙ୍ଗୀର ଜିଲାପାଳ ଏନେଇ ସ୍ପଷ୍ଟ କରିଥିବା ଏସ୍‌ଆର୍‌ସି କହିଛନ୍ତି। ଢେଙ୍କାନାଳ ଜିଲାରେ ଗୋଟିଏ ଗାଈର ମୃତ୍ୟୁ ଘଟିଛି। ପ୍ରାରମ୍ଭିକ ଆକଳନ ଅନୁଯାୟୀ ୨୦୦ କଚାଘର ରାଜ୍ୟରେ କ୍ଷତି ହୋଇଥିବା ବେଳେ ଗୋଟିଏ ଘର ସମ୍ପୂର୍ଣ୍ଣ କ୍ଷତି ହୋଇଛି। ଜିଲାପାଳମାନଙ୍କୁ କ୍ଷୟକ୍ଷତି ଆକଳନ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତହସିଲଦାରମାନେ ଘର ଭଙ୍ଗା ଓ ଶସ୍ୟ କ୍ଷୟକ୍ଷତି ଆକଳନ କରିବା ଆରମ୍ଭ କରିଛନ୍ତି ବୋଲି ଏସଆରସି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ୭୧୨ କୋଟି ଟଙ୍କାର ଜିଏସ୍‌ଟି ଠକେଇ

କଟକ ଅଫିସ, ୧୭।୮

ଜାଲ୍ ବିଲ୍ ମାଧ୍ୟମରେ ୭୧୨ କୋଟି ଟଙ୍କାର ଜିଏସ୍‌ଟି ଠକେଇର ପର୍ଦ୍ଦାଫାସ୍ କରିଛି ରାଜ୍ୟ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍। ଏଥିରେ ଅଭିଯୁକ୍ତ ଥିବା ମଧୁମିତା ଷ୍ଟିଲ୍‌ସ ଇଣ୍ଡଷ୍ଟ୍ରି ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ କାଶ୍ମୀରା କୁମାର ଅଗ୍ରୱାଲ୍‌ଙ୍କୁ ସମ୍ବଲପୁରରୁ ସୋମବାର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗିରଫ କରିଛି। ଓଡ଼ିଶା ଜିଏସ୍‌ଟି ଆଇନ ୨୦୧୭ର ଧାରା-୬୯ ଅନୁଯାୟୀ ରାଜ୍ୟ ଜିଏସ୍‌ଟି କମିଶନର୍‌ଙ୍କୁ ମିଳିଥିବା କ୍ଷମତା ବଳରେ ଅଭିଯୁକ୍ତଙ୍କୁ ଧାରା-୧୩୨(୧)(କ) ଏବଂ (ଖ) ଏବଂ ୧୩୨(୪)ରେ ଗିରଫ କରାଯାଇଛି। ସେ କୌଣସି ଟିକସ ନ ଦେଇ ଓ ପ୍ରକୃତ ଯୋଗାଣକାରୀଙ୍କଠାରୁ କୌଣସି ବିଲ୍ ହାସଲ ନ କରି ଲୁହା ଇନଗଟ୍, ଲୁହା ରଡ୍, ସ୍କ୍ରାପ୍ ଆଦି କିଣୁଥିଲେ। କିନ୍ତୁ ବିକ୍ରି ବେଳେ ଭୂତ ବ୍ୟବସାୟିକ ପ୍ରତିଷ୍ଠାନ ନାମରେ ତିଆରି ଜାଲ୍ ବିଲ୍‌କୁ ବ୍ୟବହାର କରାଯାଉଥିଲା। ଏହି ଜାଲ୍ ବିଲ୍ ମାଧ୍ୟମରେ ପୂର୍ବ ପ୍ରସ୍ତୁତ ଜାଲ୍ ଆଇଟିସି (ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍)କୁ ରିଫଣ୍ଡ ପାଇଁ ହସ୍ତାନ୍ତର କରାଯାଉଥିଲା। କୌଣସି ବ୍ୟବସାୟିକ ସମ୍ପର୍କ ନ ଥାଇ କେତେକ ଫାର୍ମକୁ ସେ ଟଙ୍କା ହସ୍ତାନ୍ତର କରିଛନ୍ତି। ତେଣୁ ସେ ନଗଦ ଟଙ୍କାର ବେଆଇନ କାରବାରରେ ଲିପ୍ତ ଥିବା ଆଶଙ୍କା କରିଛି ସ୍କ୍ୱାଡ୍।



କାଶ୍ମୀରା ଅଗ୍ରୱାଲ।

- ମଧୁମିତା ଷ୍ଟିଲ୍‌ସ ନିର୍ଦ୍ଦେଶକ ଗିରଫ
- ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା, ନକଲି ଦସ୍ତାବିଜ୍ ଜବତ
- ଭୂତ ବ୍ୟବସାୟିକ ପ୍ରତିଷ୍ଠାନ ନାଁରେ ଚାଲିଥିଲା କାରବାର

ଜିଏସ୍‌ଟି କମିଶନର୍‌ଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନ ଅନୁଯାୟୀ, ସନ୍ଦିଗ୍ଧ ୱେବିଲ୍ କାରବାରଗୁଡ଼ିକୁ ଯାଞ୍ଚ ପାଇଁ ରାଜ୍ୟ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଏକ ଟିମ୍ କାଶ୍ମୀରାଙ୍କ ସମ୍ବଲପୁର ବାସଭବନ, ବ୍ୟବସାୟିକ ପ୍ରତିଷ୍ଠାନ ଓ ଅନ୍ୟ ୧୩ଟି ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଏକକାଳୀନ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ତାଙ୍କଠାରୁ ବିଭିନ୍ନ ବ୍ୟାଙ୍କର ରବର ଷ୍ଟାମ୍ପ, ବ୍ୟାଙ୍କ ପାସ୍‌ବୁକ୍ ଓ ଅନ୍ୟ ଦସ୍ତାବିଜ ଜବତ କରାଯାଇଥିଲା। ସେସବୁ ଜାଲ୍ ବୋଲି ଜଣାପଡ଼ିଥିଲା। ଅନେକ ଭୂତ ବ୍ୟବସାୟିକ ପ୍ରତିଷ୍ଠାନ ନାମରେ ବ୍ୟାଙ୍କ ଖାତା ଖୋଲାଯାଇ ବିପୁଳ ପରିମାଣର ଅର୍ଥ କାରବାର ହୋଇଥିଲା। ଏନେଇ କେତେକ ବ୍ୟାଙ୍କ କର୍ମଚାରୀଙ୍କୁ ପଚରାଉଚରା କରାଯାଇଥିଲା। ଯେଉଁ କୋଠାରେ ବ୍ୟବସାୟିକ ପ୍ରତିଷ୍ଠାନର କାର୍ଯ୍ୟାଳୟ ଥିବା ଉଲ୍ଲେଖ ରହିଥିଲା, ତଦନ୍ତ ବେଳେ ଭଡ଼ା ସମ୍ପର୍କିତ ଚୁକ୍ତିଗୁଡ଼ିକ ନକଲି ବୋଲି କୋଠା ମାଲିକମାନେ କହିଥିଲେ। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ, ବହୁ ଟନ୍ ଓଜନର ଲୁହା ଓ ଷ୍ଟିଲ୍ ଦ୍ରବ୍ୟ ଦୁଇଚକିଆ ଯାନରେ ଚାଲାଣ କରାଯାଇଥିବା ୱେବିଲ୍‌ରେ ଦର୍ଶାଯାଇଥିଲା। ନକଲି ଦସ୍ତଖତରେ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଥିଲା, ଯେଉଁଥିଲେ ବହୁ କୋଟି ଟଙ୍କାର କାରବାର ହୋଇଛି। ଚାକିରି ଯୋଗାଇଦେବାର ପ୍ରଲୋଭନ ଦେଖାଇ, ଦଲାଲ କିମ୍ବା ସ୍ଥାନୀୟ ଲୋକଙ୍କ ମାଧ୍ୟମରେ ନିରୀହ ଲୋକଙ୍କଠାରୁ ପରିଚୟ ସମ୍ପର୍କିତ କାଗଜପତ୍ର ହାସଲ କରାଯାଇଥିଲା। ଏଗୁଡ଼ିକର ଅପବ୍ୟବହାର କରି ଜିଏସ୍‌ଟି ପଞ୍ଜୀକରଣ ନେବା ସହ ବିଭିନ୍ନ ବ୍ୟାଙ୍କରେ କରେଣ୍ଟ ଆକାଉଣ୍ଟ ଖୋଲାଯାଇଥିଲା। ରିଟର୍ନରେ ଦର୍ଶାଯାଇଥିବା କାରବାରଗୁଡ଼ିକ କେବଳ କାଗଜକଲମରେ ସୀମିତ ଥିଲା। ନିରୀହ ଲୋକଙ୍କ ନାମରେ ଜିଏସ୍‌ଟି ପଞ୍ଜୀକରଣ, ଚେକ୍ ବୁକ୍ ଓ ଆର୍‌ଟିଜିଏସ୍ ଫର୍ମରେ ସେମାନଙ୍କ ଦସ୍ତଖତ ନେଇ ଏହି ମାଷ୍ଟରମାଇଣ୍ଡ ବ୍ୟାଙ୍କ କାରବାର ଚାଲିଥିଲା। କେତେକ କ୍ଷେତ୍ରରେ ସେମାନଙ୍କ ଦସ୍ତଖତକୁ ମଧ୍ୟ ନକଲ କରାଯାଇଛି। ଅଭିଯୁକ୍ତ କାଶ୍ମୀରାଙ୍କ ଦ୍ୱାରା ପରିଚାଳିତ କେତେକ ବ୍ୟବସାୟିକ ପ୍ରତିଷ୍ଠାନର ବ୍ୟାଙ୍କ ଆକାଉଣ୍ଟକୁ ଆଟାଚ୍ କରାଯାଇ ସେଥିରେ ଥିବା ୨ କୋଟିରୁ ଅଧିକ ଟଙ୍କା ଜବତ କରାଯାଇଛି।

ଧରିତ୍ରୀ
DHARITRI
ମଙ୍ଗଳବାର, ୧୮ ଅଗଷ୍ଟ, ୨୦୨୦



ମଣିଷ ଗୋଟିଏ ମଧ୍ୟବର୍ତ୍ତିକାଳୀନ ଜୀବସତ୍ତା। ସେ କିନ୍ତୁ ସୃଷ୍ଟି ବିକାଶର ଶେଷ ପର୍ଯ୍ୟାୟ ନୁହେଁ। ମଣିଷଠାରୁ ଅତିମାନବ ଆଡକୁ ପଦକ୍ଷେପ ନେବା ହେଉଛି ପୃଥିବୀ ବିବର୍ତ୍ତନର ଆଗାମୀ ସଫଳତା। ଏହା ଅପରିହାର୍ଯ୍ୟ। କାରଣ ଏହା ଏକାବେଳକେ ଅନ୍ତରାତ୍ମାର ଉଦ୍ଦେଶ୍ୟ ଓ ପ୍ରକୃତିର ପ୍ରକ୍ରିୟାର ଯୁକ୍ତିସଙ୍ଗତ କାରଣ। -**ଶ୍ରୀଅରବିନ୍ଦ**

# ଫେସ୍‌ବୁକ୍

ସୋସିଆଲ ମିଡିଆର ଅନ୍ୟତମ ଶକ୍ତିଶାଳୀ ପ୍ଲାଟଫର୍ମ ହେଉଛି ଫେସ୍‌ବୁକ୍। ଏବେ ଭାରତରେ ସର୍ବାଧିକ ୩୪ କୋଟିରୁ ଉର୍ଦ୍ଧ୍ୱ ଫେସ୍‌ବୁକ୍ ଆକାଉଣ୍ଟ ରହିଛି। ଅବଶ୍ୟ ତନ୍ମଧ୍ୟରୁ ଅନେକ ଆକାଉଣ୍ଟ ଫେକ୍ (ଠକ ବା ଜାଲ) କିମ୍ବା ଜଣେ ବ୍ୟକ୍ତି ପାଖରେ ଏକାଧିକ ପେଜ୍ ରହିଛି। ସେଥିପାଇଁ ଏହି ସଂଖ୍ୟା ବାସ୍ତବ ଚିତ୍ର ଦର୍ଶାଉ ନ ଥାଇପାରେ। ଫେସ୍‌ବୁକ୍‌କୁ ଭାଜପା ନିୟନ୍ତ୍ରଣ କରୁଥିବା ସମ୍ପର୍କିତ ଏକ ରିପୋର୍ଟ ଏବେ ଆମେରିକାର ପ୍ରତିଷ୍ଠିତ ଖବରକାଗଜ ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ 'ଫେସ୍‌ବୁକ୍ ହେଟ୍-ସ୍ପିଚ୍ ରୁଲ୍ସ କୋଲାଇଡ୍ ୱିଥ୍ ଇଣ୍ଡିଆନ୍ ପଲିଟିକ୍ସ' ଶୀର୍ଷକ ଲେଖା ପ୍ରକାଶ ପାଇବା ପରେ ବିତର୍କ ଆରମ୍ଭ ହୋଇଛି।

ଏଭଳି ସ୍ଥିତି ପଛରେ ଏକ କ୍ଷୁଦ୍ର ଇତିହାସ ରହିଛି। ବିଗତ କିଛିମାସ ଧରି ଆମେରିକାରେ ଆରମ୍ଭ ହୋଇଥିବା ରାଷ୍ଟ୍ରପତି ନିର୍ବାଚନ ପ୍ରଚାରରେ ଫେସ୍‌ବୁକ୍ ବ୍ୟବହାରକାରୀମାନେ ଅନେକ ପୋଷ୍ଟିଂ କରୁଛନ୍ତି। ବିଶେଷକରି ଏବେକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକମାନେ ତାଙ୍କର ଦ୍ୱିତୀୟ ନିର୍ବାଚନୀ ପ୍ରଚାରକୁ ଘୃଣା ଏବଂ ହିଂସା ମାଧ୍ୟମରେ ପରିଚାଳନା କରିବା ପାଇଁ ଚେଷ୍ଟା କରୁଛନ୍ତି। ଆମେରିକାରେ ଲାଗିରହିଥିବା ବର୍ଣ୍ଣବୈଷମ୍ୟ ବିବାଦକୁ ଏବେ ଅଧିକ ଇନ୍ଧନ ଦିଆଯାଉଛି। ଏହି ପଦକ୍ଷେପରେ ମୁଖ୍ୟତଃ ଟ୍ରମ୍ପଙ୍କ ସମର୍ଥକମାନେ ଆଗଧାଡ଼ିରେ ଥିବାର ପରିଲକ୍ଷିତ ହେଉଛି। ସବୁ ସୋସିଆଲ୍ ମିଡିଆରେ ଉଗ୍ର ବର୍ଣ୍ଣବୈଷମ୍ୟ ବିବାଦ ସହିତ ଅଣ-ଗୋରା ଚମଡ଼ା ବିରୋଧରେ ହିଂସା ଘଟାଇବା ପାଇଁ ଯେଉଁ ଉଦ୍ୟମ ରାଷ୍ଟ୍ରପତି ଟ୍ରମ୍ପ୍ ପରୋକ୍ଷରେ ଉତ୍ସାହିତ କରିଆସୁଥିଲେ ତାହା ଏକ ନିର୍ଣ୍ଣାୟକ ମୋଡ଼ରେ ଆସି ପହଞ୍ଚିଛି। ଫେସ୍‌ବୁକ୍ ତୁଳନାରେ ଅନ୍ୟ କେତେକ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଯଥା ଟୁଇଟର ଏ ଘୃଣାଭାବ ବିରୋଧରେ, ସ୍ୱଇଚ୍ଛାରେ, ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତଦନୁଯାୟୀ ଅନେକ ଠକ ଆକାଉଣ୍ଟ ବନ୍ଦ କରିବା ସହିତ ଖୋଦ୍ ରାଷ୍ଟ୍ରପତି ଟ୍ରମ୍ପଙ୍କ ପୋଷ୍ଟିଂ ଉପରେ ଟୁଇଟର ମତ ଯୋଡୁଛି। ରାଜନୀତି ସହିତ ଘୃଣାର ଯୋଡ଼ି ଆମେରିକା ସମାଜ ପାଇଁ ଏକ ନୂତନ ଘଟଣା। ସେଠାକାର ନିର୍ବାଚନ ସମୟରେ କୌଣସି ଦ୍ୱେଷ ବା ହିଂସା ପୂର୍ବରୁ ଘଟିବାର ନଜିର ନ ଥିଲା। ୨୦୨୦ ନଭେମ୍ବରରେ ହେବାକୁ ଥିବା ନିର୍ବାଚନ ଏକ ନୂତନ ବ୍ୟତିକ୍ରମ ବୋଲି କୁହାଯାଇପାରିବ।

ଘୃଣା ଏବଂ ହିଂସାର ପ୍ରଚାରକୁ ସାମାଜିକ ସ୍ତରରେ ବିରୋଧ ହେବା ପରେ ଆମେରିକାର ଅନେକ ବୃହତ୍ କମ୍ପାନୀ ବା କର୍ପୋରେଟ୍ ଫେସ୍‌ବୁକ୍‌ରେ ନିଜର ବିଜ୍ଞାପନ ବନ୍ଦ କରାଇ ଦେଇଛନ୍ତି। ଏହାଫଳରେ ଫେସ୍‌ବୁକ୍‌ର ମାତୃଭୂମି ଆମେରିକାରେ ତାହାର ମାଲିକ ମାର୍କ ଜୁକରବର୍ଗ ହତାଶ ହୋଇପଡ଼ିଛନ୍ତି। ସେତିକିବେଳେ ଭାରତ ଭଳି ଦେଶ ତାଙ୍କ ସହିତ କାନ୍ଧ ମିଳାଇବା ପାଇଁ ଆଗେଇ ଆସିଛି। ଆମ ଦେଶରେ ଫେସ୍‌ବୁକ୍ ବ୍ୟବହାର କରି ସଂଖ୍ୟାଲଘୁ ଏବଂ ରାଜନୈତିକ ବିରୋଧୀଙ୍କୁ ହିଂସାତ୍ମକ ଧମକ ଦିଆଯାଉଛି ବୋଲି ଆମେରିକାର ୱାର୍ଲ୍ଡ ଷ୍ଟ୍ରିଟ୍ ଜର୍ନାଲରେ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟରେ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପାର ସଦସ୍ୟମାନେ ଫେସ୍‌ବୁକ୍ ମାଧ୍ୟମରେ ଅନେକ ଅଶାନ୍ତି ସୃଷ୍ଟି କରୁଛନ୍ତି। ଭାରତରେ ଶାସକ ଦଳର ନେତାମାନେ ଫେସ୍‌ବୁକ୍ ଭଳି ସୋସିଆଲ ମିଡିଆରେ ଘୃଣା ତଥା ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ରଖୁଥିଲେ ମଧ୍ୟ ତାହା ଉପରେ ପ୍ରତିବନ୍ଧକ ଲଗାଯାଇପାରୁ ନାହିଁ। ଖବର ମିଳିଛି ଯେ, ଭାରତରେ ଫେସ୍‌ବୁକ୍‌ର ପବ୍ଲିକ୍-ପଲିସି ଏକ୍‌ଜିକ୍ୟୁଟିଭ୍ ଥିବା ଆଙ୍ଖି ଦାସ ଏ ନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଅନାଗ୍ରହ ଦେଖାଉଛନ୍ତି। ଏହା ପଛରେ ଏକ ବୁଝାମଣା କାମ କରୁଛି। ଆଙ୍ଖିଙ୍କ ଭଉଣୀ ରଶ୍ମି ଦାସ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ଏବିଭିପିର ନେତ୍ରୀ ଥିଲେ। ତେଣୁ ଆଙ୍ଖି ଭାଜପା ଦ୍ୱାରା ପ୍ରଭାବିତ ହୋଇଥାଇପାରନ୍ତି ବୋଲି ଜାଣିବା ଶୁଣିବା ମହଲରେ ଆଲୋଚନା ହେଉଛି। ସେଥିପାଇଁ ଫେସ୍‌ବୁକ୍‌ରେ ପୋଷ୍ଟିଂ ହେଉଥିବା ଉତ୍ତେଜନାପୂର୍ଣ୍ଣ ଭାଷଣକୁ ସେ ବନ୍ଦ କରିବାକୁ ଚାହୁଁ ନାହାନ୍ତି। ବିଶେଷକରି କମ୍ପାନୀର ଆଭ୍ୟନ୍ତରୀଣ ଜଗୁଆଳି ଗୋଷ୍ଠୀ କହିସାରିଛି ଯେ, ଭାଜପାର କେତେକ ସମର୍ଥକ ଫେସ୍‌ବୁକ୍‌ର ଆଇନ ଉଲ୍ଲଂଘନ କରୁଛନ୍ତି। ତଥାପି ଆଙ୍ଖି ଦାସ ଏ ଦିଗରେ ଆଖି ପକାଇବାକୁ ଅରାଜି। ପୁଣି ଭାରତରେ ସରକାରଙ୍କ ସହ କର୍ପୋରେଟ୍ ମିଶିକରି ଥିବାରୁ ଫେସ୍‌ବୁକ୍ ଦୁଇ ଆଡୁ ଫାଇଦା ଉଠାଇବା ସକାଶେ ବିଧିବଦ୍ଧ ଯୋଜନା କରିଥାଇପାରେ। ଅବଶ୍ୟ ଉକ୍ତ ପ୍ରସଙ୍ଗ ଏବେ ବିତର୍କ ପାଲଟିଯାଇଥିବାରୁ ଫେସ୍‌ବୁକ୍ ପକ୍ଷରୁ ସ୍ପଷ୍ଟୀକରଣ ଦିଆଗଲାଣି ଯେ ସଂସ୍ଥା କୌଣସି ଭାବେ ରାଜନୈତିକ ବାଛବିଚାର ନ ରଖି ଘୃଣା ଭାଷଣ ଓ ଉତ୍ତେଜନା ସୃଷ୍ଟିକାରୀ ଅଂଶକୁ ଭଲ ଭାବେ ଯାଞ୍ଚ କରୁଛି। ଏ ଦିଗରେ ଅଧିକ କିଛି ପଦକ୍ଷେପ ନେବାକୁ ଉଦ୍ୟମ ହେଉଛି ବୋଲି ଫେସ୍‌ବୁକ୍ ପକ୍ଷରୁ କୁହାଯାଇଛି।

ଶୁଣାଯାଉଛି ଫେସ୍‌ବୁକ୍ ଭାରତ ଭଳି ଏକ ବିଶାଳ ଜନସଂଖ୍ୟାବହୁଳ ଦେଶରେ ବ୍ୟବସାୟକୁ ସଙ୍କୁଚିତ କରିବାକୁ ଚାହୁଁ ନାହିଁ। ତେଣୁ ସରକାରୀ ଦଳକୁ ସୁହାଇଲା ଭଳି କାର୍ଯ୍ୟ କରି ଫାଇଦା ଉଠାଉଛି। ଏବେ ଧରାପଡ଼ିଯାଇଥିବାରୁ ସଙ୍କୋଚ ହେବାକୁ ଯାଇ ଫେସ୍‌ବୁକ୍ ପକ୍ଷରୁ କୁହାଯାଇଛି ଯେ, ଘୃଣା ଭାଷଣ ଅଥବା ବିଷୟବସ୍ତୁ ଯେଭଳି କୌଣସି ହିଂସା ନ ଘଟାଇବ ସେଥିଲାଗି କମ୍ପାନୀ ଜାଗତିଆର ରହିଛି। ହେଲେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ନିକଟରେ ଭାରତରେ ରିଲାଏନ୍ସ ଜିଓ କମ୍ପାନୀର ପ୍ରାୟ ୧୦ ପ୍ରତିଶତ ଅଂଶଧନ ଫେସ୍‌ବୁକ୍ ଦ୍ୱାରା କିଣାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଅଗଷ୍ଟ ୧୯୯୫

- ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ପୁତ୍ର ରାହୁଲ ଗାନ୍ଧୀ କଂଗ୍ରେସରେ ଯୋଗଦେଲେ ଦଳ ତାଙ୍କୁ ସକ୍ରିୟ ସହଯୋଗ କରିବ ବୋଲି କଂଗ୍ରେସ ମୁଖପାତ୍ର ଭି.ଏନ୍. ଗାଡ଼ଗାଲ ସୂଚନା ଦେଇଛନ୍ତି।
- ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ କୁମାରୀ ପାର୍ବତୀ ଗିରିଙ୍କ ୬୯ ବର୍ଷ ବୟସରେ ଦେହାନ୍ତ।
- ସିମ୍ପୋନୀ କମ୍ପର୍ଟସ ସିଷ୍ଟମ୍‌ସ ଲିଃ, ଓଡ଼ିଶା ଶାଖାର ସିନିୟର ସେଲ୍ସ ଅଫିସର ଶିବାଶିଷ ମହାନ୍ତି ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ଶ୍ରେଷ୍ଠ ସେଲ୍ସ ଅଫିସର ଭାବେ ସମ୍ମାନିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | 5 | | | | 0 | | | 1 | E |
| | 4 | | 5 | | | 1 | | | | | | | | 7 |
| C | | 6 | 8 | | 3 | E | | | | D | | | | |
| 9 | 1 | 0 | | 4 | | | | | 2 | 3 | | | | |
| | | 3 | | | A | C | | 4 | E | | | 6 | D | 2 |
| | | D | 9 | | | | 6 | | 4 | | | | E | 0 |
| 1 | | | E | | | D | | | | B | | | 4 | |
| | 3 | | | B | | | | E | 6 | 2 | | 7 | | |
| | C | 9 | | | 8 | 2 | 1 | | | | | | | A |
| | 8 | 7 | D | | | | 0 | 9 | | | | | | |
| | | | | | | 4 | | | 0 | 9 | | | | 8 |
| 3 | A | | | 8 | | B | C | | 7 | | | | | |
| D | 9 | | | | 2 | | 7 | A | 5 | 6 | | | | |
| | | 5 | B | | | | | 6 | A | 1 | | | | |
| | | 4 | | E | | | | | C | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | E | 6 | 8 | 0 | 2 | 9 | B | C | 1 | A | 7 | 5 | D | 4 |
| A | 9 | 0 | 5 | 7 | C | D | 3 | 1 | 6 | B | 4 | 8 | E | 2 |
| C | B | 7 | 6 | 1 | 4 | 2 | A | 8 | 5 | E | D | 3 | 0 | 9 |
| 8 | 1 | D | E | 9 | A | 5 | 4 | 0 | 3 | C | 2 | 7 | B | 6 |
| 2 | 4 | 5 | D | B | 3 | E | 7 | 6 | 8 | 0 | 9 | 1 | A | C |
| 7 | 8 | A | B | 3 | 5 | 6 | 1 | 2 | E | 4 | 0 | 9 | C | D |
| 0 | 3 | C | 7 | E | 6 | 4 | 8 | B | D | 9 | 1 | 2 | 5 | A |
| 1 | 5 | 9 | 0 | 2 | 8 | A | D | E | C | 3 | B | 4 | 6 | 7 |
| B | 6 | 4 | A | C | D | 7 | 9 | 3 | 2 | 5 | 8 | 0 | 1 | E |
| E | D | 2 | 1 | 4 | 9 | 0 | C | 5 | A | 7 | 6 | B | 8 | 3 |
| D | 0 | 1 | 4 | 6 | E | 8 | 5 | 7 | 9 | 2 | A | C | 3 | B |
| 6 | C | 8 | 2 | 5 | B | 1 | E | 9 | 7 | D | 3 | A | 4 | 0 |
| 9 | A | E | C | 8 | 0 | 3 | 2 | 4 | B | 6 | 5 | D | 7 | 1 |
| 4 | 7 | 3 | 9 | D | 1 | B | 6 | A | 0 | 8 | C | E | 2 | 5 |
| 5 | 2 | B | 3 | A | 7 | C | 0 | D | 4 | 1 | E | 6 | 9 | 8 |

ଗତକାଲିର ଉତ୍ତର

# ଟିପୁଙ୍କ ବାଘ ପାକିସ୍ତାନୀଙ୍କୁ ଭୟ



ସାରଦା ପ୍ରସାଦ କର

ଅର୍ଦ୍ଧଚେତନ ମନର ଅବସ୍ଥାରେ ସ୍ୱପ୍ନ ଦେଖିବା ଏକ ନିୟମିତ ପ୍ରକ୍ରିୟା, କିନ୍ତୁ ଅବସାଦଗ୍ରସ୍ତ ମଣିଷ ପାଇଁ ସ୍ୱପ୍ନ ଅଯଥା ଭୟସଞ୍ଚାର କରେ। ଅୟସରେ ରହି ନିୟମିତ ଭାବେ ସ୍ୱପ୍ନ ଦେଖିବା ବା ସ୍ୱପ୍ନରାଜ୍ୟରେ ଉଡ଼ିବୁଲିବା ଲୋକକୁ ଇଂଲିଶରେ ସମ୍‌ନାମବୁଲିଷ୍ଟ କୁହାଯାଏ। କିନ୍ତୁ ଏହି ଅବସାଦ କିମ୍ବା ଅୟସ ଅର୍ଥରେ ଆମକୁ ଟିପୁଙ୍କ କାଠବାଘ ଓ ଉକ୍ତ ବାଘକୁ ନେଇ ପାକିସ୍ତାନବାସୀଙ୍କ ଭୟଥିବା ଜାଣି ଉତ୍କଣ୍ଠା ବଢ଼ିବା ସ୍ୱାଭାବିକ। ଗତ ମାସରେ ପାକିସ୍ତାନର ବହୁଳ ପ୍ରସାରିତ ଇଂଲିଶ ଖବରକାଗଜ 'ଦି ଡନ୍' ସମ୍ପାଦକୀୟରେ 'ଦି ଫେଟ୍ ଅଫ୍ ଟିପୁସ୍ ଟାଇଗର' ଶୀର୍ଷକଟି ଲେଖିକା ରଫିଆ ଜାକାରିଆଙ୍କ ମଜାଦାର ତଥ୍ୟ ସମ୍ବଳିତ ଲେଖା। ଶ୍ରୀରଙ୍ଗପଟ୍ଟନମ୍ ପତନ ପରେ ଭାରତରୁ ଟିପୁଙ୍କ କାଠବାଘଟିକୁ ବ୍ରିଟିଶ୍‌ମାନେ ଲୁଚେଇ ନିଜ ଦେଶକୁ ନେଇଯାଇଥିଲେ। ଯାହା ଏବେ ଲଣ୍ଡନର ବ୍ରିଟିଶ୍ ମ୍ୟୁଜିୟମରେ ଦର୍ଶକମାନଙ୍କ ପାଇଁ ପ୍ରଦର୍ଶନ କରାଯାଉଛି ଏବଂ ଯେଉଁ କାଠବାଘକୁ ଫେରିପାଇବାକୁ ପାକିସ୍ତାନ ହକ୍‌ଦାର ବୋଲି ସେ ଉଲ୍ଲେଖ କରିଛନ୍ତି। ଲେଖିକା ନିଜର ପରିଚୟରେ ଜଣେ ସରକାରୀ ଆଇନ ପରାମର୍ଶଦାତା। ସାମ୍ବିଧାନିକ ଆଇନ ଓ ରାଜନୀତି ଦର୍ଶନର ଅଧ୍ୟାପନା କରୁଥିବା ଉଲ୍ଲେଖ କରିଛନ୍ତି ଓ ସେ ଦୃଷ୍ଟିରୁ ସ୍ୱାଧୀନତାପର ଭାରତରୁ ଉତ୍ତୀର୍ଣ୍ଣ ଗୋଟିଏ ମୁସଲମାନ ଦେଶ ଖେଳନା ସମ୍ପଦଟି ହାସଲ ପାଇଁ ନିୟମଗତ ହକଦାର ବୋଲି ଦର୍ଶାଇଛନ୍ତି। 'କନ୍ୟା ଘର ଏରୁଣ୍ଡି ନ ଡେଉଁଣୁ ପୁଅର ନାଁ ଗୋପାଳିଆ' ଦିଆସରିଲାଣି। ପୃଥିବୀର ଅନେକ ମୂଲ୍ୟବାନ ଚୋରା ସମ୍ପତ୍ତିକୁ ବ୍ରିଟିଶ୍ ମ୍ୟୁଜିୟମ ଦର୍ଶକଙ୍କ ମନୋରଞ୍ଜନ କରି ଫେରସ୍ତ ପାଇଁ ଆଉ ମନବଳଉ ନ ଥିବାବେଳେ ପାକିସ୍ତାନବାସୀ ଉକ୍ତ କଳାତ୍ମକ ବାଘଟିକୁ ପାଇବା ପାଇଁ ବ୍ୟାକୁଳ। ଏହା ହୁଏତ ଲେଖିକା ଜାକରିଆ ଓ ପାକିସ୍ତାନବାସୀଙ୍କ ପାଇଁ ଆମେ ସ୍ୱପ୍ନ କହିପାରୁ, ହେଲେ ଟିପୁଙ୍କ ବାଘଟି ପାଇବା ପରେ ପାକିସ୍ତାନରେ ଏହା କେତେଦିନ ରହିବ ବା ଲୋକେ ମ୍ୟୁଜିୟମରେ କେତେଦିନ ଦେଖିପାରିବେ ସେ ବିଷୟରେ ଜାକରିଆ ସଂଶୟ ପ୍ରକାଶ କରିଛନ୍ତି।

ଇମ୍ରାନ୍‌ଙ୍କ ବିଦେଶ ପ୍ରୀତିରୁ ପାକିସ୍ତାନର କଳାସଂସ୍କୃତି ଦେଶାନ୍ତର ହେବାରେ ପାକିସ୍ତାନବାସୀଙ୍କ ଭୟ ସ୍ୱାଭାବିକ। ଜିନ୍‌ଜିଆଙ୍ଗ୍ ପ୍ରଦେଶର ମୁଖ୍ୟ ସହର କାରାମେରେ ସ୍ଥାନୀୟ ସାଧାରଣ ପରିବହନ ସେବା, ଦାଢ଼ି ରଖିଥିବା ମୁସ୍‌ଲିମ୍ ଓ ମୁଣ୍ଡରେ ବୁର୍ଖା ଢାଙ୍କିଥିବା ମହିଳାଙ୍କୁ ବାରଣ ପରେ ପିଓକେରେ ଚାଇନା କମ୍ପାନୀ ପାକିସ୍ତାନୀ ଶ୍ରମିକମାନଙ୍କୁ 'ନମାଜ' ବାରଣ କରିବା ଦ୍ୱାରା ପାକିସ୍ତାନବାସୀ ଇମ୍ରାନ୍ ସରକାର ଉପରେ ଖପ୍ପା ଅଛନ୍ତି। ଆଇ.ଏମ୍.ଏଫ୍.ର ଆକଳନ ଅନୁସାରେ ବହୁବିଧ ଋଣ ଆକାରରେ ୨୦୨୨ ଜୁନ୍ ସୁଦ୍ଧା ପାକିସ୍ତାନକୁ ୨.୮ ବିଲିୟନ୍ ଡଲାର ଚାଇନା ଖାତାରେ ପରିଶୋଧ କରିବାକୁ ହବ। ଋଣଯନ୍ତାରୁ ନିସ୍ତାର ଚାହୁଁଥିବା ଇମ୍ରାନ୍ ସରକାର ଦେଶର ଖଣି, ଖାଦାନ, ଭୌଗୋଳିକ ସୀମା ଓ ଆନ୍ତର୍ଜାତିକ ବଜାରରେ ବହୁମୂଲ୍ୟ କଳାକୃତିକୁ ବିତରଣ କରିଦବାର ଭୟ ଟିପୁଙ୍କ ବାଘ ଦେହରେ ଚିପିହୋଇଗଲାଣି ବୋଲି ଅନୁମେୟ। ଦେଶର ଏକ ନିର୍ଭରଯୋଗ୍ୟ ପତ୍ରିକା ସ୍ଥାନିତ କରିଥିବା ସ୍ତମ୍ଭର ଶବ୍ଦରୁ ବାରିହେଉଛି ଦେଶବାସୀଙ୍କ ଭୟ-ଉଦ୍‌ବେଗର କଥା। ୧୦୬ କ୍ୟାରେଟ୍ ବିଶିଷ୍ଟ କୋହ-ଇ-ନୂର ହୀରା ଏବେ ବ୍ରିଟେନ୍ ଟାୱାର ଅଫ୍ ଲଣ୍ଡନ୍ ଜୁଏଲ୍ ହାଉସ୍‌ରେ ପ୍ରଦର୍ଶିତ ହେଉଛି। ଏହାକୁ ୧୮୪୯ମସିହାରେ ଲାହୋର ମହାରାଜାଙ୍କ ଦ୍ୱାରା ବ୍ରିଟିଶ୍‌ମାନଙ୍କ ହାତକୁ ଟେକିଦିଆଗଲା ଉପହାର ଭାବରେ। ୨୧.୧୨ ମିଲିଗ୍ରାମ୍‌ର ଉକ୍ତ ହୀରାର ଆନ୍ତର୍ଜାତିକ ମୂଲ୍ୟ ପାଖାପାଖି ୧୨ ମିଲିୟନ୍ ଡଲାର ଆକଳନ କରାଯାଇଥିବାବେଳେ ଭାରତକୁ ପ୍ରତ୍ୟର୍ପଣ ପାଇଁ ପାକିସ୍ତାନ କେବେ ମୁହଁ ଖୋଲିନି। ମାନବାଧିକାର ଆଇନ ବିଶେଷଜ୍ଞ ଜିଓଫ୍ରେ ରବର୍ଟସନ୍ ବ୍ରିଟିଶ୍-ଆମେରିକୀୟ ମ୍ୟୁଜିୟମଗୁଡ଼ିକରେ ଏହିଭଳି ଅନେକ ସାମଗ୍ରୀ ପାଇଁ ଦାବିରଖି କହିଛନ୍ତି ଯେ ସେସବୁକୁ ବିନା ମୂଲ୍ୟରେ ଠକେଇ କରି ଅଣାଯାଇଥିବାରୁ ତୁରନ୍ତ ସଂଶ୍ଲିଷ୍ଟ ଦେଶକୁ ଫେରାଯାଉ।

ଲଣ୍ଡନର ବ୍ଲୁମ୍ସବରି ସ୍ଥିତ ବ୍ରିଟିଶ ମ୍ୟୁଜିୟମରେ ଏବେ ୯୪ଟି ଗ୍ୟାଲେରିରେ ପ୍ରଦର୍ଶିତ ୮ ମିଲିୟନ୍ ବା ଅଶୀଲକ୍ଷ ସାମଗ୍ରୀ ମଧ୍ୟରେ ପାଖାପାଖି ଅଧା ଦୁର୍ମୂଲ୍ୟ ସାମଗ୍ରୀ ହେଉଛି ଉପନିବେଶ ସମୟର ବ୍ରିଟିଶଙ୍କ ଦ୍ୱାରା ଲୁଟ ବା ରକ୍ତପାତରୁ ଅଧିକୃତ। ୧୭୦ଟି ଦେଶରେ ବ୍ୟବସାୟ-ବାଣିଜ୍ୟ ଆଳରେ ଲୁଟ କରି ଆୟତ୍ତ ଦ୍ରବ୍ୟକୁ ବ୍ରିଟେନ୍‌ର ଏଲିଜାବେଥ୍ ଆଣ୍ଡ ଆଲ୍‌ବର୍ଟ ମ୍ୟୁଜିୟମରେ ପ୍ରଦର୍ଶନ କରି ବିଶ୍ୱର ପର୍ଯ୍ୟଟନକୁ ଆକୃଷ୍ଟ କରୁଛନ୍ତି। ପ୍ରତ୍ୟର୍ପଣ ନିୟମାନୁସାରେ ଆମ ଦେଶରୁ ଲୁଟ୍ ହୋଇଥିବା ସୁନା, ମୂଲ୍ୟବାନ ପଥର, ଖଣିଜ ଦ୍ରବ୍ୟ(ସଦ୍ୟ ପ୍ରକାଶିତ) ଅକ୍ସଫୋର୍ଡର ଏକ ଗବେଷଣାରୁ ପାଖାପାଖି ୪୫ ଟ୍ରିଲିଅନ୍ ଡଲାର ହେବ। ଏହି ପ୍ରସଙ୍ଗଟିକୁ ଭାରତ ସରକାର ନିୟମାନୁସାରେ କାହିଁକି ଠିକ୍ ଦାବି ଉପସ୍ଥାପନ କରିପାରୁନାହାନ୍ତି ଜଣାପଡୁନି, ହେଲେ ଟିପୁ ସୁଲତାନଙ୍କ କାଠବାଘଟି ଯଦି ଫେରିଲା ତାହା କାହିଁକି ପାକିସ୍ତାନ ଯିବ ସେ ବାବଦରେ ଐତିହାସିକ ପୃଷ୍ଠଭୂମି ପର୍ଯ୍ୟାଲୋଚନା କରାଯାଇପାରେ। ଟିପୁ ସୁଲତାନ୍ ଆଙ୍ଗ୍ଲୋ-ମିଶୋର ଯୁଦ୍ଧ ୧୭୯୯ରେ ନିହତ ହେଲେ। ଟିପୁଙ୍କ ବିଶ୍ୱସ୍ତ ମନ୍ତ୍ରୀ ମୀର ସାଦିକ୍‌ଙ୍କ ଷଡ଼ଯନ୍ତ୍ର ଓ ନିଜାମଙ୍କ ସହାୟତାରେ ଶ୍ରୀରଙ୍ଗପଟ୍ଟନମର ପତନ ହେବାରେ ଅମାପ ସମ୍ପତ୍ତିକୁ ଇଂରେଜ ଓ ନିଜାମ ନିଜ ଭିତରେ ବାଣ୍ଟିନେଲେ। ସ୍ୱୟଂଚାଳିତ କାଠବାଘଟି ଯାହା ୧୭୯୦ରୁ ମହୀଶୂର ରାଜପ୍ରାସାଦର ଶୋଭାବର୍ଦ୍ଧନ କରୁଥିଲା, ତାକୁ ବ୍ରିଟିଶ୍‌ମାନେ ସାଙ୍ଗରେ ନେଇଯାଇଥିଲେ। ଏବେ ଟିପୁଙ୍କ ପରିବାର କଲିକତାରେ ଓ ନିଜାମ୍‌ଙ୍କ ସମ୍ପର୍କୀୟ କିଛି ପାକିସ୍ତାନରେ। ଯଦି ବାଘ ଫେରିଲା ତେବେ ପାକିସ୍ତାନର ଏକ ନାଟକବାଜି। ଟିପୁ ସୁଲତାନଙ୍କର ୧୨୦୦ତୋପ କମାଣ ସହ ଆଧୁନିକ ଯୁଦ୍ଧ କୌଶଳରୁ ଅନେକ ଦିନ ଧରି ଯୁଦ୍ଧ ଚଳାଇରଖିବାର ବୀରତ୍ୱକୁ ଭାରତ ସରକାର ଇତିହାସ ପୃଷ୍ଠାରୁ ବିସ୍ମୃତ କରିବାକୁ ଚାହୁଁଥିବାବେଳେ ପାକିସ୍ତାନ ଏହାର ସୁଯୋଗ ଅପେକ୍ଷାରେ।

ଏବେ ବଡ଼ଆଶା ଟିପୁଙ୍କ ସ୍ୱୟଂକ୍ରୀୟ ଖେଳନା ବାଘଟିକୁ ଫେରିପାଇବା। ଯେଉଁ ଦେଶରେ ସରକାରଙ୍କ ଜାତୀୟ ଜଳ ପରିଚାଳନା ବୋର୍ଡର ନିଷ୍କ୍ରିୟତାରୁ ପାଣି ପାଇଁ ହାହାକାର, ଜଣକୁ ବାର୍ଷିକ ୧୦୦୦କ୍ୟୁବିକ୍ ମିଟର ଯୋଗ୍ୟ ଜଳ ଯୋଗେଇବାକୁ ମାତ୍ର ଦେଶର ନିଷ୍ପତ୍ତି ଆଉ ଦେଶର ଅଧିକାଂଶ ଅଞ୍ଚଳ ଶୁଖିଲା ସେଠାରେ କିଭଳି ଲୋନ୍ ଗ୍ୟାରେଣ୍ଟି ଦେଇ ବାଘ ଉଦ୍ଧାର କରିବାକୁ ଅଣ୍ଟା ଭିଡ଼ିଛନ୍ତି ସରକାର! ତେବେ ଭାରତର ଗୌରବମଣ୍ଡିତ ଐତିହ୍ୟକୁ ନିଜ ଦେଶକୁ ନବାର ଆଗ୍ରହ ପାଇଁ ଏହା 'ପାକିସ୍ତାନର ଗୋଟେ ଖୁସି' ବୋଲି ଧରିବାକୁ ହେବ। ଚଳିତ ବ୍ୟାଘ୍ର ଗଣନାରେ ଭାରତର ଅଭୟାରଣ୍ୟରେ ୩୩ ପ୍ରତିଶତ ଅଧିକ ବାଘ ଥିବା ବନ୍ୟପ୍ରାଣୀ ସୁଚିନ୍ତକମାନଙ୍କୁ ଆଶ୍ୱସ୍ତି ଦେଇଥିବାବେଳେ ପାକିସ୍ତାନରେ ଗୋଟିଏ ବି ବାଘ ନ ଥିବା ନୈରାଶ୍ୟକୁ ଟିପୁଙ୍କ ସୁଦୃଶ୍ୟ ବାଘଟି ଲଣ୍ଡନ ମ୍ୟୁଜିୟମରୁ ସିଧା ପାକିସ୍ତାନର ମ୍ୟୁଜିୟମକୁ ଡେଇଁବାର ଆଶା ରଖିଛନ୍ତି ପାକିସ୍ତାନବାସୀ। ନାଇଜେରିଆରେ ରକ୍ତପାତ କରି ୨୦୦ଟି ବେନିନ୍ ବ୍ରୋଞ୍ଜ୍ ମୂର୍ତ୍ତିକୁ ଅନାଗ୍ରହ ସତ୍ତ୍ୱେ ବ୍ରିଟେନ୍ ଫେରେଇଛି, ଯାହା ପୁଣି ବ୍ରିଟିଶ ମ୍ୟୁଜିୟମକୁ ଫେରିବ। କାରଣ ନାଇଜେରିଆ ସରକାର ଦେଶକୁ ନବା ପାଇଁ ବ୍ରିଟେନ୍‌ଠାରୁ ଲୋନ୍ କରିଛନ୍ତି। ଏଲଗିନ୍ ମାର୍ବଲ ଏବେବି ଗ୍ରୀକ୍ ସରକାରଙ୍କ ନିୟନ୍ତ୍ରଣକୁ ଆସିନାହିଁ। ଫ୍ରାନ୍ସ ମଧ୍ୟ ଏହାକୁ ତା' ଦେଶରେ ସାଇତି ରଖିଛି। ପାକିସ୍ତାନ ୨୦୧୬ରୁ ଖୀବର ପାଖତୁନ୍‌ଖ୍ୱା ସ୍ୱତନ୍ତ୍ର ବିଧେୟକ ଆଣିଛି। କେହି ଯଦି ପ୍ରାଚୀନ କଳାକୃତିର ସନ୍ଧାନ ପାଏ ତେବେ ସରକାରଙ୍କୁ ସୂଚନାଦେବେ। ଅମର୍ଯ୍ୟାଦା, ବଦଳାଇବା, ଭାଙ୍ଗିବା, ବିକୃତ କରିବା, ନିଜର ଦସ୍ତଖତ କରିବା କିମ୍ବା ଖୋଦେଇ କରିବା କାର୍ଯ୍ୟ କରନ୍ତି ତେବେ ଉକ୍ତ ୨୦୧୬ ଆଇନାନୁସାରେ ୫ବର୍ଷ କାରାଦଣ୍ଡ କିମ୍ବା ୫ ମିଲିଅନ୍ ଅର୍ଥଦଣ୍ଡ ଅବା ଉଭୟରେ ଦଣ୍ଡିତ ହେବେ। ୨୦୧୭ରେ ଭାମଲା, ହରିପୁରଠାରେ ବୁଦ୍ଧଙ୍କର ପ୍ରାଚୀନ ମୂର୍ତ୍ତି ଉଦ୍ଧାର ପରେ ବିରୋଧୀ ଦଳ ନେତା ହିସାବରେ ଇମ୍ରାନ୍ ଖାନ୍ ସେତେବେଳେ କହିଥିଲେ, 'ଏଭଳି ଐତିହ୍ୟ ସ୍ଥାନଗୁଡ଼ିକ ଦେଶର ବଡ଼ ସମ୍ପଦ ହୋଇ ରହିବ।' ହେଲେ ଏବେ ପାକିସ୍ତାନରେ ଉଦ୍ଧାର କରାଯାଇଥିବା ବିଶାଳ ବୁଦ୍ଧ ମୂର୍ତ୍ତିଟିକୁ ଭାଙ୍ଗି ବିକୃତ କରାଯିବାରେ ଇମ୍ରାନ ସରକାର ଉପରୁ ଦେଶର ଆସ୍ଥା ତୁଟିଯାଉଥିବାବେଳେ ଜାକରିଆଙ୍କ ସ୍ୱପ୍ନର ବାଘଟି କେତେଦିନ ପାକିସ୍ତାନବାସୀ ଦେଖିପାରିବେ ବା ଦେଶରେ ରହିପାରିବ ତାହାର ଉତ୍ତର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଦେଇପାରିବେ।

ମୋ:୮୨୪୯୮୨୭୬୪୮
Email: karsarada77@gmail.com

# ଭଲ ଖବର



ରଞ୍ଜନ କୁମାର ଦାସ

ଫିରିଙ୍ଗୀ ଅର୍ଥନୀତିଜ୍ଞ ଥୋମାସ୍ ଗ୍ରେସାମ୍ ଆଜକୁ ଚାରିଶହ ବର୍ଷ ତଳେ କହିଥିଲେ ଯେ, ଯେତେବେଳେ ବଜାରକୁ ଖରାପ ଶକ୍ତିମାନେ ପ୍ରବେଶ କରନ୍ତି ଭଲ ଶକ୍ତିମାନେ କ୍ରମେକ୍ରମେ ନିଷ୍ପ୍ରଭ ହୋଇଯାଆନ୍ତି। ସେତେବେଳର ସୀମିତ ଅର୍ଥନୈତିକ ବଜାରକୁ ଲକ୍ଷ୍ୟ କରି ସେ ହୁଏତ ଏକଥା କହିଥିଲେ। ମାତ୍ର ସେ କେବେ ବି ଅନୁମାନ କରି ନ ଥିବେ ଯେ ଏ କଥାଟି ଦିନେ ଜୀବନର ସବୁ କ୍ଷେତ୍ରରେ ସାର୍ବଜନୀନ ଭାବେ ପ୍ରଯୁଜ୍ୟ ହୋଇ ତାଙ୍କୁ ନିତ୍ୟ ସ୍ମରଣୀୟ କରିଦେବ। ବାସ୍ତବରେ ଆମେ ଦୈନନ୍ଦିନ ଜୀବନରେ ଲକ୍ଷ୍ୟ କରିଛୁ କୌଣସି ସଭାସମିତି ବା ସଂଗଠନରେ ଯେତେବେଳେ ବାଜେଲୋକମାନେ ପଶନ୍ତି ସେମାନେ ପରିସ୍ଥିତିକୁ ଏତେ ପ୍ରଦୂଷିତ କରିଦିଅନ୍ତି ଯେ ଭଲଲୋକମାନେ କଥା କହିବାକୁ ବା ସେଠି ବସାଉଠା କରିବାକୁ ଆଉ ପସନ୍ଦ କରନ୍ତି ନାହିଁ। ଆପଣା ମହତ ଆପେ ଜଗି ସେଠୁ ଅପସରି ଯାଆନ୍ତି। ପହିଲମାନକୁ ଆମେ ଯେତେ ନ ଡରୁ ତାଠୁ ମଦ ପିଇପିଇ, ଲଡବଡ଼ ହୋଇ ଠିଆହୋଇପାରୁ ନ ଥିବା, ଚାଲିପାରୁ ନ ଥିବା ଲୋକଟିକୁ ବେଶି ଡରୁ। କାରଣ ଆମେ ଜାଣୁ ପହିଲମାନ ହେଲେ ମଧ୍ୟ ସେ ଅକାରଣରେ କାହାର କିଛି କ୍ଷତି କରିବ ନାହିଁ, ମାତ୍ର ମଦୁଆଟି ବିନା କାରଣରେ ଆପଣଙ୍କୁ ହଟହଟା କରିପାରିବ। ଏଠି ସମାଜ ଭଲ ଲୋକର ମହତପଣିଆକୁ ଯେତେ ସମ୍ମାନ ନ ଦିଏ ଖରାପ ଲୋକର ଦୁଷ୍ଟ ପ୍ରକୃତିକୁ ସେତେ ଗୁରୁତ୍ୱର ସହିତ ନିଏ।

ସେଇଭଳି ଆମ ସମାଜରେ ନିତି ଅନେକ ଭଲ ଓ ଖରାପ ଘଟଣା ଘଟୁଛି। ଭଲ ଖବର ଓ ଖରାପ ଖବର ବି ପ୍ରକାଶ ପାଉଛି। କିନ୍ତୁ ଭଲ ଠାରୁ ଖରାପ ଖବର ଶୀଘ୍ର ବ୍ୟାପେ। ଖବରକାଗଜ ବା ଟିଭି ପାଇଁ ଚାଞ୍ଚଲ୍ୟକର ଖବର ଅଧିକ ଗୁରୁତ୍ୱ ରଖେ। କାରଣ ସେମାନେ ଜାଣନ୍ତି ଆମେ ମସଲାଦାର ଖବର ଖୋଜୁ। ଯୋଉ ଖବରର ଶୀର୍ଷକ ଯେତେ ମସଲାଦାର ହୋଇଥିବ ତା' ଭିତରକୁ ପାଠକ ସେତେ ପଶିବ। ଆମ ସର୍ବସାଧାରଣଙ୍କ ମାନସିକତା ମଧ୍ୟ ସେଇଭଳି। ଆମେ ସତ୍‌ସଙ୍ଗଟିଏ କି ଭଜନ ସନ୍ଧ୍ୟାଟିଏ କେଉଁଠି ହେଉଥିଲେ ଆଗଧାଡ଼ିରେ ଆମ ପାଇଁ ଚଉକି ରଖି ଆମକୁ ଡାକିଲେ ଆମେ ନାନା ବାହାନା କରି ସେଠାକୁ ଯାଉନା, ମାତ୍ର ରାସ୍ତାକଡ଼ରେ ରେକର୍ଡ ଡ୍ୟାନ୍‌ସ କରି ଗୀତ ଗାଉଥିବା ମେଲୋଡ଼ି ପ୍ରୋଗ୍ରାମ୍ ପାଇଁ ଘଣ୍ଟାଘଣ୍ଟା ଠିଆହୋଇ ଦେଖିପାରୁ। ଗୋଟିଏ କଥା ଏଥିରୁ ନିଷ୍କର୍ଷ ବାହାରିପାରେ ଯେ ଏ ପର୍ଯ୍ୟନ୍ତ ଆମେ ଭଲ ଓ ଖରାପ ଭିତରେ ପାର୍ଥକ୍ୟ ଠଉରେଇ ପାରିନାହୁଁ।

ଏ ସ୍ଥିତିରୁ ଆମର ମୁକ୍ତି ନାହିଁ। କାରଣ ଆମ ଚାହିଁବା ମୁତାବକ ସମାଜ ବଦଳିବ ନାହିଁ ବା ଅନ୍ୟମାନଙ୍କ ମାନସିକତା ବଦଳିବ ନାହିଁ। ଆମକୁ ତା' ଭିତରେ ଖାପ ଖୁଆଇ ଚଳିବାକୁ ପଡ଼ିବ। ଶାନ୍ତିରେ ବଞ୍ଚିବା ପାଇଁ ଆବଶ୍ୟକୀୟ ଜୀବନକୌଶଳକୁ ବଦଳେଇବାକୁ ପଡ଼ିବ। ମୋର ମନେପଡୁଚି ଥରେ ଗୋଟିଏ ଜାଗାରେ ଆମେ ଖୁବ୍ ଗୋଟେ ବଡ଼ ସାମାଜିକ ସମସ୍ୟାର ସମ୍ମୁଖୀନ ହୋଇଥିଲୁ। ପ୍ରତିଦିନ ଗଣମାଧ୍ୟମରେ ଜିଲା ପ୍ରଶାସନ ଉପରେ ନକାରାତ୍ମକ ଲେଖା ବାହାରୁଥିଲା। ସକାଳୁ ଉଠି ଖବରକାଗଜ ଖୋଲୁଖୋଲୁ ଏଭଳି ସମାଲୋଚନା ସବୁ ପଢ଼ି ଦିନଯାକର ଯୋଜନା ବିଗିଡ଼ିଯାଏ। ଗଣମାଧ୍ୟମ ବା ନାଗରିକ ସମାଜ ସମାଲୋଚନା କରୁ ଏଥିରେ ମନାନାହିଁ। ତାହେଲେ ହିଁ ପ୍ରଶାସନ ସବୁବେଳେ ଅଧିକ ଦାୟିତ୍ୱସମ୍ପନ୍ନ ଓ କ୍ରିୟାଶୀଳ ହେବ। ମାତ୍ର ଯୋଉଠି ଭଲ କିଛି କିଛି ହଉଚି ତାକୁ ପ୍ରଶଂସା କରିବାକୁ ମଧ୍ୟ କୁଣ୍ଠାବୋଧ କରିବା ଉଚିତ ନୁହେଁ। ପ୍ରଶଂସା ଓ ସମାଲୋଚନା ଉଭୟ ଏ ଧାରରେ ହେଲେ ସନ୍ତୁଳନ ଠିକ୍ ରହିଲା ଭଳି ଲାଗେ। ନ ହେଲେ କଥାଟା ଏକତରଫା ହୋଇଗଲେ ଉତ୍ସାହୀ ଓ ଉଦ୍ୟମୀ ଲୋକଙ୍କର କାମ କରିବାକୁ ମନ ଭାଙ୍ଗିଯାଏ। ସେଇ ସମୟରେ ମନେପଡୁଚି ମୋର ଅନେକ ସହକର୍ମୀ ହତୋତ୍ସାହିତ ହୋଇ ପଚାରନ୍ତି ଗଣମାଧ୍ୟମର ଏ ନକାରାତ୍ମକ ଆକ୍ରମଣକୁ କିଭଳି ଭାବେ ମୁକାବିଲା କରିବା ? ଥରେ ଜଣେ ସାମ୍ବାଦିକ ବନ୍ଧୁଙ୍କୁ ମୁଁ ପଚାରିଥିଲି ଆପଣମାନେ ସବୁବେଳେ କାହିଁକି ଅନ୍ୟର ଦୋଷ ଦୁର୍ବଳତା ଖୋଜୁଛନ୍ତି। ଯଦିବା ଆପଣଙ୍କୁ କେବଳ ଖରାପ ଜିନିଷ ସବୁ ଦିଶୁଚି କିଭଳି ତା'ର ସମାଧାନ ହେବ, ସେସବୁ କାହିଁକି ଲେଖୁନାହାନ୍ତି। ବନ୍ଧୁ ଜଣକ କହିଲେ ଭଲ ଖବର କାହିଁ କୋଉଠି ଘଟୁଚି। ଆମେ ତ ଖୋଜିଲେ ବି ପାଉନୁ, କ'ଣ କରିବୁ ? ମୁଁ ଅନୁଭବ କଲି, ସତ କଥା ତ। ଭଲ ଖବରର ଅଭାବରୁ ଖରାପ ଖବର ତା'ର ସ୍ଥାନ ନେଇଯାଉଚି। ବହୁ ମାନସମନ୍ଥନ ପରେ ମୁଁ ସ୍ଥିର କଲି ଆମେ ପ୍ରତିଦିନ ଏତେ ଭଲ ଖବର ସୃଷ୍ଟି କରିବା ଯେ ସେସବୁ ରିପୋର୍ଟ କଲାପରେ ଖରାପ ଖବର ପାଇଁ କାଗଜରେ ଯେମିତି ଆଉ ଜାଗା ରହିବ ନାହିଁ।

ଯେଉଁଠି ଦୁର୍ଯୋଗ ଥାଏ ତାକୁ ସୁଯୋଗରେ ପରିଣତ କରିବାର ସମ୍ଭାବନା ଥାଏ। ଯେଉଁଠି ସ୍ଥିତି ଖରାପ ଥାଏ ସେଠି ସୁଧାରିବା ପାଇଁ ସୁଯୋଗ ମଧ୍ୟ ଥାଏ। ଯୋଉଠି ଅନ୍ଧାର ଥାଏ ସେଠି ଛୋଟ ଦୀପଟିଏ ଜାଳିଦେଲେ ବି ତାହା ବହୁତ ବଡ଼ ପ୍ରଚେଷ୍ଟା ରୂପେ ପରିଗଣିତ ହୁଏ। ତେଣୁ ଆମେ ଚିନ୍ତାକଲୁ କୋଉ କୋଉ ଜାଗାରେ ଆମେ କିଛି ସୁଧାର ଆଣିପାରିବା ଏବଂ ନିର୍ଦ୍ଦିଷ୍ଟ ଭାବରେ ସେଇସେଇ କ୍ଷେତ୍ରରେ ଆମେ ମନୋନିବେଶ ମଧ୍ୟ କଲୁ। ଆଶ୍ଚର୍ଯ୍ୟର କଥା ଅଳ୍ପଦିନ ମଧ୍ୟରେ ସେଇ ଗଣମାଧ୍ୟମମାନେ ଆମର ହାତ ତିଆରି ଛୋଟମୋଟ ଭଲକାହାଣୀ ଦ୍ୱାରା ଧୀରେ ଧୀରେ ପ୍ରଭାବିତ ହେବା ଆରମ୍ଭ ହେଲେ। ସେଇମାନେ ହିଁ ତା' ପରେ ପରେ ନିତି ଆସି ପଚାରନ୍ତି ସାର୍ ଆଜି କିଛି ଭଲ ଖବର ଅଛି କି ? ଏଇ ମନୋଭାବରେ ପରିବର୍ତ୍ତନଟି ନିଜେ ଗୋଟିଏ ଭଲ ଖବର ନୁହେଁ କି ? ସବୁଜ ପ୍ରାନ୍ତରରେ ପଡ଼ିଥିବା ଶୁଖିଲାପତ୍ରଗୁଡ଼ିକୁ ଛାଡ଼ି ତା'ର ସବୁଜିମାକୁ ଦେଖିବାର ମାନସିକତା ଓ ସେଇ ଶୁଖିଲାପତ୍ର ସବୁକୁ ଝାଡୁ ମାରିଦେଇ ସେ ସବୁଜିମାକୁ ସମସ୍ତଙ୍କ ଦୃଷ୍ଟିକୁ ଆଣିବାର ମାନସିକତା କ'ଣ ନିଜେ ଗୋଟେ ଭଲ ଖବର ନୁହେଁ କି ?

ପ୍ରତିଦିନ ଏମିତି କିଛି କିଛି ଭଲ ଖବର ଯଦି ଗଣମାଧ୍ୟମଗୁଡ଼ିକର ପୃଷ୍ଠାମଣ୍ଡନ କରେ ତେବେ ସେଥିରେ କିଛି ନା କିଛି ଲୋକ ଅନୁପ୍ରାଣିତ ହେବା ସ୍ୱାଭାବିକ। କେବଳ ସେମାନେ ଅନୁପ୍ରାଣିତ ହେବେନାହିଁ ବରଂ ତାକୁ ଭିନ୍ନ ଭିନ୍ନ କ୍ଷେତ୍ରରେ ପ୍ରୟୋଗ କରିବେ ଏବଂ ଆହୁରି ଅନେକ ଭଲଭଲ ଖବର ସୃଷ୍ଟି କରିବାରେ ଯେ ସହାୟକ ହେବେ ଏକଥା ଆଶା କରିବା ଅନୁଚିତ ହେବନାହିଁ। ନୂତନତ୍ୱର ଏଇ ଅଭିଯାତ୍ରାରେ ଦୟା, କ୍ଷମା, କରୁଣା, ସହୃଦୟତା, ଜ୍ଞାନ, ବିଜ୍ଞାନ, ଆଶା, ସକାରାତ୍ମକ ଚିନ୍ତନ ସଂସ୍କାର ଓ ସମ୍ଭାବନାର ନୂତନ ପ୍ରସ୍ଥ ସବୁ ଉନ୍ମୋଚିତ ହେବ। ଅନିଲ ସ୍ୱରୂପ ନାମକ ଜଣେ ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଫିସର ଏବେ 'ନେକ୍ସସ ଅଫ୍ ଗୁଡ୍' ନାମକ ଏକ ୱେବ୍‌ସାଇଟ୍ ଆରମ୍ଭ କରିଛନ୍ତି, ଯେଉଁଥିରେ ପ୍ରତିଦିନ ସେ ଭାରତର କେଉଁ ପ୍ରାନ୍ତରେ, କେଉଁଠି କ'ଣ, କାହାଦ୍ୱାରା, କି ଭଲ କାମ ହେଉଛି ତାକୁ ପ୍ରକାଶିତ କରେଇବାର ଦାୟିତ୍ୱ ନେଇଛନ୍ତି। ସେଠି ଭାରତରେ ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ହୋଇଥିବା ଅନେକ ଭଲକାମ ବିଷୟରେ ଖବର ସଂଗ୍ରହ କରି ନିୟମିତ ଭାବେ ସେ ଟୁଇଟ୍ କରିଥାନ୍ତି। ଭଲ କାମ କରିଥିବା ଲୋକେ ଏହାଦ୍ୱାରା ଉତ୍ସାହିତ ହୋଇଥାନ୍ତି, ଅନ୍ୟମାନେ ତା' ଦ୍ୱାରା ଅନୁପ୍ରାଣିତ ହୋଇଥାନ୍ତି। ଏମିତି ଭଲକଥାମାନ ଆମ ଚାରିପଟେ ଘଟୁଥିବାର ଶୁଣି ଶୁଣି ହୁଏତ କିଛି ଲୋକ ନିଜେ ମଧ୍ୟ ଭଲ କାହାଣୀର ସୂତ୍ରଧର ହୋଇପାରନ୍ତି। ଦସ୍ୟୁ ରତ୍ନାକର ମରାମରା ଜପୁ ଜପୁ କେତେବେଳେ ତାହା ରାମରାମରେ ପରିଣତ ହୋଇଯାଇଥିଲା ଯେମିତି ସେ ନିଜେ ମଧ୍ୟ ଜାଣିପାରି ନ ଥିଲେ। ସମୟକ୍ରମେ ମହର୍ଷି ଯେମିତି ବାଲ୍ମୀକିରେ ରୂପାନ୍ତରିତ ହୋଇଯାଇଥିଲେ ସେମିତି ହୁଏତ ଭଲକଥାଗୁଡ଼ିକ ଆମ କାନରେ ଅହରହ ବାଜି ଆମକୁ ନୂଆ ଏକ ବାଲ୍ମୀକିରେ ପରିଣତ କରିଦେଇପାରିବ। ଯିଏ ଏକ ନୂତନ ରାମାୟଣ ଓ ଏକ ନୂତନ ରାମରାଜ୍ୟର ପ୍ରତିଷ୍ଠାରେ ସହାୟକ ହେଇପାରିବ।

ମୋ: ୯୪୩୭୨୮୬୫୧୨
ranjank.das.rkd@gmail.com

## ଏଇ ଭାରତରେ

ଯେତେ ପ୍ରତିକୂଳ ପରିସ୍ଥିତି ଆସିଲେ ବି କିଛି ଲୋକ ହାର୍ ମାନନ୍ତି ନାହିଁ। ଏମିତି ଏକ ଉଦାହରଣ ହେଉଛନ୍ତି ବିହାର ପାଟନାର ରଗ୍‌ବି ଷ୍ଟାର ରାହୁଲ କୁମାର। ବିହାର ପାଇଁ ଅନେକ ଗୌରବ ଆଣିଥିବା ରଗ୍‌ବି ଷ୍ଟାର୍ ରାହୁଲ ଲକ୍‌ଡାଉନ୍ ପାଇଁ ନିଜର ରୋଜଗାର ହରାଇଥିଲେ। ରଗ୍‌ବି ଷ୍ଟାର ହେବା ସତ୍ତ୍ୱେ ତାଙ୍କୁ ଅନ୍ୟ କୌଣସି ସଂସ୍ଥା କିମ୍ବା ସରକାରଙ୍କ ଠାରୁ ମଧ୍ୟ ସାହାଯ୍ୟ ମିଳି ନ ଥିଲା। ପରିବାରର ଦଶପ୍ରାଣୀ କୁଟୁମ୍ବ ତାଙ୍କ ଉପରେ ନିର୍ଭରଶୀଳ ଥିବାରୁ ଏବେ ଭୋକ ଉପାସରେ ଦିନ କାଟୁଛନ୍ତି। କିନ୍ତୁ ଏହି ସମୟରେ ବି ନିଜ ଧୈର୍ଯ୍ୟ ହରାଇ ନାହାନ୍ତି ରାହୁଲ। ଲକ୍‌ଡାଉନ୍‌ରେ ସେ ଗରିବ ପିଲାମାନଙ୍କୁ ମାଗଣାରେ ରଗ୍‌ବି ପ୍ରଶିକ୍ଷଣ ଦେଉଛନ୍ତି। ମାତ୍ର ୧୦ ବର୍ଷ ବୟସରୁ ରାହୁଲ ରଗ୍‌ବି ଖେଳି ଅନେକ କୃତିତ୍ୱ ଅର୍ଜନ କରିଛନ୍ତି। ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ଖେଳରେ ଭାଗ ନେଇ ସେ ରାଜ୍ୟ ପାଇଁ ଅନେକ ଥର ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ପେଟପାଟଣା ପାଇଁ ଏବେ ସେ ଋଣ କରି ଗାଁରେ ପରିବାର ସହ ମିଶି ଚାଷ କରୁଛନ୍ତି। କିନ୍ତୁ ରଗ୍‌ବି ନିଶାକୁ ଛାଡ଼ିପାରିନାହାନ୍ତି। ପିଲାମାନଙ୍କୁ ଶିକ୍ଷା ଦେବା ପାଇଁ ସେ ସ୍ଥାନୀୟ ଅଞ୍ଚଳରେ ଏକ ରଗ୍‌ବି ସ୍କୁଲ ଖୋଲିବା ପାଇଁ ମଧ୍ୟ ବାରମ୍ବାର ଆବେଦନ କରୁଛନ୍ତି। ମୁଜାଫରପୁର ଓ ପାଟନାରେ ରଗ୍‌ବି ସ୍କୁଲ ଖୋଲିଗଲେ ଅନେକ ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହନ୍ତି।

## ଚିରନ୍ତନୀ

ଆଖିମୟ ଦେହ ମମ
ଲାଗେ ମଧୁଲୀଟ ସମ
ସୁଷମାର ମଧୁପାନେ ରମଇ
ଅସ୍ଥିର ପାଦ ନାହିଁ ଗମଇ।
(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରୁଚିପୂର୍ଣ୍ଣ ବସ୍ତ୍ର ପରିଧାନରେ ସମ୍ମାନ ମିଳେ

ମହାଶୟ,

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ବସ୍ତ୍ର ପରିଧାନର ସ୍ୱତନ୍ତ୍ର ସ୍ଥାନ ରହିଛି। ଶରୀରକୁ ସୁରକ୍ଷା ଦେବା ଓ ଲଜ୍ଜା ନିବାରଣ ପାଇଁ ବସ୍ତ୍ର ପରିଧାନ କରାଯାଏ। ରୁଚିପୂର୍ଣ୍ଣ ଓ ଶରୀର ଉପକାରୀ ବସ୍ତ୍ର ପରିଧାନ କଲେ ମନୁଷ୍ୟକୁ ସମ୍ମାନ ମିଳେ ଓ ସୁରକ୍ଷା ମଧ୍ୟ ମିଳିଥାଏ। ବସ୍ତ୍ର ଚାକଚକ୍ୟପୂର୍ଣ୍ଣ ନ ହୋଇ ସଂଭ୍ରମସୂଚକ ହେବା ଉଚିତ। ଶରୀରକୁ ଆବୃତ୍ତ ରଖିବା ଆମ ସଂସ୍କୃତି ଓ ସଭ୍ୟତାର ଅନୁକୂଳ। ମାତ୍ର ସ୍ୱଳ୍ପ ବସ୍ତ୍ରରେ ଶରୀର ଆବୃତ୍ତ ରଖିବା ସଂସ୍କୃତି ଓ ସଭ୍ୟତାର ପରିପନ୍ଥୀ। ଏହା ସାମାଜିକ ଶୃଙ୍ଖଳ ଓ ସାମାଜିକ ବିଶୃଙ୍ଖଳାର କାରଣ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ଅଧାରେ ଅଟକିଛି ସ୍ୱେରେଜ କାର୍ଯ୍ୟ

ବରମୁଣ୍ଡା ହାଉସିଂ ବୋର୍ଡ କଲୋନି ସ୍ୱେରେଜ ଯୋଜନା କାର୍ଯ୍ୟ ଚାଲୁ କରିବା ପାଇଁ ସ୍ୱେରେଜ ବୋର୍ଡ ତରଫରୁ ୨୦୦୬-୦୭ରେ କୋଲାନିର ରାସ୍ତାଗୁଡିକୁ ଖୋଳାଯାଇ ମାଟିତଳେ ପାଇପ୍ ବିଛାଯାଇଥିଲା ଏବଂ କୁହାଯାଇଥିଲା ଯେ,୨୦୧୦ ସୁଦ୍ଧା ସ୍ୱେରେଜ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। କିନ୍ତୁ ଦୁଃଖର କଥା ତାହା ଆଜି ପର୍ଯ୍ୟନ୍ତ ଅଧପନ୍ତରିଆ ହୋଇ ପଡିରହିଛି। ସରକାରଙ୍କର କୋଟି କୋଟି ଟଙ୍କା ଖର୍ଚ୍ଚ ହେଲା, ହେଲେ ଲୋକମାନେ ଉପକୃତ ହୋଇପାରିଲେ ନାହିଁ। ୧୩-୧୪ ବର୍ଷ ହେଲା ସମ୍ପୃକ୍ତ ବିଭାଗ ଓ ପ୍ରଶାସନ ଏହି ଯୋଜନାଟିକୁ ଭୁଲିଗଲେଣି। ଏହି ଟଙ୍କା କହା ସ୍ୱାର୍ଥରେ ଖର୍ଚ୍ଚ କରାଗଲା ତାହା ସର୍ବସାଧାରଣ ଜାଣିପାରିଲେ ନାହିଁ।

ବ୍ରଜବନ୍ଧୁ ମିଶ୍ର, ବରମୁଣ୍ଡା ହାଉସିଂ ବୋର୍ଡ କଲୋନି, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର(ବ୍ୟୁରୋ):** ସମ୍ବଲପୁର ହୀରାକୁଦ ଡ୍ୟାମ୍‌ର ଜଳସ୍ତର ସୋମବାର ରାତି ସୁଦ୍ଧା ୬୨୬.୦୬ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୩ ଲକ୍ଷ ୨୩ ହଜାର ୩୩୧ କ୍ୟୁସେକ ଜଳ ପ୍ରବେଶ କରୁଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୨୦ଟି ଗେଟ୍ ମାଧ୍ୟମରେ ୨ ଲକ୍ଷ ୬୧ ହଜାର ୧୬୩ କ୍ୟୁସେକ ଜଳ ନିଷ୍କାସନ ହେଉଛି। ମିଳିଥିବା ରିପୋର୍ଟ ଅନୁସାରେ ବେଲଗାଁରେ ୧୮ ହଜାର ୫୦୦, ପଥର୍ଲାରେ ୬୮ ହଜାର ୭୨୬, ଖଇରମାଲରେ ୩ ଲକ୍ଷ ୯୦ ହଜାର, ବରମୁଲାରେ ୪ ଲକ୍ଷ ୬୮ ହଜାର , ମୁଣ୍ଡଳିରେ ୩ ଲକ୍ଷ ୩୩ ହଜାର୮୦୮ କ୍ୟୁସେକ ଜଳ ପ୍ରବାହିତ ହେଉଛି।

# ଠିକା ସଂସ୍ଥାର ୪ ଗାଡ଼ି ପୋଡ଼ିଲେ ମାଓବାଦୀ

### କନ୍ଧମାଳରେ ଉପସ୍ଥିତି ଜାହିର କଲେ, ୧୮ରୁ ୨୪ ବନ୍ଦ ଡାକରା

**ଫୁଲବାଣୀ ଅଫିସ/ ବାଲିଗୁଡ଼ା(ଡି.ଏନ୍.ଏ),୧୭।୮**

କନ୍ଧମାଳ ଜିଲାରେ ଗତ ମାସରେ କିଛିଦିନ ବ୍ୟବଧାନରେ ପୋଲିସ ଗୁଳିରେ ୭ ମାଓବାଦୀ ନିହତ ହୋଇଥିଲେ। ଏହାପରେ ଲାଲ୍‌ବାହିନୀ ପ୍ରତିହିଂସା ପରାୟଣ ହୋଇଛନ୍ତି। ପୋଲିସର ଗୁଳିକାଣ୍ଡକୁ ବର୍ବରତା ଦର୍ଶାଇ ମାଓବାଦୀମାନେ ଆସନ୍ତା ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ବନ୍ଦ ଡାକରା ଦେଇଛନ୍ତି। ବନ୍ଦକୁ ସଫଳ କରିବାକୁ ମାଓବାଦୀମାନେ ଲଗାଇଥିବା ବ୍ୟାନରରେ ଉଲ୍ଲେଖ କରିଥିଲେ। ରବିବାର ଜିଲାର କ. ନୂଆଗାଁ ଓ ବାଲିଗୁଡ଼ାରେ କେକେବିଏନ୍ ଡିଭିଜନ କମିଟି ପକ୍ଷରୁ ଏପରି ବ୍ୟାନର ଲାଗିଥିବା ଦେଖାଯାଇଥିଲା। ଏହାର ୨୪ ଘଣ୍ଟା ନ ପୂରୁଣୁ ମାଓବାଦୀମାନେ ହିଂସାକାଣ୍ଡ ଭିଆଇଛନ୍ତି। ବାଲିଗୁଡା ବ୍ଲକ କଞ୍ଜାଲଘୁଠାରେ ରାସ୍ତା କାମ କରୁଥିବା ଏକ ଠିକା ସଂସ୍ଥାର ୪ଟି ଗାଡ଼ି ପୋଡି ଦେଇଛନ୍ତି। ଲ୍ୟାଣ୍ଡମାଇନ୍



ପୋଡ଼ାଯାଇଥିବା ଗାଡ଼ି।

ଭୟ ଏବଂ ଆମ୍ବୁସ୍‌କୁ ନଜରରେ ରଖି ପୋଲିସ ସତର୍କତା ଅବଲମ୍ବନ କରୁଛି।

ମିଳିଥିବା ସୂଚନା ଅନୁସାରେ, ୨୦୧୭-୧୮ ଆର୍ଥିକ ବର୍ଷରେ ପୋଖରୀବନ୍ଧଠାରୁ କଞ୍ଜାଲଘୁ ପର୍ଯ୍ୟନ୍ତ ୮ କି.ମି. ରାସ୍ତା ନିର୍ମାଣ ପାଇଁ ୧୨ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ବୌଦ୍ଧ ଜିଲା କନ୍ଧମାଳକୁ ସଂଯୋଗ କରିବାକୁ ଥିବା ଏହି ରାସ୍ତା କାମ ଠିକାଦାର ଆରମ୍ଭ କରିଥିଲେ ମଧ୍ୟ ମାଓବାଦୀଙ୍କ ଧମକ ଯୋଗୁ ତାହା ବନ୍ଦ ହୋଇଯାଇଥିଲା। ପରେ ଠିକାଦାର ଜଣକ ପୁଣି ସେଠାରେ କାମ ଆରମ୍ଭ କରିଥିଲେ। ସୋମବାର ରାତିରେ ୧୦ରୁ ୧୫ ଜଣ ମାଓବାଦୀ ଠିକାସଂସ୍ଥା କ୍ୟାମ୍ପ ପାଖକୁ ଯାଇ ସେଠାରେ ଉପସ୍ଥିତ ଥିବା କର୍ମଚାରୀଙ୍କୁ ଦୂରକୁ ଚାଲିଯିବାକୁ କହିଥିଲେ। ଏହାପରେ ସେମାନେ ଏକ ଟ୍ୟାଙ୍କର, ହାଇୱା, ଟ୍ରାକ୍ଟର ଏବଂ ଗୋଟିଏ ଗ୍ରେଡରକୁ ପୋଡ଼ି ଦେଇଥିଲେ। ମାଓବାଦୀମାନେ ସେଠାରେ ପୋଷ୍ଟର ଓ ବ୍ୟାନର ଛାଡ଼ି ଯାଇଛନ୍ତି। ପୋଲିସ ଇନଫର୍ମରକୁ କୌଣସି ପରିସ୍ଥିତିରେ ଛଡାଯିବ ନାହିଁ। ସବୁଠି ଆମ ବିପ୍ଳବୀ ରହିଛନ୍ତି। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ସମସ୍ତେ ବନ୍ଦ ପାଳନରେ ସାମିଲ ହେବାକୁ ସେଥିରେ ଉଲ୍ଲେଖ କରିଛନ୍ତି। ପୋଷ୍ଟର ତଳେ ସିପିଆଇ କେକେବିଏନ୍ ଡିଭିଜନ ଉଲ୍ଲେଖ ରହିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ସ୍ଥାନୀୟ ଲୋକେ ଏବଂ ଠିକାସଂସ୍ଥା କର୍ମଚାରୀ ଭୟଭୀତ ଅବସ୍ଥାରେ ରହିଛନ୍ତି।

# ଷଷ୍ଠ ଶ୍ରେଣୀ 'ଆମ ସାହିତ୍ୟ ବହି'ରେ ତ୍ରୁଟି

**ଭଦ୍ରକ ଅଫିସ, ୧୭।୮**

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ସର୍ବଶିକ୍ଷା ଅଭିଯାନ ପକ୍ଷରୁ ମୁଦ୍ରିତ ଷଷ୍ଠ ଶ୍ରେଣୀର ଆମ ସାହିତ୍ୟ ପାଠ୍ୟପୁସ୍ତକରେ ତ୍ରୁଟି ପରିଲକ୍ଷିତ ହୋଇଛି। ଏହି ବହିରେ ଥିବା 'ସଡ଼କ ସୁରକ୍ଷା, ଜୀବନ ରକ୍ଷା' ବିଷୟର ତୃତୀୟ ପାରାରେ ସଡ଼କ ସୁରକ୍ଷା ନିୟମ ମୁତାବକ ବାମପଟେ ଚାଲିବା ନିୟମ ଥିବା ବେଳେ ଡାହାଣପାଖେ ଚାଲିବା ପାଇଁ ଉଲ୍ଲେଖ କରାଯାଇଛି। ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏହି ବହିଟି ପ୍ରଥମେ ୨୦୧୦, ୨୦୧୬ ଓ ଏବେ ୨୦୧୮ରେ ମୁଦ୍ରିତ ହୋଇଛି। ଇତିମଧ୍ୟରେ ମୁଦ୍ରଣର ୧୦ବର୍ଷ ବିତିଲାଣି। ହେଲେ ତ୍ରୁଟି ସଂଶୋଧନ ହୋଇନାହିଁ। ଏଭଳି ତ୍ରୁଟି ଗ୍ରହଣୀୟ ନୁହେଁ, ତୁରନ୍ତ ଏହା ସଂଶୋଧନ ହେବା ଆବଶ୍ୟକ ବୋଲି ରାଜ୍ୟ ପ୍ରାଥମିକ ଶିକ୍ଷକ ସଙ୍ଗଠନର ସମ୍ପାଦକ ତବରେଜ୍ ଖାନ୍ କୁହନ୍ତି। ଅଭିଭାବକ ଅକ୍ଷୟ ବେହେରା କୁହନ୍ତି ଏହି ବହିଟି ୨୦୧୦ ରୁ ମୁଦ୍ରିତ ହୋଇ ଆସୁଛି କିନ୍ତୁ କିଭଳି କେହି ଏହି ତ୍ରୁଟିକୁ ଚିହ୍ନଟ କରିନାହାନ୍ତି ତାହା ଆଶ୍ଚର୍ଯ୍ୟ କରୁଛି।



ତ୍ରୁଟିପୂର୍ଣ୍ଣ ଧାଡ଼ି।

## ସଂକ୍ଷେପରେ

### ଜୁନ୍ ୨୭ରେ ହେବ ୨୦୨୧ ସିଭିଲ୍ ସର୍ଭିସ ପ୍ରିଲିମ୍ ପରୀକ୍ଷା

**ନୂଆଦିଲ୍ଲୀ, ୧୭।୮:** ସିଭିଲ୍ ସର୍ଭିସ୍ ୨୦୨୧ ପ୍ରିଲିମିନାରୀ ପରୀକ୍ଷା ଆସନ୍ତାବର୍ଷ ଜୁନ୍ ୨୭ରେ ଅନୁଷ୍ଠିତ ହେବ। ୟୁପିଏସ୍‌ସି ପକ୍ଷରୁ ଏନେଇ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପରୀକ୍ଷା ସମ୍ପର୍କିତ ବିଜ୍ଞପ୍ତି ଫେବୃୟାରୀ ୧୦ରେ ପ୍ରକାଶ ପାଇବ ଏବଂ ଆବେଦନପତ୍ର ଦାଖଲର ଶେଷ ତାରିଖ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ରହିବ। ସିଭିଲ୍ ସର୍ଭିସ୍‌ର ମୁଖ୍ୟ ପରୀକ୍ଷା ସେପ୍ଟେମ୍ବରରେ ଅନୁଷ୍ଠିତ ହେବ। ୨୦୨୧ରେ ହେବାକୁ ଥିବା ନିଯୁକ୍ତି ସମ୍ପର୍କିତ ସମସ୍ତ ପରୀକ୍ଷା ତାରିଖ ୟୁପିଏସ୍‌ସି ପକ୍ଷରୁ ଘୋଷଣା କରାଯାଇଛି। ଇଞ୍ଜିନିୟରିଂ ସେବା ପରୀକ୍ଷା, ମିଳିତ ଜିଓଲୋଜିଷ୍ଟ ସେବା ପରୀକ୍ଷା, ଇଣ୍ଡିଆନ୍ ଇକୋନୋମିକ ସର୍ଭିସ ପରୀକ୍ଷା, ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ ସର୍ଭିସ ପରୀକ୍ଷା, ସେଣ୍ଟ୍ରାଲ ଆର୍ମଡ୍ ପୋଲିସ ଫୋର୍ସ ପରୀକ୍ଷା ଏବଂ ମିଳିତ ମେଡିକାଲ ସର୍ଭିସ ପରୀକ୍ଷା ତାରିଖ ମଧ୍ୟ କମିଶନଙ୍କ ପକ୍ଷରୁ ଘୋଷିତ ହୋଇଛି। ୨୦୨୦ ସିଭିଲ୍ ସର୍ଭିସ୍ ପ୍ରିଲିମ୍ ପରୀକ୍ଷା ଆଗାମୀ ଅକ୍ଟୋବର ୪ରେ ଅନୁଷ୍ଠିତ ହେବ। ଏହି ପରୀକ୍ଷା ମେ' ୩୧ରେ ହେବାକୁ ଥିବାବେଳେ କରୋନା ମହାମାରୀ ପାଇଁ ସ୍ଥଗିତ ରଖାଯାଇଥିଲା। ୨୦୨୦ ସିଭିଲ୍ ସର୍ଭିସ୍ ମୁଖ୍ୟ ପରୀକ୍ଷା ଆସନ୍ତାବର୍ଷ ଜାନୁୟାରୀ ୮, ୯, ୧୦, ୧୬ ଏବଂ ୧୭ ତାରିଖରେ ଅନୁଷ୍ଠିତ ହେବ। ଭାରତୀୟ ଜଙ୍ଗଲ ସେବା (ମୁଖ୍ୟ ପରୀକ୍ଷା), ୨୦୨୦ ଆସନ୍ତାବର୍ଷ ଫେବୃୟାରୀ ୨୮ରୁ ଆରମ୍ଭ ହୋଇ ମାର୍ଚ୍ଚ ୯ ପର୍ଯ୍ୟନ୍ତ ଚାଲିବ। ସେହିପରି ଆସନ୍ତା ବର୍ଷ ଏନ୍‌ଡିଏ ପରୀକ୍ଷା ପୁରୁଣା ଢାଞ୍ଚାରେ କରାଯିବ। ପ୍ରତିବର୍ଷ ଏହି ପରୀକ୍ଷା ଦୁଇଥର ହୋଇଥାଏ। ଏବର୍ଷ କୋଭିଡ୍-୧୯ ମହାମାରୀ ପାଇଁ ଏହା ଏକସଙ୍ଗେ ସେପ୍ଟେମ୍ବର ୬ରେ ଅନୁଷ୍ଠିତ ହେବାକୁ ଯାଉଛି।

### ଉପମୁଖ୍ୟ ସଚେତକଙ୍କ ସହାୟତା ବାଙ୍ଗାଲୋରରୁ ଫେରିଲେ ୪ ଯୁବକ

**ସମ୍ବଲପୁର,୧୭।୮(ବ୍ୟୁରୋ):** ମହାମାରୀ କରୋନା ପାଇଁ ବାଙ୍ଗାଲୋରରେ ଫସିଥିବା ୪ଜଣ ଯୁବକଙ୍କୁ ଫେରାଇ ଆଣିବାକୁ ସହାୟତା କରିଛନ୍ତି ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ। ଏହି ଯୁବକମାନେ ଯୁଯୁମୁରା ଫେରି ବ୍ଲକ୍ କୋଭିଡ୍ କେୟାର ସେଣ୍ଟରରେ ରହିଛନ୍ତି। ଫେରିଥିବା ଯୁବକଙ୍କ ମଧ୍ୟରେ ଯୁଯୁମୁରା ବ୍ଲକ ବେହେରାମାଲ ଗ୍ରାମର ସୁଦାମ ବଏଗା, ସୁଧାଂଶୁ ମିର୍ଦ୍ଧା, ମହୁଲପାଲି ଗ୍ରାମର ଶିବଲୋକ ଆଇନ, ତଳସରା ଗ୍ରାମର ଧୀରଜ ବାଗ ରହିଛନ୍ତି। ଏହି ଯୁବକମାନେ ଏକ କପଡା ମିଲ୍‌ରେ ସେଠାରେ କାମ କରୁଥିଲେ। ହେଲେ ଘରକୁ ଫେରିବାକୁ ଚାହିଁଥିଲେ। ଏହି ଖବର ବିଧାୟକ ପୂଜାରୀଙ୍କ ପାଖରେ ପହଞ୍ଚିବା ପରେ ସେ ଯୁବକମାନଙ୍କ ସହ ଯୋଗାଯୋଗ କରି ସେମାନଙ୍କୁ ବିମାନ ଯୋଗେ ଭୁବନେଶ୍ୱର ଆଣିବା ବ୍ୟବସ୍ଥା କରିଥିଲେ।

### ୧୫ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

**ବାରିପଦା ଅଫିସ,୧୭।୮:** ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ନହଣ୍ଡାଶୋଳ ଜାତୀୟ ରାଜପଥ ଦେଇ ଚୋରାରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ପୋଲିସ ଚଢାଉ କରି ୪ କୁଇଣ୍ଟାଲ ୪୫ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ ବିହାର ରାଜ୍ୟ ପାଟନା ଜିଲାର ଅକ୍ଷୟ କୁମାର ଓ ଝଲୁ ରାଏ। ଜବତ ଗଞ୍ଜେଇର ମୂଲ୍ୟ ୧୫ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି।

### ସ୍ତ୍ରୀ ବିୟୋଗ ଦୁଃଖ ଭୁଲି କରୋନା ଲଢ଼େଇରେ ସାମିଲ ହେଲେ ସରପଞ୍ଚ

**ଟିକ୍ରାପଡା, ୧୭।୮ (ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲା ପଞ୍ଚାୟତ ସରପଞ୍ଚ ହୀମାଞ୍ଚଳ ବୁଡେକଙ୍କ ସ୍ତ୍ରୀ ବିନତି ବୁଡେକଙ୍କ ଶନିବାର ବିୟୋଗ ଘଟିଛି। ରବିବାର ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ତେବେ ସ୍ତ୍ରୀ ବିୟୋଗ ଦୁଃଖକୁ ଭୁଲି ସରପଞ୍ଚ ବୁଡେକ କରୋନା ଲଢ଼େଇରେ ନିଜକୁ ସାମିଲ କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି । ସୋମବାର ଜିଲାପାଳ ଅରିନ୍ଦମ ଡାକୁଆ ଏହି ପଞ୍ଚାୟତ ତୁଷ୍ଟାପାଲି ଗାଁ ପରିଦର୍ଶନ କରି ସେଠାରେ ଚାଲିଥିବା ରାପିଡ୍ ଆଣ୍ଟିଜେନ୍ ପରୀକ୍ଷା ତଦାରଖ କରିଥିଲେ । ସରପଞ୍ଚ ବୁଡେକ୍ ସେଠାରେ ଉପସ୍ଥିତ ରହି ଏହି ପରୀକ୍ଷା କିଭଳି ସୁଚାରୁରୂପେ ସମ୍ପାଦନ ହୋଇପାରିବ ସେନେଇ ସମସ୍ତ ବ୍ୟବସ୍ଥା କରିବା ସହ ଜିଲାପାଳଙ୍କୁ ସହଯୋଗ କରିଥିଲେ । ସରପଞ୍ଚଙ୍କ ଏଭଳି କାର୍ଯ୍ୟକୁ ଜିଲାପାଳ ଡାକୁଆ ପ୍ରଶଂସା କରିଛନ୍ତି।

# ଶକ୍ତିମନ୍ତ୍ରୀଙ୍କୁ ଭେଟିଲେ ଭାରତୀୟ ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ଅଧ୍ୟକ୍ଷ

**ଭୁବନେଶ୍ୱର,୧୭।୮(ବ୍ୟୁରୋ)**

ଭାରତୀୟ ଅକ୍ଷୟ ଶକ୍ତି ବିକାଶ ସଂସ୍ଥା(ଇରେଡା)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ ସୋମବାର ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ନିକଟରେ ଓଡ଼ିଶା ସରକାର ଅକ୍ଷୟ ଶକ୍ତି ଉତ୍ପାଦନ ଏବଂ ବ୍ୟବହାର ଉପରେ ଅନେକ ପ୍ରକଳ୍ପର କାର୍ଯ୍ୟାରମ୍ଭ କରିଛନ୍ତି। ରାଜ୍ୟ ଏ କ୍ଷେତ୍ରରେ ସ୍ୱାବଲମ୍ବି ହୋଇ ପାରିବ ବୋଲି ସାକ୍ଷାତ ସମୟରେ ଦାସ କହିଥିଲେ। ଭାରତ ସରକାରଙ୍କ ଏହି ଉଦ୍ୟୋଗ ରାଜ୍ୟର ଅକ୍ଷୟ ଶକ୍ତି ବିକାଶ କ୍ଷେତ୍ରରେ ସହଯୋଗ ପ୍ରଦାନ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟରେ ସୌରଶକ୍ତି ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଥିବା ଦର୍ଶାଇ ପାରମ୍ପାରିକ ବିଦ୍ୟୁତ ଅପହଞ୍ଚ ସ୍ଥାନଗୁଡ଼ିକରେ ଏହା ବହୁତ ଉପାଦେୟ ହୋଇ ପାରିବ ବୋଲି କହିଥିଲେ। ଏଥି ସହିତ ଐତିହ୍ୟମୟୀ କୋଣାର୍କ ମନ୍ଦିରକୁ ଇରେଡା ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆଲୋକୀକରଣ ବ୍ୟବସ୍ଥାର ଅଗ୍ରଗତି ସମ୍ପର୍କରେ ମଧ୍ୟ ସେ ଆଲୋଚନା କରିଥିଲେ।


ଇରେଡାର ଅଧ୍ୟକ୍ଷ ପ୍ରଦୀପ କୁମାର ଦାସ ସୋମବାର ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ସାକ୍ଷାତ କରୁଛନ୍ତି।

# ନିଶା ସାମଗ୍ରୀ ଜବତ, ୮ ଗିରଫ

**ବରଗଡ଼ ଅଫିସ/ପଦ୍ମପୁର,୧୭।୮**

ବରଗଡ଼ ଜିଲା ପଦ୍ମପୁର ଥାନା ପୋଲିସ ବିପୁଳ ପରିମାଣର ନିଶା ବଟିକା, ନିଶା ଇଞ୍ଜେକ୍ସନ, କଫ୍ ସିରପ, ୨ଟି ୪ ଚକିଆ ଗାଡ଼ି (ନଂ. ଓଆର୧୭ଡି ୨୭୮୬) ଏବଂ (ନଂ.ଓଆର୦୨ଏଜି ୮୧୫), ୬ଟି ମୋବାଇଲ ଜବତ କରିଛି। ନିଶା କାରବାରରେ ସମ୍ପୃକ୍ତ ୮ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପଦ୍ମପୁର ଥାନା ପଦ୍ମପୁର ନେହେରୁ ଗଳିର ରାକେଶ କୁମାର ନାଏକ, ସିଂଘନପୁରର ଅନନ୍ତ କୁମାର ସାହୁ, ଭେଉଁରିଆର ପିଣ୍ଟୁ ଓରଫ ଅମରେଶ ପଟେଲ, ପଦ୍ମପୁର ହନୁମାନପଡ଼ାର ସୋମନାଥ ପାତ୍ର, କୁସୁନାପଡ଼ାର ଶ୍ୟାମଲାଲ ଟାଙ୍ଗୀ, ଶିବ ଛତର, ଶକ୍ତିବିହାରର ବିକି ଓରଫ ଗୁଣନିଧି ସାହୁ ଏବଂ ବଲାଙ୍ଗୀର ଜିଲା ଲରମ୍ଭା ଥାନାର ରମେଶ ସେଠ । ଏ ନେଇ ପଦ୍ମପୁର ଥାନାରେ ଏକ ମାମଲା (ନଂ.୧୮୭/୨୦) ରୁଜୁ ହେବା ସହିତ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଗିରଫ ରାକେଶ, ଶ୍ୟାମଲାଲ, ସୋମନାଥ, ଗୁଣନିଧି ଏବଂ ପିଣ୍ଟୁଙ୍କ ବିରୋଧରେ ପୂର୍ବରୁ ଏକାଧିକ ମାମଲା ରହିଛି ବୋଲି ସୋମବାର ପଦ୍ମପୁର ଉପଖଣ୍ଡ ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପଦ୍ମିନୀ ସାହୁ ସୂଚନା ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏସଡ଼ିପିଓ ପ୍ରଦୀପ କୁମାର ସାହୁ, ପଦ୍ମପୁର ଥାନା ଆଇଆଇସି ମାନସ ରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ।

# ବର୍ଷକୁ ୨୪୦ କାର୍ଯ୍ୟଦିବସ

### ବିଚାରପତିଙ୍କ ପାଇଁ ନୂତନ ମାପଦଣ୍ଡ

**କଟକ ଅଫିସ,୧୭।୮**

ରାଜ୍ୟର ସମସ୍ତ କ୍ୟାଡର୍‌ର ବିଚାରପତିଙ୍କ ପାଇଁ ପରିବର୍ତ୍ତିତ କାର୍ଯ୍ୟ ମାପଦଣ୍ଡ (ୟାର୍ଡଷ୍ଟିକ୍) ସ୍ଥିର ହୋଇଛି। ସୋମବାର ଏନେଇ ହାଇକୋର୍ଟଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ଜାନୁୟାରୀରୁ ଏହି ନୂତନ ମାପଦଣ୍ଡ ବ୍ୟବସ୍ଥା ଲାଗୁ ହେବ। ଏଥିରେ ପ୍ରତ୍ୟେକ ବିଚାରପତିଙ୍କ ପାଇଁ ବର୍ଷକୁ ୨୪୦ଟି କାର୍ଯ୍ୟ ଦିବସ ରହିବ। ବିଭିନ୍ନ ମାମଲାର ଫଇସଲା ଅନୁଯାୟୀ କାର୍ଯ୍ୟଦିବସ ଗଣତି କରାଯିବ ବୋଲି ଏହି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

ଜିଲା ଜଜ୍ କ୍ୟାଡର୍‌ର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍, ସ୍ୱତନ୍ତ୍ର କୋର୍ଟ ଜଜ୍ ଏବଂ ସିବିଆଇ ସ୍ୱତନ୍ତ୍ର କୋର୍ଟ ଜଜ୍‌ମାନଙ୍କ ପାଇଁ ସ୍ଥିର ହୋଇଥିବା ମାପଦଣ୍ଡ ଅନୁଯାୟୀ, ଗୋଟିଏ ଟ୍ରାପ୍ କେସ୍‌ର ଫଇସଲା ହେଲେ ଏହା ୭ଟି କାର୍ଯ୍ୟ ଦିବସରେ ଗଣତି ହେବ। ସେହିଭଳି ଆୟ ବର୍ହିଭୂତ ସମ୍ପତ୍ତି, ଅର୍ଥ ଆତ୍ମସାତ୍



ମାମଲା ଓ ସିବିଆଇର ଗୋଟିଏ ମାମଲାର ଫଇସଲା ହେଲେ ୧୦ଟି କାର୍ଯ୍ୟ ଦିବସ ଭାବେ ଗଣାଯିବ। ଏନ୍‌ଡିପିଏସ୍, ପୋକ୍ସୋ ମାମଲାର ଫଇସଲା ପାଇଁ ୪ଟି କାର୍ଯ୍ୟ ଦିବସ, ଅନୁସୂଚିତ ଜାତି ଓ ଜନଜାତି ଆଇନ୍-୧୯୮୯ରେ ଗୋଟିଏ ମାମଲାର ଫଇସଲା ପାଇଁ ୪ଟି କାର୍ଯ୍ୟ ଦିବସ ରଖାଯାଇଛି। କ୍ରିମିନାଲ୍ ଅପିଲ୍ ଓ ଜେଲ୍ କ୍ରିମିନାଲ୍ ଅପିଲ୍‌ର ଫଇସଲା ପାଇଁ ଗୋଟିଏ କାର୍ଯ୍ୟ ଦିବସ, କ୍ରିମିନାଲ୍ ରିଭିଜନ୍, ସିଭିଲ୍ ଅପିଲ୍, ନିର୍ବାଚନ ମାମଲା ଓ ଜମି ଅଧିଗ୍ରହଣ ସଂପର୍କିତ ମାମଲାର ଫଇସଲା ହେଲେ ୨ଟି ଲେଖାଏଁ ଓ ଆର୍ଥିକ ସଂସ୍ଥାରେ ଜମା ସଂପର୍କିତ ମାମଲା ଫଇସଲା ପାଇଁ ୭ଟି କାର୍ଯ୍ୟ ଦିବସ ଗଣତି କରାଯିବ। ସେହିପରି ଅନ୍ୟ ବିଚାରପତିମାନଙ୍କ ପାଇଁ ମଧ୍ୟ ମାମଲା ଫଇସଲା ଅନୁଯାୟୀ କାର୍ଯ୍ୟ ଦିବସ ସ୍ଥିର ହୋଇଛି। ଯଦି କୌଣସି କୋର୍ଟରେ ମାମଲା ସଂଖ୍ୟା କମ୍ ରହିଥିବ, ତେବେ ସେଠାରେ ୨୦ ପ୍ରତିଶତ କାର୍ଯ୍ୟ ଦିବସ ଯୋଡ଼ାଯିବ। ପୁରୁଣା ମାମଲାଗୁଡ଼ିକର ଶୁଣାଣି ହୋଇପାରିଲେ ତଦନୁଯାୟୀ କାର୍ଯ୍ୟଦିବସ ଦିଆଯିବ। ଯଦି ୫ରୁ ୧୦ ବର୍ଷ ପୁରୁଣା ମାମଲାର ଫଇସଲା ହେଲେ ସମ୍ପୃକ୍ତ ମାମଲା ପାଇଁ ଥିବା କାର୍ଯ୍ୟ ଦିବସର ୨୫ ପ୍ରତିଶତ ଏବଂ ୧୦ରୁ ୨୦ ବର୍ଷ ମାମଲାର ଫଇସଲା ପାଇଁ ୫୦ ପ୍ରତିଶତ ଏବଂ ୨୦ ବର୍ଷ ମାମଲାର ଫଇସଲା ପାଇଁ ୭୫ ପ୍ରତିଶତ ଅତିରିକ୍ତ କାର୍ଯ୍ୟ ଦିବସ ପ୍ରଦାନ କରାଯିବ। ଏ ସଂପର୍କିତ ସଂପୂର୍ଣ୍ଣ ବିବରଣୀ ଷ୍ଟେଟ୍ କୋର୍ଟ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ (ଏସ୍‌ସିଏମ୍‌ଏସ୍)ର ସଦସ୍ୟ ସଚିବ ରାଜେଶ ଦାସଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ପ୍ରବାସୀ ଶ୍ରମିକଙ୍କ ପାଇଁ ନିଯୁକ୍ତି ମେଳା

**ଝାରସୁଗୁଡା ଅଫିସ,୧୭।୮**

କୋଭିଡ-୧୯ ଯୋଗୁ ବିଭିନ୍ନ ରାଜ୍ୟ ତଥା ଦେଶ ବାହାରେ ରହୁଥିବା ପ୍ରବାସୀ ଶ୍ରମିକମାନେ ନିଜ ନିଜ ଘରକୁ ଫେରି ଆସିଛନ୍ତି। ହେଲେ ସେମାନେ ଏଠାରେ ବିନା ଚାକିରିରେ ପରିବାର ପ୍ରତିପୋଷଣ ପାଇଁ ବହୁ ହଇରାଣ ହରକତ ହେଉଛନ୍ତି। ସେମାନଙ୍କ ଆବଶ୍ୟକତାକୁ ହୃଦ୍‌ବୋଧ କରି ଝାରସୁଗୁଡା ଜିଲାରେ ଥିବା କଳକାରଖାନରେ ନିଯୁକ୍ତି ଦେବା ନେଇ ଚିନ୍ତା କରିଛି ପ୍ରଶାସନ। ଏଥିପାଇଁ ଜିଲାର ପ୍ରବାସୀ ଶ୍ରମିକମାନଙ୍କ ପାଇଁ ନିଯୁକ୍ତି ମେଳାର ଆୟୋଜନ କରାଯାଇଛି। ସୋମବାର ସ୍ଥାନୀୟ ମନମୋହନ ଏମ୍‌ଇ ସ୍କୁଲ ପଡିଆଠାରେ ଜିଲା ପ୍ରଶାସନ ଓ ଜିଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ପ୍ରବାସୀ ଶ୍ରମିକଙ୍କ ନିମନ୍ତେ ଆୟୋଜିତ ନିଯୁକ୍ତି ମେଳାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି ଉଦ୍‌ଘାଟନ କରିଥିଲେ। ଜିଲା ନିୟୋଜନ ଅଧିକାରୀ ସୁକୁମାରୀ ସାହୁ ପରିଚାଳନା କରିଥିଲେ। ପ୍ରଶାସନ ପକ୍ଷରୁ ଚିହ୍ନଟ ପ୍ରବାସୀ ଶ୍ରମିକମାନେ ଏଥିରେ ଯୋଗ ଦେଇଥିଲେ। ୩୧ଟି କଳକାରଖାନାର ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତ ଆବେଦନକାରୀଙ୍କୁ ଚାକାରି ପ୍ରଦାନ କରିବା ପାଇଁ ପ୍ରତିଶୃତି ମିଳିଛି।

# ମହାନଦୀ ବନ୍ଧ ଅତଡ଼ା ଧସିଲା, ଲୋକେ ଆତଙ୍କିତ


ପିଁମ୍ପୁରସ୍ଥିତ ନଦୀବନ୍ଧ ଅତଡାରେ ବାଲିବସ୍ତା ପକାଯାଉଛି।

**ରଘୁନାଥପୁର,୧୭।୮(ଡି.ଏନ୍.ଏ.)**

ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଉତ୍ତରକୂଳ ପଞ୍ଚାୟତର ପିଁମ୍ପୁରଠାରେ ମହାନଦୀ ବନ୍ଧରୁ ଅତଡ଼ାଧସି ଜନବସତିମୁହାଁ ହୋଇଛି। କେନ୍ଦୁପାଟଣା ଏସଡିଓଙ୍କ ଅଧୀନରେ ଥିବା ଏହି ନଦୀବନ୍ଧର ୩୨୦ମିଟର ଲମ୍ବ ଓ ୫୦ମିଟର ପ୍ରସ୍ଥର ପଠା ନଦୀ ଗର୍ଭରେ ଲୀନ ହୋଇଯିବା ପରେ ଅଧିକାରୀଙ୍କ ଚେତା ପଶିଛି। ସୋମବାର ରାତିରୁ ଏସଡିଓ ଏବଂ କନିଷ୍ଠ ଯନ୍ତ୍ରୀ ଲୋକ ଲଗାଇ ସେଠାରେ ବାଲିବସ୍ତା ପକାଉଛନ୍ତି। ୫୦୦ରୁ ଉର୍ଦ୍ଧ୍ୱ ଲୋକେ ଏହି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଅପରପକ୍ଷେ ଜଳସ୍ତର ବୃଦ୍ଧିପାଇବାରୁ ପୋତାଯାଇଥିବା ବଲ୍‌ହା ନଦୀଗର୍ଭକୁ ଖସିଯାଇଛି। ପରିସ୍ଥିତି ଜଟିଳଥିବାରୁ ଦୀପାଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଏହାକୁ ଲାଗି ରହିଥିବା ୫୦ ମିଟର ପଠା ଦୀର୍ଘଦିନ ଧରି ନଦୀବନ୍ଧକୁ ସୁରକ୍ଷା ଦେଇଆସୁଥିଲା। ସରକାର ଏହି ପଠାରୁ ବାଲି ଉଠାଇବା ପାଇଁ ଅନୁମତି ଦେବାପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଏସ୍‌ଡିଓ ମନୋଜ କୁମାର ବେହେରା ଅସ୍ୱୀକାର କରିବା ସହ ବିଭିନ୍ନ ସମୟରେ ପାଣି ସ୍ରୋତ ଗତିପଥ ବଦଳାଇବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କହିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BANDHAN FINANCE
(Regd No -1125124)
Bandhan ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ,କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ
50% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8813813462

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଡିନ୍, ଭୁବନେଶ୍ୱର
9773820765
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ 2 ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠକରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର।
9910560681

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ - ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବନ୍ଧରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ରେଢାଖୋଲ,(ଡି.ଏନ.ଏ.): ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ୍ ଚାରମାଲ ଥାନା କୁଆଁଖୋଲର ଜଣେ ଯୁବକ ସୋମବାର ମଧ୍ୟାହ୍ନରେ ଗାଁ ବନ୍ଧରେ ଗାଧୋଇବାବେଳେ ବୁଡ଼ି ଯାଇଛନ୍ତି। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଶ୍ରୀକର ଭୋଇ (୪୦)। ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି। ମଙ୍ଗଳବାର ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।



# ଦେବଗଡ଼ ଭାଜପାରେ ଫାଟ

### ବିଧାୟକ-ଏମ୍‌ପି ଗୋଷ୍ଠୀ ମୁହାଁମୁହିଁ

ଦେବଗଡ଼, ୧୭।୮(ଡି.ଏନ.ଏ.)

କୋଭିଡ୍-୧୯ ସଂକ୍ରମଣ ଯୋଗୁ ରାଜ୍ୟ ଏକ ପ୍ରକାର ବିପଦ ଆଡ଼କୁ ମୁହାଁଇଛି। ଏଥିପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇ କରୋନା ମୁକାବିଲାରେ ଜନପ୍ରତିନିଧିମାନେ ସାମିଲ ହେବାକୁ ଆହ୍ୱାନ ଜଣାଇଛନ୍ତି। ହେଲେ ଏପରି ଘଡିସନ୍ଧି ସମୟରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣି ଏବଂ ଏମ୍‌ପି ନୀତେଶ ଗଙ୍ଗଦେବଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଉଗ୍ରରୂପ ନେଇଥିବା ଏଠାରେ ଚର୍ଚ୍ଚା ଜୋର ଧରିଛି।

ଗତ ଜୁଲାଇ ୩୧ରେ ଭାଜପା ବିଧାୟକ ପାଣି ଏକ ଖବରଦାତା ସମ୍ମିଳନୀରେ ଜିଲାର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ବିଶେଷ କରି ଶିକ୍ଷା ବ୍ୟବସ୍ଥା, ରାସ୍ତା ନିର୍ମାଣ, କୃଷି, ପାନୀୟ ଜଳ ଯୋଗାଣ, ପର୍ଯ୍ୟଟନ, ଜଳସେଚନ ଓ ତାଳଚେର ବିମଳାଗଡ଼ ରେଳପଥ ପାଇଁ ଜମି ଅଧିଗ୍ରହଣ କ୍ଷେତ୍ରରେ ରାଜ୍ୟ ସରକାର କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନାହାନ୍ତି ବୋଲି ଆକ୍ଷେପ କରିଥିଲେ। ଏହାର କିଛିଦିନ ପରେ ବିଧାୟକଙ୍କ ବାସଭବନରେ ଆଉ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ରିଆମାଳ ମଣ୍ଡଳର ପୂର୍ବତନ ସଭାପତି ଶରତ କୁମାର ସାହୁ ସମ୍ବଲପୁର ଏମ୍‌ପି ଗଙ୍ଗଦେବ କଂଗ୍ରେସ ଦଳରୁ ଆସିଥିବାରୁ କଂଗ୍ରେସ ଢାଞ୍ଚାରେ କାମ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ସେ କହିଥିଲେ, ଭାଜପା କର୍ମୀମାନଙ୍କୁ ଏମ୍‌ପି ଅଣଦେଖା କରୁଛନ୍ତି। ଏମ୍‌ପିଙ୍କ ନୋମିନି ଯୋଗେଶ ପ୍ରଧାନ ଏବଂ ରିଆମାଳ ନୋମିନି ପ୍ରଣବ ଦେବ ବିଡିଓ ଓ କନିଷ୍ଠ ଯନ୍ତ୍ରୀ ଆଦି ସରକାରୀ କର୍ମଚାରୀଙ୍କୁ ଧମକ ଚମକ ଦେଉଛନ୍ତି। ବିଧାୟକଙ୍କ ଦ୍ୱାରା ହେଉଥିବା ଉନ୍ନତିମୂଳକ କାମରେ ସେମାନେ ବାଧା ସୃଷ୍ଟି କରୁଥିବା ସେ କହିଥିଲେ। ଏହାର ପ୍ରତିବାଦରେ ଅଗଷ୍ଟ ୧ରେ ସଭାଗୋଲିଠାରେ ଏମ୍‌ପିଙ୍କ ନୋମିନି ପ୍ରଧାନ ଏକ ଖବରଦାତା ସମ୍ମିଳନୀ କରି ରିଆମାଳ ମଣ୍ଡଳର ପୂର୍ବତନ ସଭାପତି ସାହୁଙ୍କ ବିରୋଧରେ ଏକାଧିକ ସଙ୍ଗିନ ଅଭିଯୋଗ ଆଣିଥିଲେ। ପୁଣି ଗତ ୫ ତାରିଖରେ ରିଆମାଳ ବ୍ଲକ ମଣ୍ଡଳର କର୍ମୀମାନେ ଏକ ଖବରଦାତା ସମ୍ମଳନୀ କରି ଭାଜପା କର୍ମକର୍ତ୍ତା ଯଦି ଏହି ବିବାଦର ସାମାଧାନ ନ କରନ୍ତି ତେବେ ସମୂହ ଇସ୍ତଫା ଦେବୁ ବୋଲି ଧମକ ଦେଇଥିଲେ। ସେମାନେ ଦର୍ଶାଇଥିଲେ ଯେ, ୨୦୦୯ ନିର୍ବାଚନରେ ବିଜେଡି ଓ କଂଗ୍ରେସ ମଧ୍ୟରେ ସିଧାସଳଖ ଲଢ଼େଇ ହୋଇଥିଲା। ଏଥିରେ ଭାଜପା ତୃତୀୟ ସ୍ଥାନରେ ଥିଲା। ୨୦୧୨ରେ ଜିଲାପରିଷଦରେ ମଧ ଭାଜପା ତୃତୀୟ ସ୍ଥାନରେ ରହିଥିଲା। ୨୦୧୪ ପୌର ପରିଷଦ ନିର୍ବାଚନରେ ବି ବିଜେଡି ବାଜିମାତ୍ କରିଥିଲା। ଏଥିରେ କଂଗ୍ରେସ ଦୁଇଟି ଆସନ ପାଇଥିବା ବେଳେ ଭାଜପା ଅମାନତ ହରାଇଥିଲା।

୨୦୧୪ ବିଧାନସଭା ନିର୍ବାଚନରେ ଭାଜପା ପ୍ରାର୍ଥୀ ସୁବାସ ପାଣିଙ୍କୁ ପ୍ରଥମେ ଟିକେଟ ମିଳିଥିଲା। ହେଲେ ଭାଜପାର କେତେଜଣ ଅସନ୍ତୋଷ କର୍ମୀ ଏବଂ ବରିଷ୍ଠ ନେତାଙ୍କ ପ୍ରଭାବ ଯୋଗୁ ପୂର୍ବତନ କଂଗ୍ରେସ ବିଧାୟକ ନୀତେଶଙ୍କୁ ଭାଜପା ଟିକଟ ଦେଇଥିଲା। ସେ ସମୟରେ ବହୁ ଭାଜପା କର୍ମୀ ପାଣିଙ୍କୁ ସମର୍ଥନ କରି ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେତେବେଳେ ବିଜେଡି ବିଧାୟକ ସଞ୍ଜୀବ ପ୍ରଧାନଙ୍କ ଟିକେଟ କାଟି ତାଙ୍କ ସହଧର୍ମିଣୀ ଅନିତା ପ୍ରଧାନଙ୍କୁ ବିଜେଡି ଟିକେଟ ଦେଇଥିଲା। ସଞ୍ଜୀବଙ୍କ ଭାବମୂର୍ତ୍ତି ଖରାପ ଥିବାରୁ ଓ ତାଙ୍କ ସ୍ତ୍ରୀ ଟିକେଟ ପାଇଥିବାରୁ ସ୍ଥାନୀୟ ଭୋଟରମାନଙ୍କ ସହ ବିଜେଡି କର୍ମୀମାନେ ଅସନ୍ତୋଷ ଥିଲେ। ଏଣେ କଂଗ୍ରେସର ଦୁର୍ବଳ ପ୍ରାର୍ଥୀଙ୍କ ଯୋଗୁ ନୀତେଶ ବହୁ ଭୋଟରେ ବିଜୟ ଲାଭ କରିଥିଲେ। ନୀତେଶଙ୍କ ବିଜୟ ପରେ ପୂର୍ବରୁ ତାଙ୍କ କଂଗ୍ରେସ ନୋମିନି ଥିବା ଯୋଗେଶ ପ୍ରଧାନ ଭାଜପାରେ ଯୋଗଦେଇଥିଲେ। ପରେ ସେ ନୀତେଶଙ୍କ ନୋମିନି ହୋଇଥିଲେ। ଫଳରେ ନୀତେଶ ସମର୍ଥକ ଓ ସୁବାସଙ୍କ ସମର୍ଥକମାନଙ୍କ ମଧ୍ୟରେ ଧୀରେ ଧୀରେ ଶୀତଳଯୁଦ୍ଧ ଆରମ୍ଭ ହୋଇଥିଲା। ଯାହା ବର୍ତ୍ତମାନ ଉଗ୍ର ରୂପ ଧାରଣ କରିଛି।

୨୦୧୪ରେ ସୁବାସଙ୍କ ଟିକେଟ କାଟି ନୀତେଶଙ୍କୁ ଭାଜପା ବିଧାୟକ ଟିକେଟ ଦେଇଥିଲା। ୨୦୧୯ରେ ନୀତେଶଙ୍କୁ ଟିକେଟ ନ ଦେଇ ଦଳ ସୁବାସଙ୍କୁ ଟିକେଟ ଦେଇଥିଲା। ପରେ ସେଥିରେ ବି ପରିବର୍ତ୍ତନ କରାଯାଇଥିଲା। ନୀତେଶଙ୍କୁ ଅସନ୍ତୋଷ ନ କରି ତାଙ୍କୁ ସମ୍ବଲପୁର ଲୋକ ସଭା ଟିକେଟ ଦିଆଯାଇଥିଲା। ଏହାପରେ ବି ନୀତେଶ ପ୍ରଥମେ ଅସନ୍ତୋଷ ପ୍ରକାଶ କରିଥିଲେ। । ହେଲେ ନରେନ୍ଦ୍ର ମୋଦିଙ୍କ ହାୱା ଯୋଗୁ ଉଭୟେ ଭାଜପା ପ୍ରାର୍ଥୀ ବିଜୟ ଲାଭ କରିଥିଲେ। କିନ୍ତୁ ନିର୍ବାଚନ ଆରମ୍ଭରୁ ଭାଜପା କର୍ମୀମାନେ ଦୁଇଭାଗ ହୋଇଯାଇଥିଲେ। ଏବେ ବି ସେହି ପରିସ୍ଥିତି ଲାଗିରହିଛି। କର୍ମୀମାନେ ଦୁଇଭାଗ ଯୋଗୁ ଭାଜପାରେ ଅନ୍ତଃକନ୍ଦଳ ଲାଗିରହିଛି। ଏସବୁ ଠିକା କାମକୁ ନେଇ ଘଟୁଥିବା ଖବର ମିଳିଛି। ବିଧାୟକ ଓ ଏମ୍‌ପି ନିଜ ନିଜ କର୍ମୀମାନଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି। ଫଳରେ ଗୋଟିଏ କାମ ପାଇଁ ୨ଜଣଙ୍କ ସୁପାରିସ ଆସୁଥିବାରୁ ପ୍ରଶାସନିକ ଅଧିକାରୀମାନେ ହଇରାଣ ହେଉଛନ୍ତି। ଜନପ୍ରତିନିଧିମାନେ ପ୍ରଥମେ ନିଜ ସ୍ୱାର୍ଥ ନୁହେଁ ଜନସାଧାରଣଙ୍କ ସ୍ୱାର୍ଥ ପ୍ରତି ଗୁରୁତ୍ୱ ଦେବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଅନ୍ୟପକ୍ଷେ ଉପରୋକ୍ତ ଘଟଣାକୁ ୨ ନେତା ଅସ୍ୱୀକାର କରିଛନ୍ତି। ଏମ୍‌ପି ଗଙ୍ଗଦେବ କହିଛନ୍ତି, ଏ ନେଇ ମୋ ପାଖରେ କିଛି ଅଭିଯୋଗ ଆସିନାହିଁ। କେବଳ କିଛି କଥା ମୁଁ ଶୁଣିଛି। ଯାହାବି ହୋଇଛି ଆଲୋଚନା ମାଧ୍ୟମରେ ତା'ର ସମାଧାନ ହେବ। ବିଧାୟକ ପାଣି କହିଛନ୍ତି, ଏମ୍‌ପିଙ୍କ ସହ ମୋର କୌଣସି ବିବାଦ ନାହିଁ। କର୍ମୀଙ୍କ ମଧ୍ୟରେ ଯେଉଁ ବାଦବିବାଦ ଚାଲିଛି ତା'ର ସମାଧାନ କରାଯିବ। ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନ କହିଛନ୍ତି, ଯାହା କର୍ମୀଙ୍କ ମଧ୍ୟରେ ଚାଲିଛି ତାହା ଠିକ୍ ନୁହେଁ, ଖୁବ୍‌ଶୀଘ୍ର ଏହି ବିବାଦର ଅନ୍ତ ଘଟିବ। ଗତ ଦୁଇଦିନ ହେଲା ଦେବଗଡରେ ଡେରା ପକାଇଥିବା ଭାଜପା ରାଜ୍ୟ ମୁଖପାତ୍ର ତଥା ଜିଲା ପ୍ରଭାରୀ ଧୀରେନ ସେନାପତିଙ୍କୁ ଏ ନେଇ ପଚାରିବାରୁ ଏଠାରେ ଦଳୀୟ କନ୍ଦଳ ଥିବା ସେ ଅନୁଭବ କରୁନାହାନ୍ତି। ତିଳେଇବଣି ବ୍ଲକ ପାଲକୁଦ୍ ପଞ୍ଚାୟତ କୋଠା ଉଦ୍‌ଘାଟନ ଓ କୃଷକମାନଙ୍କ ସମସ୍ୟା ସମ୍ପର୍କରେ ଆୟୋଜିତ ଭାଜପା ଖବରଦାତା ସମ୍ମିଳନୀରେ ଉଭୟ ଏମ୍‌ପି ଓ ବିଧାୟକ ଉପସ୍ଥିତ ଥିଲେ। ତେବେ ପ୍ରତ୍ୟେକ ରାଜନୈତିକ ଦଳରେ ନେତା ଓ କର୍ମୀଙ୍କ ମଧ୍ୟରେ ମତାନ୍ତର ରହିବା ସାଧାରଣ କଥା। ଏଠାରେ ଯଦି ସେଭଳି କିଛି ହୋଇଥିବ ତେବେ ତାହା ଆଲୋଚନା ମାଧମରେ ତାହାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବରଗଡ଼ରେ ପୁଣି ୩୫ କରୋନା ପଜିଟିଭ

**ବରଗଡ଼ ଅଫିସ୍,୧୭।୮:** ବରଗଡ଼ ଜିଲାରେ ସୋମବାର ୩୫ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବରଗଡ଼ ପୌରାଞ୍ଚଳର ୮ଜଣ, ବରଗଡ଼ ବ୍ଲକର ୩ଜଣ, ପାଇକମାଳ ଜଣେ, ବିଜେପୁର ଜଣେ, ଅତାବିରା ୨ଜଣ, ସୋହେଲା ୧୭ଜଣ ଏବଂ ପଦ୍ମପୁର ଓ ବରପାଲି ଏନଏସିର ଜଣେ ଲେଖାଏଁ ଆକ୍ରାନ୍ତ ରହିଥିବାବେଳେ ଅନ୍ୟ ଜଣକ ରିପିଟ୍ କେଶ୍ ବୋଲି ସୂଚନା ଦିଆଯାଇଛି। ଏହାପରେ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୮୮୪ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୪ଜଣଙ୍କ ମୃତ୍ୟୁ ହୋଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି ।

### ଡୁଙ୍ଗୁରିପାଲି ଥାନାକୁ ପଶିଲା କରୋନା

**ଡୁଙ୍ଗୁରିପାଲି,୧୭।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନାରେ କାର୍ଯ୍ୟରତ ୪ଜଣ କରୋନା ସଂକ୍ରମିତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨ ଜଣ ପୋଲିସ କର୍ମଚାରୀ ହୋଇଥିବା ବେଳେ ଜଣେ ଡ୍ରାଇଭର ଓ ଜଣେ ହୋମଗାର୍ଡ। ସମସ୍ତଙ୍କୁ ଥାନା ପରିସରରେ ହୋମ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ମଙ୍ଗଳବାର ଥାନା ପରିସରକୁ ବିଶୋଧନ କରାଯିବ ବୋଲି ଥାନା ଅଧିକାରୀ ଭାନୁପ୍ରତାପ ଯାଦବ ପ୍ରକାଶ କରିଛନ୍ତି। ରବିବାର ଥାନାର ଜଣେ ପୋଲିସ କର୍ମଚାରୀ କରୋନା ସଂକ୍ରମିତ ହୋଇଥିବା ବେଳେ ତାଙ୍କୁ ଜିଲା କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ସୂଚନାଯୋଗ୍ୟ ଯେ, ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ପଞ୍ଚାୟତ ସାନପହଣ୍ଡିରେ ୨୨ ଜଣ ସଂକ୍ରମିତ ହୋଇଛନ୍ତି। ସେହିପରି ଶୁଖା ଗ୍ରାମରେ ଗତ ଦୁଇଦିନ ମଧରେ ୧୪ଜଣ ଆକ୍ରାନ୍ତ ହୋଇଛନ୍ତି । ସେମାନଙ୍କ ମଧରୁ ଜଣେ ମହିଳାଙ୍କ କରୋନାରେ ମୃତ୍ୟୁ ଘଟିଛି । ସୋମବାର ସୁଦ୍ଧା ୯୩ ଜଣ ଆକ୍ରାନ୍ତ ହୋଇଛନ୍ତି । ବର୍ତ୍ତମାନ ଶୁଖା ଗ୍ରାମ ଓ ଡୁଙ୍ଗୁରିପାଲି ହସପିଟାଲ କଲୋନୀକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି ।

### ସ୍ୱାବ୍ ସଂଗ୍ରହ କେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ

**ସମ୍ବଲପୁର, ୧୭।୮(ବ୍ୟୁରୋ):** ସମ୍ବଲପୁର ଜିଲାପାଳ ଶୁଭମ୍ ସକ୍‌ସେନା ସୋମବାର ରେଢାଖୋଲ ବ୍ଲକ ଗସ୍ତ କରିଛନ୍ତି। ଏହି ଅବସରରେ ମୋଚିବାହାଲ ପଞ୍ଚାୟତ କୋଭିଡ୍ କେୟାର ସେଣ୍ଟର ଓ ସ୍ୱାବ୍ ସଂଗ୍ରହ କେନ୍ଦ୍ର ପରିଦର୍ଶନ କରିଥିଲେ। ସ୍ୱାବ ସଂଗ୍ରହ ସଂଖ୍ୟା ବୃଦ୍ଧି କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ରେଢାଖୋଲ ସବ୍‌ଡିଭିଜନର ବିଭିନ୍ନ ବିଡିଓ, ତହସିଲଦାର,ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

### ୭ ପୋଲିସ କର୍ମଚାରୀ କରୋନା ସଂକ୍ରମିତ

**ସମ୍ବଲପୁର, ୧୭।୮(ବ୍ୟୁରୋ):** ସମ୍ବଲପୁର ଜିଲାରେ ସୋମବାର ୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧରେ ଜିଆରପି ଥାନାର ୬ ଜଣ, କ୍ଷେତରାଜପୁର ଥାନାର ଜଣେ କର୍ମଚାରୀ ଅଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪୮୧ରେ ପହଞ୍ଚିଛି। ଏ ପର୍ଯ୍ୟନ୍ତ ୯୫୫ ଜଣ ସୁସ୍ଥ ହୋଇଥିବା ବେଳେ ୫୨୬ ଜଣ ଚିକିତ୍ସିତ ରହିଛନ୍ତି। ସୂଚନାଯୋଗ୍ୟ, ସୋମବାର ଜିଲାରେ ୯୧୫ ଜଣଙ୍କ ସ୍ୱାବ ପରୀକ୍ଷା କରାଯାଇଥିଲା। ସେଥିରୁ ୩୫ଜଣଙ୍କ ରିପୋର୍ଟ ପଜିଟିଭ ରିପୋର୍ଟ ଆସିଥିଲା।

### ସରପଞ୍ଚଙ୍କ ପରଲୋକ



**ଲହୁଣୀପଡା,୧୭।୮(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ୍ ଅଧୀନ ଶସ୍ୟକଳା ପଞ୍ଚାୟତ ସରପଞ୍ଚ ପ୍ରିୟା କଚ୍ଛପଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୪୧ ବର୍ଷ ବୟସ ହୋଇଥିଲା। ତେବେ ତାଙ୍କ ପରଲୋକ ଖବର ପାଇବା ପରେ ଅଞ୍ଚଳରେ ଶୋକରଛାୟା ଖେଳି ଯାଇଥିଲା। ବ୍ଲକ୍ ଅଧକ୍ଷ ପଣ୍ଡିତ ଚରଣ ମୁଣ୍ଡା, ବିଡିଓ ଧନାଇ ଚରଣ ଟୁଡୁଙ୍କ ସମେତ ବିଭିନ୍ନ ସମିତି ସଭ୍ୟା, ସରପଞ୍ଚ ପ୍ରମୁଖ ଅନ୍ୟମାନେ ତାଙ୍କ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଅନିଷା ସାହୁ ଜିଏମ୍ ଜୁନିୟର ଟପ୍ପର

### ସାଇନ୍ସ ପଏଣ୍ଟର ସଫଳତା



ସମ୍ବଲପୁର,୧୭।୮(ବ୍ୟୁରୋ)

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ (ସିଏଚ୍‌ଏସ୍‌ସି) ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସମ୍ବଲପୁର ଫାଟକସ୍ଥିତ ସାଇନ୍ସ ପଏଣ୍ଟର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଏହି ଶିକ୍ଷାନୁଷ୍ଠାନର ଛାତ୍ରୀ ଅନିଷା ସାହୁ ୫୧୬ ମାର୍କ ରଖି ଗଙ୍ଗାଧର ମେହେର ଜୁନିୟର କଲେଜର ଟପ୍ପର ହୋଇଛନ୍ତି। ଏଥିସହ ମୀନା ବେହେରା, ତୃପ୍ତିମୟୀ ପାତ୍ର, ଶୁଭଶ୍ରୀ ବିଶ୍ୱାଳ, ସାଇସ୍ମିତା ସାହୁ, ଗୀତାଞ୍ଜଳି କୁମୁରା, ପିଙ୍କି ହଂସା, ନିକିତା ପାଣ୍ଡେ, ଦିପ୍ତେଶ କୁମାର ଦାଶ, ଅଭିଷେକ କାଣ୍ଡୁଲନା, ଜୟଦେବ ଓଝା, ଶ୍ରୀକାନ୍ତ ମାଝୀ, ଅଭିଜିତ ପତି, ଟିକୁ ନନ୍ଦ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ନିର୍ଦ୍ଦେଶକ ପଦ୍ମନାଭ ମେହେର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



**ସଚେତନତା ଅଭାବ:** ସମ୍ବଲପୁର ମହାନଦୀ ଦ୍ୱିତୀୟ ସେତୁରେ ପ୍ରାୟ ଦୁର୍ଘଟଣା ଘଟୁଛି । ତଥାପି ଲୋକେ ବ୍ରିଜ ଉପରେ ଅଟକି ବିପଦପୂର୍ଣ୍ଣ ଭାବେ ସେଲ୍ଫି ନେଉଛନ୍ତି ।

## ଏପ୍ରିଲରୁ ଜୁଲାଇ ମଧ୍ୟରେ ଆୟ ୩୩୨.୬୦ କୋଟି ଟଙ୍କା

### ସମ୍ବଲପୁର ରେଳ ମଣ୍ଡଳ

ସମ୍ବଲପୁର,୧୭।୮(ବ୍ୟୁରୋ)

ସ୍ୱାଧୀନତା ଦିବସ ଅବସରରେ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର ରେଳବାଇ ଷ୍ଟାଡିୟମରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ, ଏପ୍ରିଲରୁ ଜୁଲାଇ ମଧ୍ୟରେ ମାଲ ପରିବହନ ୪.୦୯ ମିଲିୟନ ଟନ୍ ହୋଇଛି, ଯାହା କି ଗତ ବର୍ଷ ତୁଳନାରେ ୫ ପ୍ରତିଶତ ଅଧିକ। ଏହି ସମୟରେ ମଣ୍ଡଳର ଆୟ ୩୩୨.୬୦ କୋଟି ରହିଛି। ଏହି ସମୟ ମଧ୍ୟରେ ସମ୍ବଲପୁର ମଣ୍ଡଳ ହାରାହାରି ପ୍ରତିଦିନ ୧୪୫ଟି ମାଲବାହୀ ଗାଡିକୁ ଇଣ୍ଟର ଚେଞ୍ଜ କରିଛି। ଏହି ସମୟ ମଧ୍ୟରେ ମଣ୍ଡଳରେ ୩୫ଟି ଲମ୍ବା ଦୂରତ୍ୱ ବିଶିଷ୍ଟ ମାଲଗାଡି ଚଳାଚଳ କରିଛି। ଏଥିସହ ୪ଟି ସୀମିତ ଉଚ୍ଚତା ବିଶିଷ୍ଟ ଭୂତଳ ରାସ୍ତା ନିର୍ମାଣ କରାଯାଇଛି। ଯାତ୍ରୀମାନଙ୍କ ସୁବିଧା ସକାଶେ ବାଗକହରା, ଖରିଆରରୋଡ, ଦଇଖାଲୁ ଷ୍ଟେଶନରେ ଫୁଟ୍ ଓଭର ବ୍ରିଜ ନିର୍ମିତ ହୋଇଛି। ଶକ୍ତି ସଞ୍ଚୟ ସକାଶେ ବିଭିନ୍ନ ଷ୍ଟେଶନରେ ୧୨ଟି ସୋଲାର ପାୱାର ପ୍ୟାନେଲ ଲଗାଯାଇଛି। କାର୍ଯ୍ୟକ୍ରମରେ ମହିଳା କଲ୍ୟାଣ ସଂଗଠନ ଅଧ୍ୟକ୍ଷା ଇଷା ମଲ୍ଲିକ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲ୍‌ଭିଏସ୍‌ଏସ୍ ପାତ୍ରୁଡୁ, ମହିଳା କଲ୍ୟାଣ ସଂଗଠନର ସଭ୍ୟା, ରେଳ ଅଧିକାରୀ, ଉପସ୍ଥିତ ଥିଲେ।

## ରେଳ କର୍ମଚାରୀ ପୁରସ୍କୃତ

ସମ୍ବଲପୁର,୧୭।୮(ବ୍ୟୁରୋ)

ସମ୍ବଲପୁର ରେଳ ମଣ୍ଡଳ ଅଧୀନ ବଲାଙ୍ଗୀର ଜିଲା ଟିଟିଲାଗଡ ରେଳ ଷ୍ଟେଶନ ପରିଚାଳନା ବିଭାଗରେ କାର୍ଯ୍ୟରତ ବରିଷ୍ଠ ଗୁଡ୍ସ ଗାର୍ଡ ପ୍ରସନ୍ନ ନାଗଙ୍କୁ ସୋମବାର ପୁରସ୍କୃତ କରାଯାଇଛି। ନିରାପତ୍ତା ପ୍ରତି ସଜାଗ, ସୁରକ୍ଷିତ ରେଳ ଚଳାଚଳ ଲାଗି କର୍ତ୍ତବ୍ୟନିଷ୍ଠା ଓ ନିରାପତ୍ତା ନିୟମ ଉପରେ ଭଲ ଭାବେ ଅବଗତ ରହିଥିବା ଯୋଗୁ ପ୍ରସନ୍ନଙ୍କୁ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର ପ୍ରମାଣ ପତ୍ର ସହ ନଗଦ ଅର୍ଥରାଶି ଦେଇ ସମ୍ମାନିତ କରିଛନ୍ତି। ବରିଷ୍ଠ ମଣ୍ଡଳ ମେକାନିକାଲ ଇଞ୍ଜିନିୟର ସଞ୍ଜୟ କୁମାର ଓ ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ କେ. ସନ୍ଦୀପ ଉପସ୍ଥିତ ଥିଲେ।

## ଶିକ୍ଷାନୁଷ୍ଠାନରେ ସ୍ୱାଧୀନତା ଦିବସ

ସମ୍ବଲପୁର,୧୭।୮(ବ୍ୟୁରୋ)

ନକ୍ସାପାଲିସ୍ଥିତ କୋଶଳ ଏଏନ୍‌ଏମ୍ ଓ ଜିଏନ୍‌ଏମ୍ ପ୍ରଶିକ୍ଷଣ କେନ୍ଦ୍ର ଏବଂ ବ୍ରାଇଟ୍ ଫ୍ୟୁଚର୍ ପବ୍ଲିକ ସ୍କୁଲ ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଅନୁଷ୍ଠାନ ନିର୍ଦ୍ଦେଶକ ଡ. ବସନ୍ତ କୁମାର ବିଶୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଶିକ୍ଷୟିତ୍ରୀ ମୁନୁ ଜେନା, ମାନସ ରଞ୍ଜନ ବିଶୋଇ, ରମାନାଥ ଜେନା ସହଯୋଗ କରିଥିଲେ। ସ୍କୁଲ ଅଧକ୍ଷା କେ. ଜୟଶ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ଦିଲ୍ଲୀ ପବ୍ଲିକ ସ୍କୁଲ ଅଧକ୍ଷା ସୁଜାତା ଲେଙ୍କା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନେହା ଅଗ୍ରୱାଲ ସଂଯୋଜନା କରିଥିଲେ। ଅନ୍ୟପକ୍ଷେ ବୁର୍ଲାସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଇଂ. ସୁରେନ୍ଦ୍ର ସିଂ କାବଲି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଆୟୋଜନ କମିଟି ସମ୍ପାଦକ ଲକ୍ଷ୍ମୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଡିପିଏସ୍ ଅଧକ୍ଷା ସୁଜାତା ଲେଙ୍କା ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ପିଡି ଡିଆରଡିଏ, ଉପଜିଲାପାଳଙ୍କ ଯୋଗଦାନ

ସୋନପୁର,୧୭।୮(ନି.ପ୍ର.)

ସୁବର୍ଣ୍ଣପୁର ପିଡି ଡିଆରଡିଏ ଭାବେ ଡୋଲାମଣି ପଟେଲ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଭାରପ୍ରାପ୍ତ ପିଡି ଡିଆରଡିଏ ତଥା ଅତିରିକ୍ତ ଜିଲାପାଳ ନୀତିରଞ୍ଜନ ସେନ୍‌ଙ୍କଠାରୁ ସେ ଦାୟିତ୍ୱ ନେଇଛନ୍ତି। ପଟେଲ ଏହା ପୂର୍ବରୁ ରେଢାଖୋଲ ଉପ ଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ଦୀର୍ଘ ୧୭ ମାସ ଧରି ଏହି ପଦବୀ ଖାଲି ପଡିଥିଲା। ସେହିପରି ସୋନପୁର ଉପଜିଲାପାଳ ଭାବେ ନିହାର ରଞ୍ଜନ କହଁର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ବିଦାୟୀ ଉପଜିଲାପାଳ ବଳରାମ ମଲ୍ଲିକଙ୍କଠାରୁ ଦାୟିତ୍ୱ ନେଇଛନ୍ତି। ନୂତନ ଉପଜିଲାପାଳ କହଁର ପୂର୍ବରୁ ତରଭା ବିଡିଓ ଭାବେ କାର୍ଯ୍ୟ କରୁଥିଲେ।

## ଏମ୍‌ସିଏଲ୍ ପକ୍ଷରୁ ଆମ୍ବୁଲାନ୍ସର ଶୁଭାରମ୍ଭ

ସମ୍ବଲପୁର,୧୭।୮(ବ୍ୟୁରୋ)

ବୁର୍ଲା ଆନନ୍ଦବିହାରସ୍ଥିତ ଏମ୍‌ସିଏଲ୍ ମୁଖ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। କମ୍ପାନୀ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ମହାପୁରୁଷଙ୍କ ସେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଏକ ଆମ୍ବୁଲାନ୍ସର ଶୁଭାରମ୍ଭ କରାଯାଇଥିଲା। କମ୍ପାନୀ ବୈଷୟିକ ନିର୍ଦ୍ଦେଶକ ଓ.ପି. ସିଂ, ବିତ୍ତ ନିର୍ଦ୍ଦେଶକ କେ.ଆର. ବାସୁଦେବନ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ଯୋଜନା ପରିଯୋଜନା ବୈଷୟିକ ନିର୍ଦ୍ଦେଶକ ବବନ ସିଂ, ଜାଗୃତୀ ମହିଳା ମଣ୍ଡଳ ଅଧକ୍ଷା ମଞ୍ଜୁଳା ଶୁକ୍ଲା, ଉପାଧକ୍ଷା ପଦ୍ମଜା ସିଂ, ପଦ୍ମିନୀ ବାସୁଦେବନ, ସୋନା ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏମ୍‌ସିଏଲ୍ ଅଧକ୍ଷଙ୍କ ବାର୍ତ୍ତାକୁ ଖଣି ଅଞ୍ଚଳରେ ପାଠ କରାଯାଇଥିଲା।




ଏମ୍‌ସିଏଲ୍ ଅଧକ୍ଷ ଭୋଳାନାଥ ଶୁକ୍ଲା ଆମ୍ବୁଲାନ୍ସର ଶୁଭାରମ୍ଭ କରୁଛନ୍ତି ।

## ଲାଞ୍ଚ ନେଇ ଜିଆର୍‌ଏସ୍ ଗିରଫ

କେସିଙ୍ଗା, ୧୭।୮ (ଡି.ଏନ.ଏ)

ବିଲ୍ କରାଇ ଦେବା ପାଇଁ ଲାଞ୍ଚ ନେଉଥିବା ବେଳେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସି ପଞ୍ଚାୟତର ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ଶାନ୍ତନୁ ନାଗ ସୋମବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ୨ ମାସ ତଳେ ବାଲସି ପଞ୍ଚାୟତର ଖୁସିରାମ ସାହୁ ଏମ୍‌ଜିଏନଆର୍‌ଇଜିଏସ୍‌ରେ ଜମି ମରାମତି ବାବଦକୁ ୫୦ହଜାର ଟଙ୍କାର କାର୍ଯ୍ୟାଦେଶ ପାଇଥିଲେ। ହିତାଧିକାରୀ ନିଜ ପରିବାର ଲୋକଙ୍କ ସମେତ ଦୁଇ ଜଣ ଶ୍ରମିକଙ୍କ ସହାୟତାରେ ଜମି ମରାମତି କରିଥିଲେ। ଏହା ବାବଦକୁ ହିତାଧିକାରୀ ଓ ଦୁଇ ଜଣ ଶ୍ରମିକଙ୍କ ନାମରେ ୩୫ ହଜାର ଟଙ୍କା ବ୍ୟାଙ୍କ ଖାତାରେ ଜମା କରାଯାଇଥିଲା। ବକେୟା ୧୫ ହଜାର ଟଙ୍କା ପାଇବା ପାଇଁ ଖୁସିରାମ ଓ ତାଙ୍କ ପୁଅ ଜିଆରଏସ୍‌ଙ୍କୁ କହିଥିଲେ। ହେଲେ ଜିଆରଏସ ନାଗ ବିଲ୍ କରାଇବା ପାଇଁ ୪ ହଜାର ଟଙ୍କା ଦାବି କରିଥିଲେ। ଫଳରେ ହିତାଧିକାରୀଙ୍କ ପୁଅ କୁରୁପତି ସାହୁ କୋରାପୁଟ ଭିଜିଲାନ୍ସ ଡିଭିଜନ ଅନ୍ତର୍ଗତ ଭବାନୀପାଟଣା ସ୍ଥିତ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ପ୍ରସ୍ତୁତି ଅନୁସାରେ ଭିଜିଲାନ୍ସ ଅଧିକାରୀମାନେ ବେଲାମାଲ ଛକ ନିକଟରେ ଜଗି ରହିଥିଲେ। ସୋମବାର ଜିଆରଏସ ନାଗ ବାଲସି କାର୍ଯ୍ୟାଳୟରୁ ଭବାନୀପାଟଣା ଅଭିମୁଖେ ଯାଉଥିବା ବେଳେ ବେଲାମାଲ ଛକ ନିକଟରେ କୁରୁପତି ବିଲ୍ କରିବା ପାଇଁ ତାଙ୍କୁ ୪ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଚଢାଉ କରି ଜିଆର୍‌ଏସ୍‌ଙ୍କଠାରୁ ରାସାୟନିକ ପ୍ରଲେପ ଦିଆ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଏ ନେଇ କୋରାପୁଟ ଭିଜିଲାନ୍ସ ଡିଭିଜନରେ ଏକ ମାମଲା (ନଂ. ୧୮/୨୦) ରୁଜୁ ହୋଇଛି। ଭବାନୀପାଟଣା ଭିଜିଲାନ୍ସ ଡିଏସପି ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚଢ଼ାଉ କରିଥିଲେ।

## ଲଗାଣ ବର୍ଷା, ଆଗେଇଲା ଚାଷକାମ

ବରଗଡ଼ ଅଫିସ୍,୧୭।୮

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ହୋଇଛି। ଦୀର୍ଘଦିନ ବ୍ୟବଧାନରେ ଏଭଳି ବର୍ଷା ଚାଷୀକୁଳକୁ କିଛିଟା ଆଶ୍ୱସ୍ତି ଦେଇଛି। ଜୁଲାଇ ମାସର ସ୍ୱଳ୍ପ ବୃଷ୍ଟିପାତ ଚାଷୀଙ୍କ ପାଇଁ ଚିନ୍ତା ପାଲଟିଥିଲା। ଜିଲାର ଅଣଜଳସେଚିତ ଅଞ୍ଚଳରେ ରୁଆ, ବିହୁଡ଼ା କାର୍ଯ୍ୟରେ ତାହା ବାଧକ ସାଜିଥିଲା। କେବଳ ସେତିକି ନୁହେଁ କେତେକ ସ୍ଥାନରେ ଜମି ଶୁଖିଲା ପଡ଼ିଥିବା ଯୋଗୁ ରୁଆଧାନ ମଧ୍ୟ ନଷ୍ଟ ହେବାରେ ଲାଗିଥିଲା। ତେବେ ଗତ ଦୁଇଦିନର ବର୍ଷା ଚାଷୀଙ୍କୁ କିଛିଟା ଆଶ୍ୱସ୍ତି ଦେଇଥିବାବେଳେ ଅଟକି ରହିଥିବା ରୁଆ, ବିହୁଡ଼ା କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି। ଜୁଲାଇ ମାସର ବର୍ଷା ଜିଲାର ସ୍ୱାଭାବିକ ବୃଷ୍ଟିପାତଠାରୁ ବହୁ କମ୍ ରହିଥିଲା। ଜିଲାରେ ଜୁଲାଇ ମାସର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୩୯୭.୨ମି.ମି। କିନ୍ତୁ ସେହି ମାସରେ ଜିଲାରେ ହାରାହାରି ୨୪୦.୪୮ ମି.ମି ବର୍ଷା ହୋଇଥିଲା। ଯାହାକି ସ୍ୱାଭାବିକ ବୃଷ୍ଟିପାତ ପରିମାଣରୁ ୧୫୬.୭୨ ମି.ମି କମ୍। ଅଗଷ୍ଟ ମାସର ପ୍ରଥମ ଦୁଇ ସପ୍ତାହ ଭଲ ବର୍ଷା ହୋଇ ନ ଥିବାବେଳେ ଶନିବାରଠାରୁ ଚାଲିଥିବା ବୃଷ୍ଟିପାତ ଚାଷୋପଯୋଗୀ ହୋଇଛି। ରବିବାର ଜିଲାରେ ସମୁଦାୟ ୧୧୩୮ ମି.ମି ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ସେଥିମଧ୍ୟରୁ ଗାଇସିଲେଟ ବ୍ଲକରେ ସର୍ବାଧିକ ୧୪୬ ଏବଂ ସୋହେଲାରେ ସର୍ବନିମ୍ନ ୩୮ମି.ମି ରେକର୍ଡ଼ ହୋଇଛି। ସେହିପରି ଅମ୍ବାଭୋନା ବ୍ଲକରେ ୩୯.୪, ଅତାବିରା ୮୫.୬, ବରଗଡ଼ ୮୬.୮, ବରପାଲି ୮୬, ଭଟଲି ୫୪, ଭେଡ଼େନ ୫୭, ବିଜେପୁର ୮୬.୨, ଝାରବନ୍ଧ ୧୩୪, ପଦ୍ମପୁର ୨୪୦, ପାଇକମାଳରେ ୧୦୫ ମି.ମି ବୃଷ୍ଟିପାତ ହୋଇଥିବା ରେକର୍ଡ଼ ହୋଇଛି। ବର୍ଷା ଲାଗି ରହିଥିବା ଯୋଗୁ ଅଗଷ୍ଟ ମାସର ବର୍ଷା ସ୍ୱାଭାବିକ ବୃଷ୍ଟିପାତରୁ ଟପିବ ଅର୍ଥାତ୍ ଜୁଲାଇ ମାସର ସ୍ୱଳ୍ପ ବୃଷ୍ଟିପାତକୁ ଭରଣା କରିବ ବୋଲି ଆଶା କରାଯାଉଛି। ଅଗଷ୍ଟ ମାସରେ ଜିଲାର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୩୭୪.୪ମି. ମି ରହିଥିବାବେଳେ ଏପର୍ଯ୍ୟନ୍ତ ଜିଲାରେ ହାରାହାରି ବୃଷ୍ଟିପାତ ୨୪୦.୫୨ ମି.ମିକୁ ଛୁଇଁଲାଣି। ଅର୍ଥାତ୍ ଜୁଲାଇ ମାସରେ ଯେତିକି ବର୍ଷା ହୋଇଥିଲା, ଅଗଷ୍ଟ ମାସର ୧୬ଦିନ ମଧ୍ୟରେ ସେତିକି ପରିମାଣର ବୃଷ୍ଟିପାତ ଅତିକ୍ରମ କରି ସାରିଲାଣି। ସେହିପରି ସୋମବାର ଜିଲାରେ ୨୨୩ ମି.ମି ବୃଷ୍ଟିପାତ ହୋଇଥିବା ରେକର୍ଡ଼ କରାଯାଇଛି। ଜିଲାରେ ଗତ ଦୁଇଦିନ ମଧ୍ୟରେ ହୋଇଥିବା ଏହି ବର୍ଷା ଚାଷକାର୍ଯ୍ୟ ପାଇଁ ଅନୁକୂଳ ହୋଇଛି ବୋଲି ଚାଷୀନେତା କିଶୋର ଦେବତା କହିଛନ୍ତି। ଏହି ବର୍ଷା ହୋଇ ନ ଥିଲେ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ରହିଥିଲା ବୋଲି ଦେବତା ପ୍ରକାଶ କରିଛନ୍ତି।



ଅଣଜଳସେଚିତ ଝାରବନ୍ଧ ଅଞ୍ଚଳରେ ଚାଷକାମ ଚାଲିଛି।

## ସଂକ୍ଷେପରେ

### ଓଟିଟି ପ୍ଲେକୁ ଦୃଢ଼ କଲା ଟାଟା ସ୍କାଏ ବିଞ୍ଜ

ନୂଆଦିଲ୍ଲୀ,୧୭।୮: ଟାଟା ସ୍କାଏର ଓଟିଟି ଆଗ୍ରିଗେଟର ସର୍ଭିସ ଟାଟା ସ୍କାଏ ବିଞ୍ଜ ଏହାର କଣ୍ଟେଣ୍ଟ କାଟାଲଗ୍‌କୁ ଦୃଢ଼ କରିଛି। ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖି କମ୍ପାନୀ ବର୍ତ୍ତମାନ ଭାୟାକମ୍ ଡିଜିଟାଲ ୧୮ ସହ ଚୁକ୍ତିରେ ସାମିଲ ହୋଇଛି। କମ୍ପାନୀ ପ୍ରିମିୟମ କଣ୍ଟେଣ୍ଟ ସର୍ଭିସ ଭୁଟ୍ ସିଲେକ୍ଟ ଏବଂ ଭୁଟ୍ କିଡ୍ସ ଦେଖିବା ସୁବିଧା ବର୍ତ୍ତମାନ ଲୋକଙ୍କୁ ଯୋଗାଇ ଦେବ। ସିଙ୍ଗଲ ଇଣ୍ଟରଫେସ୍ ଏବଂ ସିଙ୍ଗଲ ସବ୍‌କ୍ରିପଶନରେ ଟାଟା ସ୍କାଏ ବିଞ୍ଜ ସର୍ବୋତ୍ତମ ଓଟିଟି ଆପ୍‌ଗୁଡିକୁ ନେଇ ସେବା ଯୋଗାଉଛି। ଗ୍ରାହକଙ୍କ ଚାହିଦାକୁ ଅଗ୍ରାଧିକାର ପ୍ରଦାନ କରି ସାରା ପରିବାରର ମନୋରଞ୍ଜନ ସୁବିଧା ପ୍ରଦାନ କରିବା ଦିଗରେ ଉଦ୍ୟମ ଜାରି ରହିଛି ବୋଲି ଟାଟା ସ୍କାଏର କମର୍ସିଆଲ ଏବଂ କଣ୍ଟେଣ୍ଟ ମୁଖ୍ୟ ପଲ୍ଲବୀ ପୁରୀ ସୂଚନା ଦେଇଛନ୍ତି।

# ୧୧.୯% ଖସିବ ଓଡ଼ିଶା ଜିଡିପି

ନୂଆଦିଲ୍ଲୀ,୧୭।୮

କୋଭିଡ୍ ମହାମାରୀ ଯୋଗୁ ଆର୍ଥିକ ବର୍ଷ ୨୦୨୦-୨୧ରେ ଓଡ଼ିଶାର ରାଜ୍ୟ ଜିଡିପି ୬୮,୩୦୬ କୋଟି (୧୧.୯%) କ୍ଷତି ଘଟିବ। ଦେଶର ଜିଡିପି କ୍ଷତିରେ ଏହା ୧.୮% ରହିଥିବା ବେଳେ ମୁଣ୍ଡପିଛା ଆୟ ୧୪,୭୪୫ ଟଙ୍କା କ୍ଷତି ଘଟିବ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। ଏହି ସମୟରେ ସାରା ଦେଶରେ ରାଜ୍ୟଗୁଡିକର ଜିଡିପି (ଏସ୍‌ଜିଡିପି) କ୍ଷତି ପ୍ରାୟ ୩୮ ଲକ୍ଷ କୋଟି ଟଙ୍କା ଛୁଇଁପାରେ। ଏହା ରାଜ୍ୟଗୁଡିକର ମୋଟ୍ ଜିଡିପିର ପ୍ରାୟ ୧୬.୯%। ମୋଟ୍ ଜିଡିପି କ୍ଷତିରେ ୧୦ ପ୍ରମୁଖ ରାଜ୍ୟର ଅଂଶ ପ୍ରାୟ ୭୩.୮% ରହିବା ନେଇ ଆକଳନ କରାଯାଇଛି। ଏ କ୍ଷେତ୍ରରେ ମହାରାଷ୍ଟ୍ରର ଅଂଶ ୧୪.୨% ରହିଥିବା ବେଳେ ତାମିଲନାଡୁ ୯.୨% ଏବଂ ଉତ୍ତରପ୍ରଦେଶର ଅଂଶ ୮.୨% ରହିଛି। ଏହି ରାଜ୍ୟଗୁଡିକରେ ୮୧% କରୋନା ମାମଲା ସାମ୍ନାକୁ ଆସିଛି। ତାମିଲନାଡୁ, ଗୁଜରାଟ, ତେଲଙ୍ଗାନା, ଦିଲ୍ଲୀ ଏବଂ ହରିୟାଣା ଭଳି ରାଜ୍ୟଗୁଡିକରେ ମୁଣ୍ଡପିଛା ଆୟ କ୍ଷତି ପ୍ରାୟ ୨୭ ହଜାର ଟଙ୍କା ହେବ। ସେହି ସାରା ଦେଶରେ ୪୦ ହଜାର ଟଙ୍କା ହେବ ବୋଲି ଏସ୍‌ବିଆଇ ଇକୋରାପ୍ ରିପୋର୍ଟରେ ପ୍ରକାଶ ପାଇଛି।

ଆର୍ଥିକ ବର୍ଷ ୨୦୨୦-୨୧ର ପ୍ରଥମ ତୈମାସରେ ଦେଶର ମୋଟ୍ ଘରୋଇ ଉତ୍ପାଦ(ଜିଡିପି) ହାର ୧୬.୫% ଖସିବା ନେଇ ଆଶଙ୍କା କରାଯାଇଛି। ଏହା ୨୦% ଖସିବ ବୋଲି ପୂର୍ବାନୁମାନ କରାଯାଇଥିଲା। ହେଲେ ସ୍ଥିତି ସାମାନ୍ୟ ସୁଧୁରିବାର ପୂର୍ବ ଅନୁମାନ ତୁଳନାରେ କିଛି ଭିନ୍ନତା ଆସିବ ବୋଲି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ଅର୍ଥନୀତିଜ୍ଞମାନେ ମତ ରଖିଛନ୍ତି। ଅଗଷ୍ଟ ୩୧ରେ ସରକାର ଜିଡିପି ଡାଟା ଜାରି କରିବେ। ପୂର୍ବରୁ ପ୍ରାୟ ୩୦% ଜିଡିପି ଖସିବା ନେଇ ଅନୁମାନ କରାଯାଇଥିଲା। ହେଲେ ବର୍ତ୍ତମାନ ସ୍ଥିତିକୁ ବିଚାରକରିବା ପରେ ଜିଡିପି ପ୍ରାୟ -୧୬.୫ ଖସିପାରେ ବୋଲି ଏସ୍‌ବିଆଇର ମୁଖ୍ୟ ଅର୍ଥନୀତିଜ୍ଞ ସୌମ୍ୟକାନ୍ତି ଘୋଷ ସୂଚନା ଦେଇଛନ୍ତି।

ଏସ୍‌ବିଆଇ ପକ୍ଷରୁ ଜାରି କରାଯାଇଥିବା ଏହାର ଇକୋରାପ୍ ରିପୋର୍ଟରେ ସଦ୍ୟତମ ସଂସ୍କରଣରେ କୁହାଯାଇଛି ଯେ, ବିଭିନ୍ନ କ୍ଷେତ୍ରର ପରଫରମାନ୍ସକୁ ବିଚାର କରିବା ପରେ ଦେଶର ଗ୍ରସ୍ ଭାଲ୍ୟୁ ଆଡେଡ୍(ଜିଭିଏ) -୧୪.୫ରୁ -୧୬.୫% ରହିବା ନେଇ ଆକଳନ କରାଯାଇଛି। ଜୁନ୍ ମାସରେ ଲଗାତର ଭାବେ ଔଦ୍ୟୋଗିକ ଉତ୍ପାଦନ ହ୍ରାସ ଘଟିଛି। ମେ ମାସରେ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି) ୩୪% ସ୍ତରରେ ରହିଥିବା ବେଳେ ଏହା ଜୁନ୍‌ରେ ୧୬% ରହିଛି। ଅର୍ଥାତ୍ ଶିଳ୍ପ କ୍ଷେତ୍ରର ଉତ୍ପାଦନ ଧୀରେ ଧୀରେ ଟ୍ରାକ୍‌କୁ ଫେରୁଛି। ଏପ୍ରିଲ-ଜୁନ୍ ତ୍ରୈମାସ ଜିଡିପି କଥା ବିଚାରକଲେ ଆଇଆଇପି ପ୍ରାୟ ୩୫.୩% ହ୍ରାସ ଘଟିବା ନେଇ ପୂର୍ବାନୁମାନ କରାଯାଇଛି। ଏହା ଜିଡିପି ଉପରେ ପ୍ରଭାବ ପକାଇବ। ସେହିଭଳି ନୋମୋରା ପକ୍ଷରୁ ଅର୍ଥନୀତିଜ୍ଞ କରିଥିବା ଆକଳନ ମୁତାବକ ଦ୍ୱିତୀୟ ତ୍ରୈମାସ ଜିଡିପି ୧୫.୨% ଏବଂ ୨୦୨୦ ଦ୍ୱିତୀୟାର୍ଦ୍ଧରେ ଜିଡିପି -୪.୨% ଏବଂ ୨୦୨୦ର ସାରା ବର୍ଷ କଥା ବିଚାରକଲେ ଜିଡିପି -୫% ରହିପାରେ।

### ଏସ୍‌ବିଆଇ ଇକୋରାପ୍ ରିପୋର୍ଟ




- ୩୮ ଲକ୍ଷ କୋଟି ଟଙ୍କାର କ୍ଷତି ସହିବେ ରାଜ୍ୟ
- ୩୧ରେ ଜାରି ହେବ ଜିଡିପି ଡାଟା
- ପ୍ରଥମ ତ୍ରୈମାସ ସାରା ଦେଶର ଜିଡିପି ୧୬.୫% ଖସିପାରେ

### ମିଲ୍କ ବାସ୍କେଟ, ଅର୍ବାନ ଲ୍ୟାଡରକୁ କିଣିପାରେ ରିଲାଏନ୍ସ

ନୂଆଦିଲ୍ଲୀ,୧୭।୮

ଇ-କମର୍ସ କାରବାରକୁ ଆହୁରି ଦୃଢ଼ କରିବା ଲାଗି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ମିଲ୍କ ବାସ୍କେଟ ଏବଂ ଅର୍ବାନ ଲ୍ୟାଡର ଭଳି ଷ୍ଟାର୍ଟଅପ୍ କମ୍ପାନୀଗୁଡିକୁ କିଣିପାରେ। ରିଲାଏନ୍ସ ଅର୍ବାନ ଲ୍ୟାଡର ଡିଲ୍ ୩୦ ନିୟୁତ ଡଲାରରେ ହୋଇପାରେ। ଅର୍ବାନ ଲ୍ୟାଡର ଅନ୍‌ଲାଇନ ଫର୍ନିଚର କାରବାରେ ରହିଛି। ସେହିଭଳି ମିଲ୍କ ବାସ୍କେଟ ନାମକ କମ୍ପାନୀ ମିଲ୍କ ଡେଲିଭରି କରୁଛି। ଅର୍ବାନ ଲ୍ୟାଡର ସହ ରିଲାଏନ୍ସର ଆଲୋଚନା ଗତ କିଛି ମାସ ଧରି ହେଉଛି। ଏହି କମ୍ପାନୀ ୧.୩୦ ଲକ୍ଷ ଘରେ ଫଳ,ଦୁଗ୍ଧ ଏବଂ ବେକରୀ ସାମଗ୍ରୀ ସହ ଅନ୍ୟ ଏଫ୍‌ଏମ୍‌ସିଜି ପ୍ରଡକ୍ଟ ଉପଲବ୍ଧ କରାଉଛି। ଲକଡାଉନ ଯୋଗୁ ମିଲ୍କ ବାସ୍କେଟର କାରବାର ବଢିଛି। ଏହାବାଦ ୨୦୧୨ରେ ଅର୍ବାନ ଲ୍ୟାଡର ବଜାରକୁ ଆସିଥିଲା। ଏହି ଦୁଇ କମ୍ପାନୀକୁ ରିଲାଏନ୍ସ ଅଧିଗ୍ରହଣ କଲେ ନିଜର ଇ-କମର୍ସ କାରବାରକୁ ଆହୁରି ଦୃଢ଼ କରିବାରେ ସକ୍ଷମ ହେବ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।

## ଶକ୍ତିଶାଳୀ ଇଞ୍ଜିନ ସହ ନୂଆ ରେନୋ ଡଷ୍ଟର

ନୂଆଦିଲ୍ଲୀ,୧୭।୮

RENAULT
Passion for life

ରେନୋ ଇଣ୍ଡିଆ ପକ୍ଷରୁ ନୂଆ ଡଷ୍ଟର ଶକ୍ତିଶାଳୀ ଇଞ୍ଜିନ ସହ ବଜାରକୁ ଆସିଛି। ଏଥିରେ ୧.୩ ଲିଟରର ଟର୍ବୋ ପେଟ୍ରୋଲ ଇଞ୍ଜିନ ରହିଛି। ଏହି ସେଗ୍‌ମେଣ୍ଟରେ ଏହା ସବୁଠାରୁ ଶକ୍ତିଶାଳୀ ଏସ୍‌ୟୁଭି ଭାବେ ପରିଗଣିତ ହୋଇଛି। ଡଷ୍ଟର ମଡେଲଟି ୮.୫୯ ଲକ୍ଷ ଟଙ୍କା ଆରମ୍ଭ ମୂଲ୍ୟରୁ ଉପଲବ୍ଧ ହେଉଛି। ନୂଆ ଟର୍ବୋ ୧.୩ ଲିଟର ପେଟ୍ରୋଲ ଇଞ୍ଜିନ ୩ଟି ବିକଳ୍ପରେ ଉପଲବ୍ଧ ହେବ ; ଯାହାର ପ୍ରାରମ୍ଭିକ ମୂଲ୍ୟ ୧୦.୪୫ ଲକ୍ଷ ଟଙ୍କା ରହିଛି। ଏହା ସହିତ ଏକ୍ସଟ୍ରୋନିକ ସିଭିଟି ୨ଟି ଭାରିଆଣ୍ଟରେ ଆସିଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୧୨.୯୯ ଟଙ୍କାରୁ ଆରମ୍ଭ ହେଉଛି। ରେନୋ ମଧ୍ୟ ପ୍ରଚଳିତ ୧.୫ ଲିଟର ପେଟ୍ରୋଲ ଇଞ୍ଜିନର ବିକଳ୍ପ ପ୍ରଦାନ କରିବ। ନୂଆ ଟର୍ବୋ ଇଞ୍ଜିନ ଯୁକ୍ତ ମଡେଲଟିରେ ଗ୍ରାହକ ଆଡଭାନ୍ସ, ଉଚ୍ଚ ପାୱାରଯୁକ୍ତ, ଟର୍ବୋ ଚାର୍ଜଡ, ବିଏସ୍-୬ ଅନୁପାଳନକାରୀ ସର୍ବୋତ୍ତମ ସ୍ତରୀୟ ପାୱାର ଏବଂ ଟର୍କ ପ୍ରଦାନ କରୁଛି। ଆକର୍ଷଣୀୟ ଅଧିକ ଶକ୍ତିଶାଳୀ ଡଷ୍ଟର ଏକ ସୁନ୍ଦର ଡ୍ରାଇଭିଂ ଅନୁଭବ ପ୍ରଦାନ କରିବ ବୋଲି ରେନୋ ଇଣ୍ଡିଆ ଅପରେଶନର କଣ୍ଟ୍ରି ସିଇଓ ଏବଂ ଏମ୍‌ଡି ଭେଙ୍କଟରାମ ମାମିଲାପାଲେ ସୂଚନା ଦେଇଛନ୍ତି।

## ସୋଲାର ପ୍ଲାଣ୍ଟ ସ୍ଥାପନ କଲା ଅଜନ୍ତା

କୋଲକାତା,୧୭।୮

Ajanta
SHOES | Since 1956

ଅଜନ୍ତା ସୁ ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ନୂଆ ସୋଲାର ପାୱାର ପ୍ଲାଣ୍ଟ ସ୍ଥାପନ କରାଯାଇଛି। ଏହି ୟୁନିଟ୍‌ର କ୍ଷମତା ୬୫୦ କିଲୋ ୱାଟ୍ ରହିଛି। ବିରୋଲିଘାଟ ମାନୁଫାକଚରିଂ ୟୁନିଟ୍‌ରେ ଏହି ରୁଫ୍ ଟପ୍ ସୋଲାର ପ୍ଲାଣ୍ଟକୁ ସ୍ଥାପନ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ୩ ମେଗାୱାଟ୍ ସୋଲାର ଶକ୍ତି ଉତ୍ପାଦନ କରିବା ଲାଗି କମ୍ପାନୀ ଯୋଜନା ରଖିଛି। ଏହି ପଦକ୍ଷେପ ଅଧୀନରେ ନୂଆ ପ୍ଲାଣ୍ଟକୁ ସ୍ଥାପନ କରାଯାଇଛି। ବିରୋଲିଘାଟରେ ଅନ୍ୟ ଏକ ସୋଲାର ୟୁନିଟ ଏବଂ ଜଙ୍ଗଲପୁରରେ ଆଉ ଏକ ୟୁନିଟ ବସାଇବା ଲାଗି ଏହା ଯୋଜନା ଧାର୍ଯ୍ୟ କରିଛି। ଅଙ୍ଗାରକାମ୍ଳ ବାଷ୍ପ କମାଇବା ଦିଗରେ କମ୍ପାନୀର ଯୋଜନା ଅନ୍ତର୍ଗତ ଏଭଳି ପଦକ୍ଷେପ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଥିବା କମ୍ପାନୀର କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସାଗନିକ ବାଣିକ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଆସିବାକୁ ଥିବା ୟୁନିଟ୍‌ଗୁଡିକରୁ ୨.୩୫ ମେଗାୱାଟ୍ ସୋଲାର ଶକ୍ତ ଉତ୍ପାଦନ କରାଯିବ। ପରିବେଶ ଉପଯୋଗୀ ଦେଶ ଗଠନ ଦିଗରେ ଏହି ପଦକ୍ଷେପଗୁଡିକ ସହାୟକ ହୋଇପାରିବ ବୋଲି ବାଣିଜ ଆଶାବାଦୀ ରହିଛନ୍ତି। ସ୍ୱଚ୍ଛ ପରିବେଶ ଅନ୍ତର୍ଗତ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଥିବା କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ସୌରଭ ଗାଙ୍ଗୁଲି କହିଛନ୍ତି।

## ମେକାନିକଙ୍କ ପାଇଁ ସୁରକ୍ଷା ଅଭିଯାନ

ଭୁବନେଶ୍ୱର,୧୭।୮

ସାରା ଦେଶରେ କାର୍ଯ୍ୟକରୁଥିବା ମେକାନିକଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ଭଲଭୋଲାଇନ କମିନ୍ସ ଏକ ସୁରକ୍ଷା ଅଭିଯାନ ଆଣିଛି। ଏଥିରୁ ମେକାନିକମାନଙ୍କୁ ସୁରକ୍ଷା କିଟ୍ ପ୍ରଦାନ କରାଯାଉଛି। ଅନ୍‌ଲକ୍ ପରେ ଆବଶ୍ୟକ ହେଉଥିବା ସୁରକ୍ଷା ନେଇ ସେମାନଙ୍କୁ ସଚେତନ ମଧ୍ୟ କରାଯାଉଛି। ଏହି ଅଭିଯାନ ଦେଶର ୧୦୦ ସହରରେ ୭୦ ହଜାର ମେକାନିକଙ୍କ ନିକଟରେ ପହଞ୍ଚିଛି। ରାଜ୍ୟର ରାଉରକେଲାରେ ପ୍ରାଥମିକ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯିବ ସହ ସୁରକ୍ଷା କିଟ୍ ବଣ୍ଟାଯାଇଥିବା ଜଣାପଡିଛି।

## 'ରିୟଲ ଇଷ୍ଟେଟ ଟିକସ ହ୍ରାସ ହେଉ'

### ସରକାରଙ୍କ ନୂଆ ନିୟମକୁ କ୍ରେଡାଇର ସ୍ୱାଗତ

ଭୁବନେଶ୍ୱର,୧୭।୮

ବର୍ତ୍ତମାନ ରାଜ୍ୟ ସରକାର ପ୍ଲାନିଂ ଏବଂ ବିଲ୍‌ଡିଂ କ୍ଷେତ୍ରରେ କୋହଳ କରିଥିବା ନିୟମ ଯୋଗୁ ରିୟଲ ଇଷ୍ଟେଟ କ୍ଷେତ୍ରକୁ ଲାଭ ମିଳିବ ବୋଲି ଶିଳ୍ପର ଅଂଶୀଦାରମାନେ ମତ ରଖିଛନ୍ତି। ଏହି ନୂଆ ଗାଇଡ୍‌ଲାଇନ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବାରେ ସମ୍ଭାବନା ରହିଛି। ସରକାରଙ୍କ ଏହି ନୂଆ ନିୟମାବଳୀକୁ କ୍ରେଡାଇ ଭୁବନେଶ୍ୱର ଏବଂ କ୍ରେଡାଇ ଓଡ଼ିଶା ପକ୍ଷରୁ ସ୍ୱାଗତ କରାଯାଇଛି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ରିୟଲ ଇଷ୍ଟେଟ କ୍ଷେତ୍ରରେ ଟିକସ ଉଚ୍ଚରେ ରହିଛି। ଏହା ଶିଳ୍ପର ବିକାଶ କ୍ଷେତ୍ରରେ ଅନ୍ତରାୟ ହେଉଥିବାରୁ ଏହାକୁ କୋହଳ କରିବା ଉପରେ ପଦକ୍ଷେପ ନେବାକୁ ଶିଳ୍ପ ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି।

କ୍ରେଡାଇ ଓଡ଼ିଶା ସଭାପତି ସ୍ୱଦେଶ କୁମାର ରାଉତରାୟ କହିଛନ୍ତି, ସରକାରଙ୍କ ନୂଆ ନିୟମ ରାଜ୍ୟ ରିୟଲ ଇଷ୍ଟେଟ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ଅଧ୍ୟାୟ ସୃଷ୍ଟି କରିବ। ଶିଳ୍ପରେ ରହିଥିବା ବିଭିନ୍ନ ସମସ୍ୟାକୁ ଏହା ଦୂର କରିବାରେ ସହାୟକ ହେବ। ବର୍ତ୍ତମାନ ବାସଗୃହ ପାଇଁ ତିଆରି ହୋଇଥିବା ପ୍ରକଳ୍ପକୁ ବାଣିଜ୍ୟିକ ଭାବେ ମଧ୍ୟ ବ୍ୟବହାର କରାଯାଇପାରିବ। ରୋଡ୍ ପାର୍କିଂ ଏବଂ ଅନ୍ୟ ଆନୁଷଙ୍ଗିକ କ୍ଷେତ୍ରରେ ସୁବିଧା କରାଯାଇଥିବାରୁ ଏହା ଶିଳ୍ପ ଲାଗି ବେଶ୍ ସହାୟକ ହେବ। ଏହାଫଳରେ ରିୟଲ ଇଷ୍ଟେଟ କ୍ଷେତ୍ର ଉନ୍ନତି ଏବଂ ଅଧିକ ପରିମାଣରେ ନିବେଶ ଆକୃଷ୍ଟ କରିପାରିବ ବୋଲି ସେ କହିଛନ୍ତି।

କ୍ରେଡାଇ ଭୁବନେଶ୍ୱର ସାଧାରଣ ସମ୍ପାଦକ ଇଂ ଉମେଶ ପଟ୍ଟନାୟକ ଏହି ପରିପ୍ରେକ୍ଷୀରେ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଏକ ଖବରଦାତା କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ, ବର୍ତ୍ତମାନ ଅନ୍ୟ ରାଜ୍ୟଗୁଡିକରେ ପାୱାର ଅଫ ଆଟର୍ନିରେ କୋହଳ ନିୟମ,ଏଥି ସଂକ୍ରାନ୍ତ ସରକାରୀ ଫି ଏବଂ ପ୍ରୋଜେକ୍ଟ ବାବଦକୁ ଷ୍ଟାମ୍ପ ଡ୍ୟୁଟି, ବିଭିନ୍ନ ସରକାର ଫି ବାବଦକୁ ଆବେଦନକାରୀଙ୍କୁ ପ୍ରାୟ ୨% ଟିକସ ଦେବାକୁ ପଡୁଛି। କିନ୍ତୁ ଓଡ଼ିଶାରେ ସେ ବାବଦକୁ ୭% ଟିକସ ଧାର୍ଯ୍ୟ ହେଉଛି। ଏ କ୍ଷେତ୍ରରେ ଓଡ଼ିଶାରେ ଲାଗୁ ହେଉଥିବା ବିଭିନ୍ନ ଟିକସକୁ ସରକାର କୋହଳ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। କ୍ରେଡାଇ ଭୁବନେଶ୍ୱର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସନ୍ଦୀପ ମହାନ୍ତି ଏବଂ କୋଷାଧ୍ୟକ୍ଷ ଅନୀଲ ମହାନ୍ତି ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସେହିଭଳି କ୍ରେଡାଇ ଓଡ଼ିଶା ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡି.ଏସ୍. ତ୍ରିପାଠୀ, ସମ୍ପାଦକ ଅନୀଲ କୁମାର ଅଗ୍ରୱାଲ, ସଂଗ୍ରାମ କେଶରୀ ସାହୁ, ଭବାନୀ ଶଙ୍କର ଗିରି ଏବଂ ସୂର୍ଯ୍ୟକାନ୍ତ ବେହେରା, ମହିଳା ୱିଙ୍ଗର ପୂର୍ବାଞ୍ଚଳ ସଂଯୋଜକ ସୋଫିଆ ଫିର୍ଦୋଷ ପ୍ରମୁଖ ଉପସ୍ଥିତ ଥିଲେ।

PARADIP PORT TRUST
e-TENDER-CUM-e-AUCTION NOTICE
No. AD/EST/LAND-I-31/2020/3489
Date: 07/08/2020
A e-Tender-cum-e-Auction Notice invites for **"Allotment of Port land about 58 acres on 60 (sixty) years long term lease basis for setting up of Port based capital intensive industries including Tank Farms as a part of MMLP/ IP under Paradip Smart Industrial Port City Plan"**. The date of available of documents in the website is from **07.08.2020 to 02.09.2020.** For details, please log on the website: https://eprocure.gov.in/eprocure/app.
Dy. Secretary
PPT/PR/168/20-21 Dt. 14/08/2020

BID INVITATION NOTICE
No. 2052/CDA Dated: 17.08.2020
Chilika Development Authority invites sealed tender in the prescribed format from registered Manufacturer/Suppliers/ Authorized Dealers to submit their most competitive bid for chemicals, instruments, labwares and plastic wares for its WRTC laboratory at Balugaon, Chandraput. Details of the BID are availabe in the website **www.chilika.com**.

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in
File No. : AIIMS/BBSR/Engg./ 566/ NIT-013 / 2020-21 Dated : 17th Aug 2020
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Modification of Engineering Maintenance workshop to Examination Hall and JE/AE office space at AIIMS, Bhubaneswar** *(NIT No. : AIIMS/BBSR/Engg./ 013 /2020-21).* The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/ AIIMSBBSR & CPP Portal www.eprocure.gov.in.**
Sd/-
Executive Engineer(Civil) I/C
AIIMS, Bhubaneswar

ODISHA HYDRO POWER CORPORATION LTD.
OHPC
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/P.O.- BARINIPUT, DIST.- KORAPUT (ODISHA) - 764006
Telephone: 06854-242001, Fax: 06854-242038, E-mail ID: sgmel.ukhep@gmail.com
CIN: U40101OR1995SGC003963
OPEN TENDER CALL NOTICE No. UKHEP-12/2020-21 Dtd. 12.08.2020
No. CAD-356: Sealed tenders are invited in sealed envelopes from the reputed Authorized Dealers/reputed suppliers for Procurement of 15 numbers of HP CC388A Printer Cartrideges to UKHEP, Bariniput.

| Sl. No. | Description of Materials | Cost of Tender Paper | EMD in Rs. |
|---|---|---|---|
| 1 | Procurement of 15 numbers of HP CC388A Printer Cartrideges to UKHEP, Bariniput. | Rs.472/- (Rs.400/- + GST Rs.72/-) | 1% of Quoted Value |

Sale of Tender Paper : From 10.30 hrs. of 19.08.2020 to 13 hrs. of 02.09.2020
Last date of submission of Tender : 16 hrs. of 02.09.2020
Date & Time of Opening of Tender : 16.30 hrs. of 02.09.2020
For details of the tender documents, terms and conditions please visit our website **www.ohpcltd.com**.
Sd./- C & P Head, UKHEP, Bariniput
OIPR-04002/11/0012/2021

CHIEF DISTRICT MEDICAL & PUBLIC HEALTH OFFICER, MALKANGIRI (MEDICAL WINGS)
Letter No.:- 2161/20-BMW- Dated:- 13.08.2020
TENDER CALL NOTICE FOR OUTSOURCING OF BIOMEDICAL WASTE MANAGEMENT OF D.H.H., MALKANGIRI
**No. E-182:-** Sealed tenders are invited from the interested, reputed and competent Firms/ Parties/ Organisations/ Agencies having valid authorization from OSPCB (Odisha State Pollution Control Board) for collection, transportation treatment and disposable of Bio Medical Waste of D.H.H., Malkangiri.
Eligible firms may apply by furnishing detailed information along with Tender cost fees and EMD as mentined in the district website **www.malkangiri.nic.in**. The completed application may be submitted at office of the CDM&PHO, Malkangiri by Courier/ Post on or before 02.09.2020 by 5 PM.
The Authority reserves the right to accept/ cancel/ reject any/all tender papers without assigning any reason thereof.
Sd./- D.M.O. (MS)-cum-Superintendent, D.H.H., Malkangiri
OIPR-10082/11/0005/2021

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI DISTRICT PROGRAMME MANAGEMENT UNIT (DPMU)
NATIONAL HEALTH MISSION (NHM)
Order No.3107 Date:17.08.2020
CORRIGENDUM
**No. E-188:-** In pursuance to the Advt. No.2944 on dtd 05.08.2020 at is hereby informed that the last date for submission of RFP document for COVID-19 is extended upto 24.08.2020, 5.00 PM and same will be opened on 25.08.2020 at 11.00 AM. All other conditions are remaining same.
Sd./- Chief District Medical & Public Health Officer, Puri
OIPR-10021/11/0004/2021

idco | ODISHA NEW OPPORTUNITIES No. CAD-361
OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR
TENDER CALL NOTICE
No. 2023 Dt.12.08.2020
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
Name of the Work : Supply, Installations, testing and commissioning of 500KVA, 11/0.4KV Compact substation along with 11KV U.G. and LT cabling for power supply arrangement to North Stand of Athletic cum Football stadium inside Kalinga Stadium, Bhubaneswar

| Procurement Officer | Bid Identification No. | Availability of Tender Online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-05/2021 | 19.08.2020 at 12.00 hrs. | 27.08.2020 at 17.00 hrs. |

Further details can be seen from the e-Procurement Portal, **www.tendersodisha.gov.in.** Corrigendum or Addendum if any will not be published in Newspapers and can be seen in e-procurement portal as well as in IDCO website.
Sd./- Divisional Head (Elect.)
IDCO, Bhubaneswar
OIPR-14003/11/0046/2021

ODISHA SPACE APPLICATIONS CENTRE (ORSAC)
Dept. of Science & Technology, Govt. of Odisha
Plot No.45/48, JayadevVihar, Near Gopabandhu Academy of Administration, Unit-16, Bhubaneswar-751 023
ORSAC NOTICE FOR EMPANELMENT
No. CAD-360 : Invitation of Application for: -
NOTICE-A : **Empanelment of Eligible Firms for the year 2020-21 to undertake DGP Sand ETS Geospatial Survey as per ORSAC's Define SOP of Geospatial Survey (Application Notice No. 04 /2020 Dt.14.08.2020)**
NOTICE-B : **Empanelment of Eligible Firms for the year 2020-21 to undertake UAS/UAV/Drone Imaging Services and HRSI Photogrammetric Imaging Services (Application Notice No.05 / 2020 Dt.14.08.2020)**
NOTICE-C : **Empanelment of Eligible Firms for the year 2020-21 to Supply Secured M2M Dual Network SIM for IoT Applications as per DoT & TRAI Norms (Application Notice No. 06 /2020 Dt.14.08.2020)**
Sealed Applications are invited from well experienced and established vendors for empanelment purpose mentioned above Notice-A,B& C. Vendors/Agencies are requested to specify clearly on cover of envelope about the Application Notice Number as mentioned above.For details, please visit **http://www.odisha.gov.in** or **www.orsac.gov.in** or contact the above office. Detailed Empanelment Notices may be downloaded from the above websites from 19.08.2020. ORSAC reserves the right to accept / reject / modify and cancel the Notices at any time without assigning any reason thereof.
CHIEF EXECUTIVE
OIPR-28007/11/0004/2021

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in
File No. : AIIMS/BBSR/Engg./ 569/ NIT-012 / 2020-21 Dated : 17th Aug 2020
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Provision of False Ceiling, Aluminum Partition & Miscellaneous Civil Works in Medical Record Department (MRD) at Hospital Complex, AIIMS, Bhubaneswar** *(NIT No. : AIIMS/BBSR/Engg./ 012 /2020-21).* The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/AIIMSBBSR & CPP Portal www.eprocure.gov.in.**
Sd/-
Executive Engineer(Civil) I/C
AIIMS, Bhubaneswar

OFFICE OF THE EXECUTIVE ENGINEER, RWS&S DIVISION, BALASORE
Tel: 06782-262249, Fax: 262931, email: eerwss_bls@nic.in, eerwssbls@gmail.com.
NATIONAL COMPETITIVE BIDDING THROUGH e-Tendering
Identification No. 05 Dt. 14-08-2020
No. O-244:-

| | | |
|---|---|---|
| 1. | Nos. of Work | RPWS TO SAUDI under Baliapal block in Balasore district. |
| 2. | Estimated cost | Rs. 435.69 lakh |
| 3. | Period of completion | 330 days |
| 4. | Availability of bid document in Portal | Dt. 20-08-2020 at 10.00 hours to 28-08-2020 up to 17.00 hours through online. |
| 5. | Seeking of Clarification | Dt. 20-08-2020 at 10.00 hours to Dt. 27-08-2020 up to 15.00 hours |
| 6. | Date of opening of Bid | Dt. 02.09.2020 at 11.00 hours in the O/O EE, RWSS Division, Balasore. |
| 7. | Name and address of the Officer Inviting Tender | Executive Engineer, RWS&S Division, Balasore |

Bid Cost & Bid Security will be received through electronic payment by NEFT / RTGS.
Further details can be seen from the e-Procurement Portal: **http://tendersodisha.gov.in**
Sd./- 14.08.20
EXECUTIVE ENGINEER, RWS&S DIVISION, BALASORE
OIPR-25013/11/0001/2021

RAVENSHAW UNIVERSITY
(A State University, NAAC Accreditation: 'A' Grade)
CUTTACK-753003, ODISHA
P.G. ADMISSION ANNOUNCEMENT 2020-21
**No. CAD-362:-** Online Applications are invited for admission into the following Post Graduate Programmes for the session 2020-21: Analytical Chemistry, Applied Geography, Applied Geology, Biotechnology, Biochemistry, Botany, Business Economics, Chemistry, Commerce, Computer Science, Economics, Education, English, Entrepreneurship, Electronics and Telecommunication, Hindi, History, Mathematics, Master in Business Administration, Master in Information and Technology, Master in Journalism and Mass Communication, Odia, Philosophy, Physics, Political Science, Psychology, Rural Development, Sanskrit, Sociology, Statistics, Zoology, Master in Public Health.
**Candidates are advised to visit SAMS website 'https://pg.samsodisha.gov.in/' of Higher Education Department, Govt. of Odisha for "Common PG Entrance Test (CPET-2020) for the admission procedure."**
**Last date of online submission of application is 31 August 2020.**
**For more information log on to our website 'www.ravenshawuniversity.ac.in' and click on the link 'ADMISSION-2020'.**
Registrar
No. 1994/Dt-17.08.2020 OIPR-11008/11/0002/2021



ବିଶାଖାପାଟଣାରେ ବରଙ୍କ ନମୁନା ରିପୋର୍ଟ କରୋନା ପଜିଟିଭ୍ ଆସିବା ପରେ ବିବାହରେ ଯୋଗଦେଇଥିବା ୫ ଶହରୁ ଅଧିକ ଲୋକଙ୍କୁ ଏବେ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ସ୍ଥାନୀୟ କୋଟଓ୍ୱରଟଲା ମଣ୍ଡଳର କୋଡ଼ୱଡ଼ିପୁଡ଼ି ଗାଁର ଚର୍ଚ୍ଚରେ ଏକ ବିବାହ ଉତ୍ସବରେ ୯୦ ଜଣ ଲୋକ ଯୋଗଦେଇଥିଲେ। ଏହାପରେ ହୋଇଥିବା ବିବାହ ଭୋଜିରେ ୫ ଶହରୁ ଅଧିକ ଲୋକ ମଧ୍ୟ ଯୋଗ ଦେଇଥିଲେ। ବିବାହ ଭୋଜି ପରେ ବରଙ୍କଠାରେ କରୋନା ଲକ୍ଷଣ ପ୍ରକାଶ ପାଇଥିଲା। ତାଙ୍କର ନମୁନା ପରୀକ୍ଷା ରିପୋର୍ଟ କରୋନା ପଜିଟିଭ୍ ଆସିଥିଲା।





# ଆଁଖ୍ ମାରେ... ଗୀତରେ ନାଚିଲେ ୯୩ ବର୍ଷୀୟ ମହିଳା

**ଭିଡିଓ ଭାଇରାଲ୍**

କୋଲକାତା: ବୟସର ଅପରାହ୍ନରେ ବି କିଛି ମଣିଷ ଏମିତି କାମ କରିଥାନ୍ତି, ଯାହାକୁ ଦେଖି ସମସ୍ତଙ୍କର ଉତ୍ସାହ ଉଦ୍ଦୀପନା ଢେର ଗୁଣ ବଢ଼ି ଯାଇଥାଏ। ଏମିତି କିଛି କାମ କରି ଏବେ ଚର୍ଚ୍ଚାକୁ ଆସିଛନ୍ତି କୋଲକାତାର ଜଣେ ୯୩ ବର୍ଷୀୟ ମହିଳା। ଏକ ହିନ୍ଦୀ ସିନେମା ଗୀତରେ ସେ କିଛି ସମୟ ନାଚ କରି ନିଜର ଜୋଶ୍ ଦେଖାଇ ସମସ୍ତଙ୍କୁ ଆଚମ୍ବିତ କରିପାରିଛନ୍ତି।

ନିଜର ୯୩ତମ ଜନ୍ମଦିନରେ ସମ୍ପୃକ୍ତ ମହିଳା ବଲିଉଡ୍ ଫିଲ୍ମ 'ଶିମ୍ବା'ର ଆଁଖ୍ ମାରେ... ଗୀତରେ ନାଚ କରିଥିଲେ, ଯାହାକୁ ତାଙ୍କର ନାତି ଗୌରବ ଶାହା ନିଜ ଫେସବୁକ୍ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏହାପରେ ଭିଡିଓଟି ଖୁବ୍‌ଶୀଘ୍ର ଭାଇରାଲ୍ ହେବାରେ ଲାଗିଥିଲା। ଜେଜେମା'ଙ୍କର ନାଚ କରିବା ପାଇଁ ଏତେ ବୟସରେ ଯେଉଁ ଉତ୍ସାହ ଦେଖିବାକୁ ମିଳିଥିଲା ସେଥିପାଇଁ ଅନେକ ପ୍ରଭାବିତ ହୋଇଥିଲେ। ସୋସିଆଲ୍ ମିଡିଆରେ ଏହି ଭିଡ଼ିଓକୁ ଲୋକେ ଦେଖିବା ସହିତ ବାରମ୍ବାର ଶେୟାର ମଧ୍ୟ କରିଥିଲେ। ତେବେ ଜେଜେମା'ଙ୍କର ଏହି ଭିଡ଼ିଓଟିକୁ ସୋସିଆଲ୍ ମିଡିଆରେ ମାତ୍ର କିଛି ଘଣ୍ଟା ମଧ୍ୟରେ ୫ହଜାରରୁ ଅଧିକ ଲୋକ ଶେୟାର କରିଥିଲେ ଓ ହଜାର ହଜାର ଲୋକ ଉତ୍ସାହପୂର୍ଣ୍ଣ କମେଣ୍ଟ ବି ଦେଇଛନ୍ତି। ଏବେ ସୁଦ୍ଧା ଏହାକୁ ୬ ଲକ୍ଷରୁ ଅଧିକ ଲୋକ ଦେଖି ସାରିଲେଣି। ଜେଜେମା'ଙ୍କୁ ଜନ୍ମଦିନରେ ସୁନ୍ଦର ଶାଢ଼ି ପିନ୍ଧାଇବା ସହିତ ହ୍ୟାଟ୍ ଲଗାଇ ସଜାଇ ଦିଆଯାଇଥିଲା। ଜେଜେମା'ଙ୍କ ନାଚ ସହିତ ତାଙ୍କ ଜନ୍ମଦିନର କେକ୍ ଓ ବିଭିନ୍ନ ଫଟୋ ମଧ୍ୟ ଶେୟାର କରାଯାଇଥିଲା। ଏତେ ବୟସରେ ଜେଜେମା'ଙ୍କର ନାଚ ସ୍ପଷ୍ଟ କରୁଛି ଯେ ବୟସ କେବଳ ଏକ ସଂଖ୍ୟା ବୋଲି ଅନେକ ମତ ଦେଇଛନ୍ତି। ତେବେ ଜେଜେମା'ଙ୍କ ନାଚ ଲୋକଙ୍କୁ ଆନନ୍ଦ ଦେବା ସହିତ ଯୁବ ପିଢ଼ିଙ୍କ ପାଇଁ ପ୍ରେରଣା ବୋଲି ଅନେକେ ମତ ଦେଇଛନ୍ତି।

ଜନ୍ମଦିନ ଶୁଭେଚ୍ଛା



(ବିକି)
ସଂଗ୍ରାମ ମହାରଣା
ରାଣୀପୁର, ତିରିମଲ୍ଲ, କଟଣୀ
ପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଭଗବାନ ବିଶ୍ୱକର୍ମା ତୋର ଚଲାପଥ କୁସୁମିତ କରନ୍ତୁ।
—:ଶୁଭେଚ୍ଛା ସହ:—
ଜେଜେ ବାପା, ଜେଜେ ମାଆ, ବଡ଼ ବାବା, ବଡ଼ ମାଆ, ବାବା, ମାମା, ରୋଜି, ପାୟଲ, ଲକି, ପରିବାର, ବନ୍ଧୁବର୍ଗ ଓ ସମସ୍ତ ବିଶ୍ୱକର୍ମା ପରିବାର।
ଧ-୧୮୩୧୨

# ୧୩ ମିନିଟ୍‌ରେ ଚଳାଇଲେ ୧୧୧ ତୀର

## ୫ବର୍ଷର ଶିଶୁର ରେକର୍ଡ



ଚେନ୍ନାଇ(ତାମିଲନାଡୁ): ବୟସ ମାତ୍ର ୫ ବର୍ଷ। ଏ ବୟସରେ ପିଲାମାନେ ସାଧାରଣତଃ ଖେଳନା ଧରି ଖେଳିଥାନ୍ତି। ହେଲେ ତାମିଲନାଡୁର ଜଣେ ବାଳିକା ଛୋଟ ବୟସରୁ ଖେଳନା ବଦଳରେ ଧନୁତୀର ଧରିବା ଶିଖିଥିଲେ। ସେ କେବଳ ଧନୁ ଧରିବା ଶିଖିନାହାନ୍ତି, ଏହାମଧ୍ୟରେ ସେ ତୀର ଚଳାଇ ନିଜ ନାମରେ ଅନେକ ରେକର୍ଡ କରିବାରେ ସଫଳ ହୋଇଛନ୍ତି। ଚେନ୍ନାଇରେ ରହୁଥିବା ସଞ୍ଜନା ମାତ୍ର ୧୩ ମିନିଟ୍ ୧୫ ସେକେଣ୍ଡରେ ଲଗାତର ୧୧୧ଟି ତୀର ଚଳାଇ ହ୍ୟୁମାନ ଅଲ୍ଟିମେଟ୍ ଓ୍ୱାର୍ଲଡ ରେକର୍ଡ୍ସ ସ୍ଥାପନ କରିଛନ୍ତି। ସ୍ୱାଧୀନତା ଦିବସ ଅବସରରେ ସେ ଏହି ରେକର୍ଡ କରିଛନ୍ତି। ବିଶ୍ୱର ଏକମାତ୍ର ଶିଶୁଭାବେ ସଞ୍ଜନା ଏହି ରେକର୍ଡ ନିଜ ନାମରେ କରିଛନ୍ତି। ବଡ଼ ବଡ଼ ଖେଳାଳି ଯାହା କରିପାରିନାହାନ୍ତି, ସଞ୍ଜନା ତାହା କରି ଦେଖାଇଛନ୍ତି। କେବଳ ଏତିକି ନୁହେଁ, ସେ ୧୫ ସେକେଣ୍ଡର ଅପ୍-ଡାଉନ୍ ପୋଜିସନରେ ମଧ୍ୟ ଏହା କରି ଦେଖାଇଛନ୍ତି। ଏ ନେଇ ସଞ୍ଜନାଙ୍କ ପ୍ରଶିକ୍ଷକ ସିହାନ୍ ହୁସେନି କହିଛନ୍ତି, ଆମେ ଏହାକୁ ଗିନିଜ ବୁକ୍ ବିଶ୍ୱ ରେକର୍ଡ ପାଇଁ ପଠାଇବୁ। ଉଲ୍ଲେଖଯୋଗ୍ୟ, ଚେନ୍ନାଇଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସଞ୍ଜନା ଆର୍ଚେରି ଆସୋସିଏଶନ ଅଫ୍ ଇଣ୍ଡିଆ(ଏଏଆଇ)ର ସେକ୍ରେଟାରି ଜେନେରାଲ ପ୍ରମୋଦ ଚନ୍ଦୁରକର, ଦିଲ୍ଲୀ ଆର୍ଚେରି ଆସୋସିଏଶନର ସଭାପତି ବୀରେନ୍ଦ୍ର ସଚ୍ଚଦେବାଙ୍କ ଭଳି ଅତିଥିଙ୍କ ଉପସ୍ଥିତିରେ ଏହି ରେକର୍ଡ କରିବାରେ ସକ୍ଷମ ହୋଇଥିଲେ। ସେହିପରି ଏଏଆଇ ଅଧ୍ୟକ୍ଷ ମଧ୍ୟ ସଞ୍ଜନାଙ୍କ କାର୍ଯ୍ୟକ୍ରମକୁ ଅନ୍‌ଲାଇନ ମାଧ୍ୟମରେ ଦେଖିଥିଲେ ଏବଂ ବିଚାରକମାନେ ଏହାକୁ ଗିନିଜ୍ ବୁକ୍ ବିଶ୍ୱ ରେକର୍ଡ ମାନ୍ୟତା ନିମନ୍ତେ ପଠାଇବା ପାଇଁ ସୁପାରିସ କରିଥିଲେ। କୁନି ଆର୍ଚର ସଞ୍ଜନାଙ୍କ ବାପା କୁହନ୍ତି, ଏହା ଆରମ୍ଭ ମାତ୍ର। ଝିଅ ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରୁ ବୋଲି ସେ ଆଶା ରଖିଛନ୍ତି। ସଞ୍ଜନା ପ୍ରତ୍ୟେକ ସ୍ୱାଧୀନତା ଦିବସରେ ଏକ ନୂତନ ରେକର୍ଡ ସ୍ଥାପନ ସୃଷ୍ଟି କରିବ। ତାକୁ ୧୦ବର୍ଷ ହେବାପରେ ସେ ୨୦୩୨ ଅଲିମ୍ପିକ୍ସ ନିମନ୍ତେ ପ୍ରଶିକ୍ଷଣ ନେଇ ଦେଶ ପାଇଁ ଅନେକ ପଦକ ଆଣନ୍ତୁ ବୋଲି ସେ ଗର୍ବର ସହ କହିଛନ୍ତି। କେବଳ ବାପା ନୁହନ୍ତି, ଅଞ୍ଚଳବାସୀ ମଧ୍ୟ ସଞ୍ଜନାଙ୍କ ତୀରଚାଳନାକୁ ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି। ଏଥିପାଇଁ ତାଙ୍କୁ 'ଭାରତୀୟ ଯୋଦ୍ଧା' ଏବଂ 'ବିଲକ୍ଷଣ ଶିଶୁ' ବୋଲି କୁହନ୍ତି। ଆଗାମୀ ଦିନରେ ଆର୍ଚେରି କ୍ଷେତ୍ରରେ ସେ ଭାରତକୁ ବିଶ୍ୱସ୍ତରରେ ପହଞ୍ଚାଇବେ ବୋଲି ମଧ୍ୟ ଅନେକେ କହିବା ଆରମ୍ଭ କରିଛନ୍ତି।

# ରହସ୍ୟ ଖୋଲିଲେ ଶ୍ରୁତି ହାସନ



ଶ୍ରୁତି ହାସନ

ମୁମ୍ବାଇ: ଅଭିନେତା କମଲ ହାସନ ଏବଂ ଶାରୀକା ଠାକୁରଙ୍କ ଝିଅ ଶ୍ରୁତି ହାସନ ସାଉଥ୍ ଇଣ୍ଡଷ୍ଟ୍ରି ସହିତ ବଲିଉଡ୍‌ରେ ମଧ୍ୟ ନିଜ ପରିଚୟ ସୃଷ୍ଟି କରିଛନ୍ତି। ଶ୍ରୁତି ବହୁତ କମ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ ମଧ୍ୟ ଦର୍ଶକମାନେ ତାଙ୍କୁ ବହୁତ ପସନ୍ଦ କରନ୍ତି। ସେ ସବୁବେଳେ ସୋସିଆଲ ମିଡିଆରେ ଆକ୍ଟିଭ୍ ଥାଆନ୍ତି ଏବଂ ଫ୍ୟାନ୍‌ମାନଙ୍କ ସହ ଲାଇଭ୍ ଚାଟ୍ କରିବାକୁ ବେଶ୍ ପସନ୍ଦ କରନ୍ତି। ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିକୁ ନେଇ ସବୁ ଅଭିନେତ୍ରୀମାନେ ଏବେ କିଛି ନା କିଛି ବୟାନ ଦେଉଛନ୍ତି। ବର୍ତ୍ତମାନ ଶ୍ରୁତି ତାଙ୍କ ଇନ୍‌ଷ୍ଟା ପେଜ୍‌ରେ ଶେୟାର କରି ଦକ୍ଷିଣ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରି ବିଷୟରେ ଜଣାଇଛନ୍ତି। ନିକଟରେ ସେ ଏକ କାର୍ଯ୍ୟକ୍ରମରେ କହିଥିଲେ ଯେ, 'ବଲିଉଡ୍ ପରି ସାଉଥ୍ ଇଣ୍ଡଷ୍ଟ୍ରିରେ ମଧ୍ୟ ମହିଳା କଳାକାରଙ୍କ ସହ ଭେଦଭାବ କରାଯାଇଥାଏ। କେବଳ ବଲିଉଡ୍‌ରେ ହିଁ ମହିଳା କଳାକାରମାନେ କମ୍ ଫି ପାଆନ୍ତି ନାହିଁ, ଦକ୍ଷିଣ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିରେ ମଧ୍ୟ ଏପରି ହୋଇଥାଏ। ଏପରି କି ସେଠାରେ ପୁରୁଷ କଳାକାରମାନେ ମହିଳା କଳାକାରଙ୍କ ଅପେକ୍ଷା ଅଧିକ ଫି ଏବଂ ସୁବିଧା ପାଇଥାନ୍ତି। ସେ ଆଉ ମଧ୍ୟ କହିଛନ୍ତି ଯେ, ମହିଳାମାନେ ନିଜ ଅଧିକାର ପାଇଁ ଆନ୍ଦୋଳନ କରନ୍ତି ଏବଂ ରାସ୍ତାରେ ରାଲି କରନ୍ତି, ମୁଁ ଆଶ୍ଚର୍ଯ୍ୟ ଯେ, ମହିଳାଙ୍କ ସମାନ ଅଧିକାର ତଥା ମହିଳାଙ୍କ ସୁରକ୍ଷା ପାଇଁ ଆମକୁ ଏଭଳି ସମାବେଶର ଆବଶ୍ୟକତା ରହିଛି। ମୋତେ ଲାଗୁଛି ସବୁଠି ଏପରି କରାଯାଉଛି। ସେଥିଲାଗି ସମସ୍ତେ ଏହାର ପ୍ରତିବାଦ କରିବା ଦରକାର।

# ତୁର୍କୀର ଫାଷ୍ଟ ଲେଡିଙ୍କୁ ଭେଟିଲେ ଆମିର



ମୁମ୍ବାଇ: ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ ଆମିର ଖାଁ ବେଶ୍ କିଛିଦିନ ବିରତି ପରେ ଏବେ ଶୁଟିଂ ସେଟ୍‌ରେ ନଜର ଆସିଛନ୍ତି। କରୋନା ଭାଇରସ ଯୋଗୁ ବଲିଉଡ୍‌ରେ ଶୁଟିଂ ବନ୍ଦ ଥିବାବେଳେ ଏବେ ଆମିର ତାଙ୍କ ଫିଲ୍ମ 'ଲାଲ୍ ସିଂ ଚଡ୍ଢା'ର ଶୁଟିଂ ପାଇଁ ତୁର୍କି ଗସ୍ତ କରିଛନ୍ତି। ଏହି ଶୁଟିଂ ସମୟରେ ସେ ତୁର୍କିର ଫାଷ୍ଟ ଲେଡି ଇମାଇନ୍ ଏର୍ଦ୍ଦୋଗାନଙ୍କ ସହ ସାକ୍ଷାତ୍ କରିଛନ୍ତି। ତେବେ ସାକ୍ଷାତ୍‌କାର ସମୟର କିଛି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଫଟୋ ଗୁଡିକୁ ନିଜେ ତୁର୍କିର ଫାଷ୍ଟ ଲେଡି ଶେୟାର କରି ଲେଖିଛନ୍ତି, ଆମିରଙ୍କ ସହ ସାକ୍ଷାତ୍‌କାର ମୋତେ ଖୁସି ଦେଇଛି।

ବିଶ୍ୱରେ ସମ୍ମାନିତ ହୋଇଥିବା ଭାରତୀୟ କଳାକାର, ଫିଲ୍ମ ନିର୍ମାତା ଓ ନିର୍ଦ୍ଦେଶକ ଇସ୍ତାନବୁଲରେ ଅଛନ୍ତି ଦେଖି ମୋତେ ଖୁବ୍ ଖୁସି ଲାଗିଥିଲା। ଏହାସହ ଆମିର ଖାଁ ତାଙ୍କ ଫିଲ୍ମ 'ଲାଲ୍ ସିଂ ଚଡ୍ଢା'ର ଶୁଟିଂ ତୁର୍କିର ବିଭିନ୍ନ ସ୍ଥାନରେ କରିଥିବାରୁ ମୁଁ ଏହି ଫିଲ୍ମ ଦେଖିବାକୁ ଅପେକ୍ଷା ରଖିବି ବୋଲି ତୁର୍କିର ଫାଷ୍ଟ ଲେଡି ଏର୍ଦ୍ଦୋଗାନ ପ୍ରକାଶ କରିଛନ୍ତି। ହେଲେ ଏହି ଫଟୋ ଭାଇରାଲ ହେବା ପରେ ବିଭିନ୍ନ ଆଡୁ ସମାଲୋଚନାର ସ୍ୱର ଲମ୍ବିବାରେ ଲାଗିଛି। ତୁର୍କୀ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ କଶ୍ମୀର ପ୍ରସଙ୍ଗରେ ପାକିସ୍ତାନକୁ ସମର୍ଥନ କରୁଥିବାରୁ ଆମିର ଇମାଇନ୍ ଏର୍ଦ୍ଦୋଗାନଙ୍କୁ ଭେଟିବା ଠିକ୍ ନୁହେଁ ବୋଲି ଦର୍ଶାଯାଇଛି। ଏହା ରାଷ୍ଟ୍ରବିରୋଧୀ ବୋଲି କୁହାଯାଇଛି। ଫଟୋ ଗୁଡିକରେ ଆମିର 'ଲାଲ୍ ସିଂ ଚଡ୍ଢା'ର ଲୁକ୍‌ରେ ନଜର ଆସିଛନ୍ତି। ଧଳା କେଶ ସହ ତାଙ୍କର ଷ୍ଟ୍ରଙ୍ଗ ବଡି ବି ପ୍ରଶଂସକଙ୍କ ମନ କିଣିଛି। କେବଳ ଏହି ଫିଲ୍ମ ପାଇଁ ଆମିର ଏମିତି ବଡି ବନାଇଥିବା କୁହାଯାଏ। ଏହି ଫିଲ୍ମର କିଛି ଅଂଶ ପଞ୍ଜାବରେ ଶୁଟିଂ କରାଯାଇଥିବା ବେଳେ ଏଥିରେ ଆମିରଙ୍କ ଅପୋଜିଟରେ ଅଛନ୍ତି କରିନା କପୁର। ଚଳିତ ବର୍ଷ ଡିସେମ୍ବରରେ ଏହା ରିଲିଜ୍ ହେବାକୁ ଥିବା ବେଳେ ଏବେ କିନ୍ତୁ ୨୦୨୧ ମସିହାକୁ ଏହାର ରିଲିଜ୍ ଡେଟ୍ ଘୁଞ୍ଚାଇ ଦିଆଯାଇଛି।

## ୱାଟରଫଲ୍‌ରୁ ମିଳିଲା ପ୍ରଚୁର ଟଙ୍କା

**ୱାଶିଂଟନ:** ବେଳେବେଳେ ଅକସ୍ମାତ୍ ଧନଲାଭ ମଣିଷକୁ ଦ୍ୱନ୍ଦ୍ୱରେ ପକାଇ ଦିଏ। ଠିକ୍ ଏମିତି ଏକ ଘଟଣା ଏବେ ଆମେରିକାର ନର୍ଥ କରୋଲିନାରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ନର୍ଥ କରୋଲିନା ଆକ୍ୱାରିୟମ୍‌ର ଏକ ୩୦ ଫୁଟର କୃତ୍ରିମ ୱାଟରଫଲ୍ (ସ୍ମୋକି ମାଉଣ୍ଟେନ୍)କୁ ସଫା କରିବାବେଳେ ଆଶ୍ଚର୍ଯ୍ୟଜନକ ଭାବେ କେତେଗୁଡ଼ିଏ କଏନ୍ ମିଳିଲା ଯେ ସଫା କରୁଥିବା କର୍ମଚାରୀମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।



# ଚାଲୁଥିବା ଘର



**ଚେନ୍ନାଇ:** ସୋସିଆଲ ମିଡିଆରେ ଏବେ ଲକ୍ଷେ ଟଙ୍କିଆ ଘରର ଏକ ଫଟୋ ଖୁବ୍ ତୀବ୍ର ବେଗରେ ଭାଇରାଲ ହେଉଛି। ଏହାର ବିଶେଷତ୍ୱ ହେଲା ଯେଉଁଆଡ଼େ ଚାହିଁବେ ଏହି ଘରକୁ ନେଇ ପାରିବେ। ମନକୁ ପ୍ରଶ୍ନ ଉଠୁଥିବ ଘର ଚାଲିବ କେମିତି? ତେବେ ପ୍ରକୃତ କଥା ହେଲା ଏହି ଘରଟି ଏକ ଅଟୋରେ ତିଆରି କରାଯାଇଛି। ଏହି ଘରକୁ ତାମିଲନାଡୁର ଅରୁଣ ପ୍ରଭୁ ନାମକ ଜଣେ ୨୩ ବର୍ଷୀୟ ଯୁବକ ତିଆରି କରିଛନ୍ତି। ଖାଲି ଏତିକି ନୁହେଁ, ଏହି ଘରେ ବେଡ୍‌ରୁମ୍‌ଠାରୁ ଆରମ୍ଭ କରି କିଚେନ୍, ଟୟଲେଟ୍ ମଧ୍ୟ ରହିଛି। ଏହି ଘରେ ଦୁଇଜଣ ଲୋକ ବେଶ୍ ଆରାମରେ ରହିପାରିବେ। ଅଟୋ ଛାତରେ ଏକ ଆରାମଦାୟକ ଚେୟାର ମଧ୍ୟ ପଡ଼ିଛି। ଚାହିଁଲେ ଏଥିରେ ବସି ଖୋଲା ପବନକୁ ଉପଭୋଗ କରିପାରିବେ। ୩୬ ବର୍ଗ ଫୁଟରେ ନିର୍ମିତ ଏହି ଘରରେ ୨୫୦ ଲିଟରର ଏକ ୱାଟର ଟ୍ୟାଙ୍କ ଥିବା ବେଳେ ୬୦୦ ୱାଟ୍‌ର ସୋଲାର ପ୍ୟାନେଲ ଲାଗିଛି। ଛାତକୁ ଯିବାକୁ ଶିଡ଼ି ମଧ୍ୟ ରହିଛି।

ପୁରୁଣା ସାମଗ୍ରୀକୁ ରିସାଇକ୍ଲିଂ କରାଯାଇ ଏହି ଘର ତିଆରି କରାଯାଇଛି। ଏହି ଘର ତିଆରି କରିବାକୁ ଅରୁଣଙ୍କୁ ୫ ମାସ ଲାଗିଛି। ଘରଟି ବର୍ତ୍ତମାନ ସମସ୍ତଙ୍କ ପସନ୍ଦ ଆସୁଛି। ଅରୁଣ ବେଙ୍ଗାଲୁରୁର ଡିଜାଇନ ଏବଂ ଆର୍କିଟେକ୍ଟ କମ୍ପାନୀ ବିଲ୍‌ବୋର୍ଡ ସହିତ ମିଶି ଏହାକୁ ତିଆରି କରିଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ରମାକାନ୍ତ ମହାନ୍ତି
ମହାନ୍ତି ନିବାସ, ପ୍ଲଟ୍ ନଂ C/29, CDA, କଟକ
ଆବିର୍ଭାବ: ୨୦।୦୩।୧୯୩୪(ସୁନିଆ)
ତିରୋଧାନ: ୦୮।୦୮।୨୦୨୦(ରେଖା ପଞ୍ଚମୀ)
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କୁ ସବୁ ସମୟରେ ପ୍ରେରଣା ଦେଉ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ସଦ୍‌ଗୁରୁ ଶ୍ରୀଶିରିଡ଼ିସାଇ ବାବାଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ
ଧ-୧୭୯୭୧

ଦଶମ ଶ୍ରାଦ୍ଧବାର୍ଷିକୀ
ଶ୍ରଦ୍ଧାଞ୍ଜଳି



୰ ରାଜେନ୍ଦ୍ର ପ୍ରସାଦ ପୃଷ୍ଟି
ତିରୋଧାନ: ୦୭।୦୯।୨୦୧୦
(ଭାଦ୍ରବ କୃଷ୍ଣପକ୍ଷ ଅମାବାସ୍ୟା)
ଆଜି ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା
ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ
ଧ-୧୭୯୭୭

# ଫିଲ୍ମ ରିଲିଜକୁ ନେଇ ମତ ରଖିଲେ ନାସିରୁଦ୍ଦିନ



ମୁମ୍ବାଇ: ବଲିଉଡ୍‌ର ବରିଷ୍ଠ ଅଭିନେତା ନାସିରୁଦ୍ଦିନ ଶାହଙ୍କର ଏକ ସାକ୍ଷାତ୍‌କାର ସାମ୍ନାକୁ ଆସିଛି। ଏଥିରେ ଏକ ପ୍ରଶ୍ନର ଉତ୍ତରରେ ନସିରୁଦ୍ଦିନ କହିଛନ୍ତି, ବଲିଉଡ୍ ନାୟକ ସଲ୍‌ମାନ ଖାଁଙ୍କ ଫିଲ୍ମ ଯଦି ଓଟିଟି ପ୍ଲାଟଫର୍ମରେ ରିଲିଜ୍ ହୁଏ ତେବେ ଦର୍ଶକେ ସେହିଭଳି ସିଟି ମାରିବେ, ତାଳି ମାରିବେ, ନାଚିବେ। ଯେମିତି ସେମାନେ ଫିଲ୍ମ ହଲ୍‌ରେ ସଲ୍‌ମାନଙ୍କ ମୁଭି ଦେଖି ଖୁସି ହେଉଥିଲେ। ତେବେ ଓଟିଟି ପ୍ଲାଟଫର୍ମକୁ ନେଇ ନସିରୁଦ୍ଦିନ ବେଶ୍ ଆଶାବାଦୀ ବୋଲି କହିଛନ୍ତି। ଏହି ପ୍ଲାଟଫର୍ମ ଏବେ ଏବେ ଆଗକୁ ଆସୁଥିବା ଯୁବ ଫିଲ୍ମ ନିର୍ମାତାଙ୍କୁ ଭଲ ଫିଲ୍ମରେ କାମ କରିବାକୁ ପ୍ରେରଣା ଦେବ ବୋଲି ସେ କହିଛନ୍ତି। ଆଉ ଏମାନେ ବିନା କୌଣସି ସର୍ତ୍ତରେ କମ୍ ବଜେଟରେ ଭଲ ଫିଲ୍ମ ତିଆରି କରିବାକୁ ଚେଷ୍ଟା କରିବେ ବୋଲି ସେ ମତ ଦେଇଛନ୍ତି। ପୂର୍ବରୁ ଭଲ ଫିଲ୍ମ କମର୍ସିଆଲ ଫିଲ୍ମ ଭିତରେ ହଜି ଯାଉଥିବା ବେଳେ ଏବେ କିନ୍ତୁ ୫ଶହ କୋଟି ବଜେଟର ଫିଲ୍ମ ଅତୀତ ହୋଇଯିବ ବୋଲି ସେ କହିଛନ୍ତି।

# ୨୧୦୦ ସୁଦ୍ଧା ତାପମାତ୍ରା ୪.୪° ସେଲସିୟସ୍ ବଢ଼ିବ

## ୨୦୩୦ ସୁଦ୍ଧା ଦକ୍ଷିଣ ଏସିଆରେ ୪.୩୦ କୋଟି ଲୋକ ଚାକିରି ହରାଇବେ



ନୂଆଦିଲ୍ଲୀ/ୱାଶିଂଟନ: ମହାମାରୀ କରୋନା ଯୋଗୁ ବିଶ୍ୱରେ ଆତଙ୍କ ସୃଷ୍ଟି ହୋଇଛି। ଲୋକମାନେ କାମଧନ୍ଦା ହରାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସ୍ଥଳେ ପୁଣି ଏକ ନୂଆ ବିପଦ ମାଡ଼ି ଆସୁଥିବା ପରିବେଶବିତ୍ ମାନେ ସୂଚନା ଦେଇଛନ୍ତି। ଗତ ୮୦ ବର୍ଷରେ ପୃଥିବୀର ତାପମାତ୍ରା ୪.୪ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବ। ଫଳରେ ୨୧୦୦ ବେଳକୁ ବହୁ ଅଞ୍ଚଳରେ ତାପମାତ୍ରା ବଢ଼ିବା ଯୋଗୁ ଲୋକେ ରହିପାରିବେ ନାହିଁ। ପୃଥିବୀରେ କେତେକ ଅଞ୍ଚଳ ମାନବ ଶୂନ୍ୟ ହେବାର ଆଶଙ୍କା ରହିଛି। ୨୦୩୦ ସୁଦ୍ଧା ତାପମାତ୍ରା ବଢ଼ିବା ଯୋଗୁ ଦକ୍ଷିଣ ଏସିଆରେ ୪ କୋଟି ୩୦ ଲକ୍ଷରୁ ଅଧିକ ଲୋକ ଚାକିରି ହରାଇବେ । ସେଥିମଧ୍ୟରେ ଭାରତର ୩ କୋଟି ୪୦ ଲକ୍ଷ ଲୋକ ଥିବେ ବୋଲି ଆକଳନ କରାଯାଇଛି। ଭାରତର ପଡ଼ୋଶୀ ଦେଶ ପାକିସ୍ତାନ, ନେପାଳ ଭୁଟାନ, ବାଂଲାଦେଶ, ଶ୍ରୀଲଙ୍କା, ଇରାନ ଏବଂ ଆଫଗାନିସ୍ତାନରେ ବେକାର ସଂଖ୍ୟା ଆପକ୍ଷାକୃତ କମ୍ ରହିବ। ଏନେଇ ୱାର୍ଲ୍ଡ ମେଟ୍ରୋଲୋଜିକାଲ ସଂଗଠନ(ଡବ୍ଲ୍ୟୁଏମ୍‌ଓ) ପକ୍ଷରୁ ଜାରି ହୋଇଥିବା ଏକ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୨୦ ବର୍ଷରେ ଅଧିକ ଗରମ ଅନୁଭୁତ ହୋଇଥିବା ଡବ୍ଲ୍ୟୁଏମ୍‌ଓ ପକ୍ଷରୁ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ତଥ୍ୟ ଅନୁସାରେ ୧୯୦୧ ପରେ ୨୦୧୯ ସବୁଠାରୁ ଉତ୍ତପ୍ତ ବର୍ଷ ଥିଲା। ଭାରତରେ ଏଭଳି ୭ଟି ବର୍ଷରେ ଅତ୍ୟଧିକ ଗରମ ଅନୁଭୁତ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି। ଗତ ବର୍ଷ ଭାରତରେ ଲୁ ଯୋଗୁ ୩୭୩ ଲୋକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଶୀତ ଲହରି ୬୧ ଜଣଙ୍କର ଜୀବନ ନେଇଥିଲା। ୨୦୧୦ରୁ ୨୦୧୯ ମଧ୍ୟରେ ଲୁ ପ୍ରବାହ ଯୋଗୁ ୬ ହଜାର ୩୫୫ ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୫୦ ସୁଦ୍ଧା ଭାରତ ୬୦ କୋଟି ଲୋକ ଜଳବାୟୁ ପରିବର୍ତ୍ତନ ଯୋଗୁ ସମସ୍ୟାରେ ପଡ଼ିବେ। ଏହି ସମୟରେ ପ୍ରତି ୪୫ ଜଣରେ ଜଣେ ବ୍ୟକ୍ତି ଜଳବାୟୁ ପରିବର୍ତ୍ତନ ଯୋଗୁ ବାସସ୍ଥାନ ଛାଡ଼ିବେ ବୋଲି ବୋଲି ଏଥିରେ ପ୍ରକାଶ ପାଇଛି।



ତ୍ୱଚାକୁ ବ୍ରଣ କିମ୍ବା ଅନ୍ୟାନ୍ୟ ସମସ୍ୟାଠୁ ଦୂରେଇ ରଖିବା ଲାଗି ମଝିରେ ମଝିରେ ଏକ୍ସଫୋଲିଏଟ୍ କରିବା ଦରକାର; ଯାହା କି ତ୍ୱଚାକୁ ଧୂଳି, ପ୍ରଦୂଷଣରୁ ରକ୍ଷା କରିଥାଏ। ତେବେ ଏଥିପାଇଁ ଆବଶ୍ୟକ ହୋଇଥାଏ ସ୍କ୍ରବ୍। ଯଦିଓ ମାର୍କେଟ୍‌ରେ ବିଭିନ୍ନ କମ୍ପାନୀର ସ୍କ୍ରବ୍ ଉପଲବ୍ଧ, ହେଲେ ଆପଣ ଚାହିଁଲେ ଘରେ ମଧ୍ୟ ଏହାକୁ ପ୍ରସ୍ତୁତ କରିପାରିବେ...

# ଘରୋଇ ସ୍କ୍ରବ୍

ସୌନ୍ଦର୍ଯ୍ୟ

**କଫି ସ୍କ୍ରବ୍:** ତ୍ୱଚାକୁ ଏକ୍ସଫୋଲିଏଟ୍ କରିବା ସହ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ କଫି ଖୁବ୍ ଉପକାରୀ। ଏଥିପାଇଁ ଗ୍ରାଉଣ୍ଡ କଫି ଏକ ଚାମଚ ନେଇ ସେଥିରେ ଅଳ୍ପ ନଡିଆ ରସ ମିଶାଇ ତ୍ୱଚାରେ ଲଗାଇ ଧୀରେ ଧୀରେ ଘଷନ୍ତୁ। କିଛି ସମୟ ରଖିବା ପରେ ଥଣ୍ଡା ପାଣିରେ ମୁହଁ ଧୋଇଦିଅନ୍ତୁ। ଏହା ତ୍ୱଚାରୁ ସମସ୍ତ ଅପରିଷ୍କାର ପଦାର୍ଥ ବାହାର କରି ବ୍ଲାକ୍ ହେଡ୍‌ସ, ବ୍ରଣ ଆଦିଠୁ ଦୂରେଇ ରଖିଥାଏ।

**ଲେମ୍ବୁ, ମହୁ, ଚିନି ସ୍କ୍ରବ୍:** ତ୍ୱଚାରୁ ଡେଡ୍ ସେଲ୍ ଦୂର କରିବା ଲାଗି ଲେମ୍ବୁ ସ୍କ୍ରବ୍ ସର୍ବୋତ୍ତମ। ଏହାକୁ ପ୍ରସ୍ତୁତ କରିବା ପାଇଁ ଏକ ପାତ୍ରରେ ଗୋଟିଏ ଲେମ୍ବୁର ରସ, ଏକ ଚାମଚ ଚିନି, ଅଧା ଚାମଚ ଅଲିଭ୍ ଅଏଲ୍ ଏବଂ ମହୁ ନେଇ ମିଶାଇ ଦିଅନ୍ତୁ। ଏହାକୁ ମୁହଁ, ବେକ ଆଦିରେ ଲଗାଇ ଧୀରେ ଧୀରେ ଗୋଲ ଗୋଲ ଆକାରରେ ଘଷିବା ପରେ କିଛି ସମୟ ରଖି ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ସପ୍ତାହରେ ଥରେ ଏପରି କରିବା ଦ୍ୱାରା ତ୍ୱଚା ପରିଷ୍କାର ରହିବା ସହ ଗ୍ଲୋ ମଧ୍ୟ ବଢ଼ିଥାଏ।

**ବେକିଂ ସୋଡା ସ୍କ୍ରବ୍:** ତ୍ୱଚାରେ ଜମିଥିବା ଡେଡ୍ ସେଲ୍, ଅପରିଷ୍କାର ପଦାର୍ଥ ଏବଂ ତେଲ ହିଁ ବ୍ରଣ, ଦାଗ, ବ୍ଲାକ୍ ହେଡ୍ସ ଭଳି ବିଭିନ୍ନ ସମସ୍ୟାର ମୁଖ୍ୟ କାରଣ, ଯାହାକୁ ଦୂର କରିବାରେ ବେକିଂ ସୋଡା ବେଶ୍ ଲଭଦାୟକ। ବେକିଂ ସୋଡା ଏକ ଚାମଚ ନେଇ ସେଥିରେ ଏକ ଚାମଚ ପାଣି ମିଶାନ୍ତୁ। ଏହି ସ୍କ୍ରବ୍‌କୁ ମୁହଁରେ ଲଗାଇ ଧୀରେ ଧୀରେ ଘଷିବା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହା ନା କେବଳ ତ୍ୱଚାରେ ଜମି ରହିଥିବା ମଇଳା ବାହାର କରି ପୋର୍ସ ଖୋଲିବ ବରଂ ତ୍ୱଚାକୁ ବେଦାଗ ଏବଂ ଗୋରା କରିବାରେ ବି ସାହାଯ୍ୟ କରିବ । ଏହି ସ୍କ୍ରବ୍ ଅଏଲି ସ୍କିନ୍ ପାଇଁ ଖୁବ୍ ଉପକାରୀ। ତେବେ ମନେରଖନ୍ତୁ ପ୍ରତିଦିନ ଏହି ସ୍କ୍ରବ୍ ବ୍ୟବହାର କରିବା ଦ୍ୱାରା ତ୍ୱଚାରେ ଥିବା ଲୋମ ଉପରେ ନକାରାତ୍ମକ ପ୍ରଭାବ ପଡିଥାଏ। ତେଣୁ ସପ୍ତାହରେ ଥରେ ବ୍ୟବହାର କରିବା ଭଲ। ଆପଣ ପାଣି ବଦଳରେ କମଳା ରସ, ଗୋଲାପ ଜଳ ଆଦି ମଧ୍ୟ ବ୍ୟବହାର କରିପାରିବେ।

**ଓଟମିଲ୍ ସ୍କ୍ରବ୍:** ତେଲିଆ ତ୍ୱଚାରେ ବ୍ରଣ ସମସ୍ୟା ବେଶି ଦେଖାଦିଏ। ତେଣୁ ତ୍ୱଚାରେ ଜମି ରହିଥିବା ଅଧିକ ତେଲ ଦୂର କରିବା ଲାଗି ଓଟ୍‌ମିଲ୍ ସ୍କ୍ରବ୍ ଭଲ କାମ କରିଥାଏ। ଏହାକୁ ପ୍ରସ୍ତୁତ କରିବା ଲାଗି ଏକ ପାତ୍ରରେ ଦୁଇଚାମଚ ଓଟମିଲ୍, ଅଧା ଚାମଚ ଅଲିଭ୍ ଅଏଲ୍ ଏବଂ ଆବଶ୍ୟକ ମାତ୍ରାରେ କ୍ଷୀର ନେଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ହାଲୁକା ଭାବେ ରଗଡନ୍ତୁ। ୩-୪ ମିନିଟ୍ ଛାଡିବା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହା ତ୍ୱଚାକୁ ଅଏଲ୍ ଫ୍ରି, ମୁଲାୟମ ଏବଂ ଗୋରା କରିବାରେ ସାହାଯ୍ୟ କରେ।



# ଆତ୍ମନିର୍ଭରଶୀଳ ଗୃହିଣୀ







ଆତ୍ମନିର୍ଭରଶୀଳ ହେବାକୁ କିଏ ବା ନ ଚାହେଁ। ହେଲେ କେବେ ପରିବାରର ସଦସ୍ୟମାନଙ୍କ ପ୍ରତି ଥିବା ଦାୟିତ୍ୱ, କର୍ତ୍ତବ୍ୟବୋଧ ଆଉ କେବେ ଆବଶ୍ୟକ ଶିକ୍ଷା ଓ ସୁଯୋଗର ଅଭାବ କିମ୍ବା ଅନ୍ୟ କୌଣସି ପରିସ୍ଥିତି ଅନେକ ଗୃହିଣୀଙ୍କୁ କର୍ମଜୀବୀ ହେବାରୁ ବଞ୍ଚିତ କରେ, ଯେଉଁଥିଲାଗି ସେମାନଙ୍କୁ ନିଜର ପ୍ରତ୍ୟେକ ଅର୍ଥ ଆବଶ୍ୟକତା ପୂର୍ଣ୍ଣ ଲାଗି ସ୍ୱାମୀ ଅବା ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କ ଉପରେ ନିର୍ଭର କରିବାକୁ ପଡିଥାଏ। ହେଲେ ବର୍ତ୍ତମାନ ଇଣ୍ଟରନେଟ୍ ବ୍ୟବହାର କରି ଅନେକ ଗୃହିଣୀ ଘରେ ଥାଇ ମଧ୍ୟ ସ୍ୱରୋଜଗାରକ୍ଷମ ହେବାର ସୁଯୋଗ ପାଇ ପାରୁଛନ୍ତି। ଏହାଦ୍ୱାରା ନା କେବଳ ସେମାନେ ନିଜ ପାଇଁ କିଛି ରୋଜଗାର କରି ପାରୁଛନ୍ତି ବରଂ ଆବଶ୍ୟକ ସମୟରେ ପରିବାରକୁ ମଧ୍ୟ ଆର୍ଥିକ ସହାୟତା କରିପାରୁଛନ୍ତି...

ଜଣେ ଗୃହିଣୀ ଦିନ ସାରା ପରିବାରର ପ୍ରତ୍ୟେକ କାର୍ଯ୍ୟ କରିଥାଏ। ହେଲେ ଏହି ଅବିରତ ଶ୍ରମ ବଦଳରେ ତାକୁ ନା ମିଳିଥାଏ କୌଣସି ପାରିଶ୍ରମିକ ନା ପ୍ରଶଂସା। ବରଂ ନିଜର ପ୍ରତିଟି ଆବଶ୍ୟକତା ପୂର୍ଣ୍ଣ ଲାଗି ତାକୁ ନିର୍ଭର କରିବାକୁ ପଡିଥାଏ ଅନ୍ୟ ଉପରେ। କିନ୍ତୁ ବର୍ତ୍ତମାନ ବଦଳିଛି ସମୟ। ଇଣ୍ଟରନେଟ୍ ଜରିଆରେ ଅନେକ ଗୃହିଣୀ ଘରେ ଥାଇ ମଧ୍ୟ ହୋଇପାରୁଛନ୍ତି ରୋଜଗାରକ୍ଷମ...

## ଜାଣିରଖନ୍ତୁ...

- ଇଣ୍ଟରନେଟ୍‌ରେ ଘରେ ଥାଇ ଜବ୍ କରିବା ଲାଗି କୌଣସି ଆକର୍ଷଣୀୟ ବିଜ୍ଞାପନର ପ୍ରଲୋଭନରେ ନ ଆସି ପ୍ରଥମେ ଏହା ସମ୍ପର୍କରେ ଭଲ ଭାବେ ବୁଝନ୍ତୁ। କୌଣସି ଜବ୍ ଲାଗି ପ୍ରଥମେ ଇନ୍‌ଭେଷ୍ଟ କରିବାକୁ ହେଉଥିଲେ ସତର୍କ ରୁହନ୍ତୁ, ନଚେତ୍ ଆପଣ ପରବର୍ତ୍ତୀ ସମୟରେ ଠକାମିର ଶିକାର ହୋଇପାରନ୍ତି। କୌଣସି ଇ- ଜବ୍ ବା ବିଜ୍‌ନେସ୍ ଆରମ୍ଭ କରିବା ପୂର୍ବରୁ ପରିବାର ଲୋକଙ୍କ ସହ ଆଲୋଚନା କରନ୍ତୁ। ଆବଶ୍ୟକ ହେଲେ କୌଣସି ଅଭିଜ୍ଞଙ୍କ ପରାମର୍ଶ ନେବା ଭଲ।
- ଯେକୌଣସି କ୍ଷେତ୍ର ଅପେକ୍ଷା ଆପଣ ଯେଉଁ କାର୍ଯ୍ୟରେ ନିଜର ବେଷ୍ଟ ଦେଇ ଅଧିକ ରୋଜଗାର କରିପାରିବେ ତାହା ବାଛନ୍ତୁ। ଉଦାହରଣ ସ୍ୱରୂପ ଯଦି ଆପଣଙ୍କର ଶିକ୍ଷା ଦିଗ ଭଲ ତେବେ ଅନ୍‌ଲାଇନ୍ ଟ୍ୟୁଟର ଭାବେ କାର୍ଯ୍ୟ କରିପାରିବେ, କମ୍ପ୍ୟୁଟର ବା ଟାଇପିଂ ନଲେଜ୍ ଥିଲେ ଏହି କାର୍ଯ୍ୟ କରିପାରିବେ, ସେହିପରି ବିଜ୍‌ନେସ୍ ମାଇଣ୍ଡ ଥିଲେ ଟ୍ରେଡିଂ କିମ୍ବା ଅନ୍‌ଲାଇନ୍ ରିସେଲ୍ ବିଜ୍‌ନେସ୍ ଆପଣଙ୍କ ଲାଗି ବେଷ୍ଟ ଅପ୍ସନ। କାରଣ ଏହାଦ୍ୱାରା ଆପଣଙ୍କୁ ନିଜ ଫିଲ୍ଡରେ କାମ ଶିଖିବାର ସୁଯୋଗ ମିଳିବ ଏବଂ ପ୍ରାକ୍ଟିକାଲ୍ ଜ୍ଞାନ ବୃଦ୍ଧି ହେବ, ଯାହା କି ଭବିଷ୍ୟତରେ ଆଗକୁ ବଢିବା ସହ ଅଧିକ ରୋଜଗାର କରିବାରେ ସାହାଯ୍ୟ କରିବ।
- ଘରକାମ ବାଦ୍ ରୋଜଗାର ନିଶାରେ ଆବଶ୍ୟକରୁ ଅଧିକ ସମୟ କାମ କରିବା ବି ଠିକ୍ ନୁହେଁ। ଏହାଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ଅବହେଳା ହେବା ସହ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାର ଆଶଙ୍କାକୁ ଏଡାଇ ଦିଆ ଯାଇ ନ ପାରେ। ମନେରଖନ୍ତୁ ଜଣେ ଗୃହିଣୀର ଫିଟ୍‌ନେସ୍ ସମସ୍ତ ପରିବାରକୁ ପ୍ରଭାବିତ କରିଥାଏ। ତେଣୁ ପ୍ରତ୍ୟେକ କାର୍ଯ୍ୟରେ ବାଲାନ୍ସ ମେଣ୍ଟେନ୍ କରିବା ସହ ନିଜକୁ ଫିଟ୍ ରଖିବା ଲାଗି ଖାଇବା ଏବଂ ଶୋଇବା ପ୍ରତି ମଧ୍ୟ ସମାନ ଭାବେ ଗୁରୁତ୍ୱ ଦିଅନ୍ତୁ।

**କେଉଁ ଦିଗରେ ରହିଛି ସୁଯୋଗ:**

**ହସ୍ତଶିଳ୍ପ ବିକ୍ରି:** ଯେଉଁ ଗୃହିଣୀମାନେ ବିଭିନ୍ନ ହସ୍ତଶିଳ୍ପ ଯେପରି ପେଣ୍ଟିଂ, ୱାଲ ହ୍ୟାଙ୍ଗିଙ୍ଗ୍‌ସ୍, ଆର୍ଟିଫିସିଆଲ୍ ଫ୍ଲାୱାର, ଡିଜାଇନର୍ ପିଲୋ କିମ୍ବା କୁସନ୍ କଭର, ଟେଡି ଆଦ ଗୃହସଜ୍ଜା ଉପକରଣ ହେଉ ବା ବ୍ୟାଗ୍, ଚାନ୍ଦୁଆ ଆଦି ଶିଖିଛନ୍ତି ସେମାନଙ୍କ ଲାଗି ବର୍ତ୍ତମାନ ଘରେ ବସି ରୋଜଗାର କରିବା ବେଶ୍ ସହଜ। ସେମାନେ ଚାହିଁଲେ ଆମାଜନ୍, ଆର୍ଟଫେୟାର୍ ଭଳି ଅନେକ ଅନ୍‌ଲାଇନ୍ ଶପିଂ ସାଇଟ୍‌ରେ ସବୁ ବିକ୍ରି କରି ଭଲ ରୋଜଗାର କରିପାରିବେ। ଏହା ବ୍ୟତୀତ ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ଇନ୍‌ଷ୍ଟାଗ୍ରାମ୍, ଟ୍ୱିଟର ଭଳି ସୋସିଆଲ୍ ମିଡିଆରେ ନିଜ ହସ୍ତଶିଳ୍ପକୁ ପ୍ରମୋଟ୍ କରି ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ।

**ପ୍ରଡକ୍ଟ ରିସେଲିଂ:** ବିଭିନ୍ନ କମ୍ପାନୀର ପ୍ରଡକ୍ଟକୁ ରିସେଲିଂ କରି ଗୃହିଣୀମାନେ ଟଙ୍କା ରୋଜଗାର କରୁଥିବା ବର୍ତ୍ତମାନ ସବୁଠୁ ଅଧିକ ଦେଖିବାକୁ ମିଳୁଛି। ବିଶେଷ କରି ବିଭିନ୍ନ କମ୍ପାନୀ, ଫ୍ୟାଶନ୍ ହାଉସ୍ ଆଦିର ଶାଢି, ଡ୍ରେସ୍, ଆର୍ଟିଫିସିଆଲ୍ ଫ୍ୟାଶନ୍ ଜୁଏଲେରୀ ଆଦି ରିସେଲିଂ କ୍ଷେତ୍ରରେ ଗୃହିଣୀମାନେ ଅଧିକ ଆଗ୍ରହୀ ହେଉଛନ୍ତି। ମେସୋ ଭଳି ଅନେକ ଅନ୍‌ଲାଇନ୍ ଶପିଂ ସାଇଟ୍ ମଧ୍ୟ ଏହି ସୁଯୋଗ ଆଣିଦେଇଛି।

**ଫ୍ରିଲାନ୍ସ ରାଇଟର୍:** ଯଦି ଆପଣଙ୍କର ଲେଖାଲେଖିରେ ରୁଚି ରହିଛି ତେବେ ଆପଣ ଚାହିଁଲେ ନିଜ ଦକ୍ଷତା ଅନୁଯାୟୀ କୌଣସି ଭାଷାରେ ଲେଖିପାରିବେ। ଆଉ ଫ୍ରିଲାନ୍ସ ରାଇଟର ଭାବେ ଘରେ ବସି ଇଣ୍ଟରନେଟ୍‌ରେ ବିଭିନ୍ନ ଖବରକାଗଜ, ମାଗାଜିନ୍, ୱେବ୍‌ସାଇଟ୍‌କୁ ନିଜ ଲେଖା ଦେଇ ରୋଜଗାର ବି କରିପାରିବେ।

**ଅନ୍‌ଲାଇନ୍ ଟ୍ୟୁଟର:** ବର୍ତ୍ତମାନ ପିଲାଙ୍କ ପାଠପଢା ସବୁ ଅଭିଭାବକଙ୍କ ଲାଗି ଚିନ୍ତାର କାରଣ ସାଜିଛି। ତେଣୁ ସେମାନେ ଭଲ ଟ୍ୟୁଟରଙ୍କୁ ଖୋଜୁଛନ୍ତି। ଏମିତିରେ ଦିନକୁ ଦିନ ଅନ୍‌ଲାଇନ୍ ଟ୍ୟୁଟରଙ୍କ ଡିମାଣ୍ଡ ବଢୁଥିବାର ଦେଖିବାକୁ ମିଳୁଛି। ତେଣୁ ଗୃହିଣୀଙ୍କ ଲାଗି ଘରେ ବସି ଏହି କାର୍ଯ୍ୟ କରି କିଛି ଟଙ୍କା ରୋଜଗାର କରିବା ବେଶ୍ ସୁବିଧାଜନକ ହୋଇପାରିଛି।

**ଡାଟା ଏଣ୍ଟ୍ରି ଅପରେଟର:** ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ବିଶେଷ କରି ପବ୍ଲିକେଶନ୍ ହାଉସ୍‌ଗୁଡିକରେ ଡାଟା ଏଣ୍ଟ୍ରୀ ଅପରେଟର୍‌ଙ୍କ ଆବଶ୍ୟକତା ଅଧିକ। ତେଣୁ ଏନେଇ ଇଣ୍ଟରନେଟ୍‌ରେ ବିଜ୍ଞପ୍ତି ପ୍ରକାଶ ପାଉଛି। ତେଣୁ ଟାଇପିଂ ଜ୍ଞାନ ଥିବା ଗୃହିଣୀମାନେ ଫାଙ୍କା ସମୟରେ ଘରେ ଥାଇ ଡାଟା ଏଣ୍ଟ୍ରି କାର୍ଯ୍ୟ କରି ମଧ୍ୟ ଭଲ ରୋଜଗାର କରିପାରିବେ।

### କ'ଣ କରନ୍ତି ଏମାନେ...



**ସ୍ନେହାଞ୍ଜଳି ମିଶ୍ର**(ଗୃହିଣୀ, ମଧୁବନ, ପୁରୀ)- ରୋଜଗାରକ୍ଷମ ହେବା ମଣିଷକୁ କେତେ ଖୁସି ଦିଏ ତାହା ପ୍ରକାଶ କରିବା କଷ୍ଟ। ନିଜ କଥା କହିବି, ଜଣେ ଗୃହିଣୀ ହିସାବରେ ନିଜର ପ୍ରତିଟି ଛୋଟ ବଡ ଆବଶ୍ୟକତା ଲାଗି ସ୍ୱାମୀଙ୍କ ଉପରେ ନିର୍ଭର କରିବାକୁ ପଡେ। ଯଦିଓ ସେ କେବେ ଅବହେଳା କରନ୍ତି ନାହିଁ, ତଥାପି ବେଳେ ବେଳେ ଖରାପ ଲାଗେ। ଏମିତିକି କେବେ କେବେ ସଙ୍କୋଚରେ ନିଜ ଇଚ୍ଛାକୁ ଭିତରେ ଚାପି ରଖିବାକୁ ହୁଏ। ହେଲେ ଦୁଇ ବର୍ଷ ହେବ ଅନ୍‌ଲାଇନ୍‌ରେ କେତୋଟି ଇ-ଶପିଂ ସାଇଟ୍‌ର ଶାଢ଼ି ଏବଂ ବିଭିନ୍ନ ଗାର୍ମେଣ୍ଟ୍ସ ରିସେଲିଂ କାର୍ଯ୍ୟ କରୁଛି। ଘରକାମରୁ ଫୁରସତ୍ ମିଳିଲେ ହ୍ୱାଟ୍ସଆପ୍ ଏବଂ ଫେସ୍‌ବୁକ୍‌ରେ ଏସବୁ ପ୍ରଡକ୍ଟ ରିସେଲ୍ କରିବା ଦ୍ୱାରା ଘରେ ବସି କିଛି ରୋଜଗାର ହୋଇଯାଉଛି। ଉକ୍ତ ଟଙ୍କାରେ ନିଜ ଖର୍ଚ୍ଚ ତୁଲେଇବା ସହ ଛୋଟ ମୋଟ ସେଭିଂ ବି କରିପାରୁଛି, ଆଉ ମଝିରେ ମଝିରେ ଘର ପାଇଁ ବି କିଛି ଖର୍ଚ୍ଚ କରିପାରୁଛି।



**ସଙ୍ଗୀତା ଖୁଣ୍ଟିଆ**(ଗୃହିଣୀ, କାଳିକାଦେବୀ ସାହି, ପଣ୍ଡା ଲେନ୍, ପୁରୀ)- ମୋର ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଥିବାରୁ ଔଷଧ ଖାଇବାକୁ ପଡୁଥିଲା। ହେଲେ ଅନେକ କମ୍ପାନିର ଔଷଧ ଖାଇବା ପରେ ଗୋଟିଏର ରେଜଲ୍ଟ ମତେ ବହୁତ ଭଲ ଲାଗିଲା। ତେଣୁ ମୋ ଭଳି ଅସୁବିଧା ଭୋଗୁଥିବା ଲୋକେ ସେ ପ୍ରଡକ୍ଟ ବିଷୟରେ ଜାଣନ୍ତୁ ବୋଲି ମୁଁ ଚାହିଁଲି। କେବଳ ଲୋକଙ୍କୁ ନ କହି ଉକ୍ତ କମ୍ପାନି ସହ ଯୋଡିହୋଇ ଏହି କାର୍ଯ୍ୟ କଲେ ଘରେ ବସି କିଛି ରୋଜଗାର କରିହେବ ବୋଲି ଜଣେ ସମ୍ପର୍କୀୟ ପରାମର୍ଶ ଦେଲେ। ସେବେଠୁ ଉକ୍ତ କମ୍ପାନିର ପ୍ରଡକ୍ଟ ବିଷୟରେ ଅନ୍‌ଲାଇନ୍‌ରେ ବିଭିନ୍ନ ମିଟିଂ କରି ଲୋକଙ୍କୁ ବୁଝାଉଛି ଏବଂ ସେଲ୍ ମଧ୍ୟ କରୁଛି। ଧିରେ ଧିରେ ମୋର ଗ୍ରାହକ ସଂଖ୍ୟା ବି ବହୁତ ବଢିଗଲେଣି। ଏହି ଇ-ବିଜ୍‌ନେସ୍ ଦ୍ୱାରା ଘରେ ବସି ମାସକୁ ୫-୭ ହଜାର ପର୍ଯ୍ୟନ୍ତ ଟଙ୍କା ରୋଜଗାର ହୋଇପାରୁଛି। ଆଉ ଯେବେ ନିଜେ ଘର ପାଇଁ କିଛି ଖର୍ଚ୍ଚ କରୁଛି ବେଶ୍ ଆତ୍ମସନ୍ତୋଷ ମିଳୁଛି।

**ଉପକାରିତା:**

- ଘରକାମରୁ କିଛି ସମୟ ଫାଙ୍କା ମିଳିଲେ ଆପଣ ଅନ୍‌ଲାଇନ୍ ଜବ୍ କିମ୍ବା ବିଜ୍‌ନେସ୍ ଆଦିରେ ଯଦି ସମୟ ଦେବେ ତେବେ ପରିବାର ଉପରେ ନିର୍ଭର ନ କରି ନିଜ ଖର୍ଚ୍ଚ ନିଜେ ତୁଲାଇବା ସହ କିଛି ସଞ୍ଚୟ ମଧ୍ୟ କରିପାରିବେ। ଆବଶ୍ୟକ ସ୍ଥଳେ ପରିବାରକୁ ମଧ୍ୟ କିଛି ଅର୍ଥ ସାହାଯ୍ୟ କରିପାରିବେ। ଏହା ଆପଣଙ୍କୁ ନିଶ୍ଚିତ ଭାବେ ଆତ୍ମସନ୍ତୋଷ ଦେବ।
- ଏହାଦ୍ୱାରା ଆପଣଙ୍କୁ ଅନେକ କିଛି ଶିଖିବାର ସୁଯୋଗ ବି ମିଳିପାରିବ, ଯାହାକି ଆପଣଙ୍କ ଅଭିଜ୍ଞତା ସହ କାର୍ଯ୍ୟଦକ୍ଷତା ମଧ୍ୟ ବୃଦ୍ଧି କରିବ।
- ସମୟର ସଦୁପଯୋଗ କରିବା ଏକ କଳା। ଆଉ ଯେଉଁମାନେ ଏହି କାର୍ଯ୍ୟ ଠିକ୍ ଭାବେ କରିପାରନ୍ତି ସେମାନେ ସଫଳତାର ସ୍ୱାଦ ଚାଖିପାରନ୍ତି। କହିବାର ତାତ୍ପର୍ଯ୍ୟ ଯେଉଁ ଗୃହିଣୀମାନେ ଘରର ସମସ୍ତ କାର୍ଯ୍ୟ ସହ ଇଣ୍ଟରନେଟ୍‌ରେ ଜବ୍ ବା ବିଜ୍‌ନେସ ଉଭୟ ମଧ୍ୟରେ ସମନ୍ୱୟ ରଖି ପାରନ୍ତି, ସେମାନଙ୍କଠାରେ ଟାଇମ୍ ମ୍ୟାନେଜମେଣ୍ଟ କଳା ବୃଦ୍ଧି ପାଇଥାଏ, ଆଉ ଏହା ହିଁ ଭବିଷ୍ୟତରେ ସେମାନଙ୍କୁ ସଫଳତା ପାଇବାରେ ବେଶ୍ ସାହାଯ୍ୟ କରିଥାଏ।

**-ପୌର୍ଣ୍ଣମାସୀ**

## ପିଲା ରହିବେ ଫିଟ୍

ଅଧିକାଂଶ ମାତାପିତା ସେମାନଙ୍କ ପିଲାମାନଙ୍କୁ ମୋଟା ହୋଇଥିବାର ଦେଖି ଭାରି ଖୁସି ହୁଅନ୍ତି। ଆଉ ପିଲା ଯେପରି କୌଣସି କାରଣରୁ ଝଡି ନ ଯାଏ ବା ପତଳା ନ ହୋଇଯାଏ ସେଥିପ୍ରତି ଯତ୍ନଶୀଳ ମଧ୍ୟ ଥାଆନ୍ତି। ହେଲେ ଆପଣ ଜାଣନ୍ତି କି, ମୋଟା, ଗୁଲୁଗୁଲିଆ ପିଲାମାନେ ଦେଖିବାକୁ ତ ଭଲ ଲାଗନ୍ତି ହେଲେ ଏହି ମୋଟାପଣ ସେମାନଙ୍କଠାରେ ଅଳ୍ପ ବୟସରୁ ଡାଇବେଟିସ୍, ହୃଦ୍‌ରୋଗ, ରକ୍ତଚାପ ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ତେଣୁ ପିଲାଙ୍କୁ ସ୍ଲିମ୍ ଏବଂ ଫିଟ୍ ରଖିବେ କିପରି ଜାଣି ରଖନ୍ତୁ ସେ ସମ୍ପର୍କରେ...

**ସନ୍ତୁଳିତ ଖାଦ୍ୟାଭ୍ୟାସ:** ବର୍ତ୍ତମାନ ସମୟରେ ଅଧିକାଂଶ ପିଲା ଫାଷ୍ଟ ଫୁଡ୍, ଜଙ୍କ୍ ଫୁଡ୍, ବିଭିନ୍ନ ପ୍ରକାରର ପ୍ୟାକେଜ୍‌ଡ ବା ଫ୍ରୋଜନ୍ ଫୁଡ୍ ପ୍ରତି ଅଧିକ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି, ଯାହା କି ସେମାନଙ୍କଠାରେ ମେଦ ବହୁଳତାର କାରଣ ସାଜୁଛି। ତେଣୁ ପିଲାର ଏସବୁ ଖାଦ୍ୟର ଅଭ୍ୟାସ ଥିଲେ ତୁରନ୍ତ ବଦଳାନ୍ତୁ। ପିଲାଙ୍କୁ ଅଧିକ ପନିପରିବା ଯୁକ୍ତ ସନ୍ତୁଳିତ ଖାଦ୍ୟ ସହିତ ପ୍ରଚୁର ପାଣି ପିଇବାକୁ ଦିଅନ୍ତୁ।



**ଆକ୍ଟିଭ୍ ରଖନ୍ତୁ:** ପିଲାମାନେ ଆଉଟ୍‌ଡୋର୍ ଗେମ୍ ଅପେକ୍ଷା ବର୍ତ୍ତମାନ ଇନ୍‌ଡୋର୍ ଗେମ୍ ଖେଳିବା ପ୍ରତି ଅଧିକ ଆଗ୍ରହୀ ହେଉଛନ୍ତି। ଅଧିକ ସମୟ ମୋବାଇଲ୍, କମ୍ପ୍ୟୁଟର, ଟିଭି ଆଦିରେ ସମୟ ବିତାଉଛନ୍ତି। ତା'ଛଡା ବର୍ତ୍ତମାନ କରୋନା ଯୋଗୁ ସ୍କୁଲ୍ ଯିବା କିମ୍ବା ବାହାରକୁ ଯିବା ବନ୍ଦ ଥିବାରୁ ସେମାନେ ଘରେ ରହି ରହି ମାନ୍ଦା ହୋଇଯାଉଛନ୍ତି। ଫଳରେ ସେମାନଙ୍କଠାରେ ମେଦବହୁଳତା ଦେଖିବାକୁ ମିଳୁଛି। ତେଣୁ ଏଥିରୁ ପିଲାଙ୍କୁ ଦୂରେଇ ରଖିବା ଲାଗି ପ୍ରତିଦିନ ଏକ୍ସରସାଇଜ୍, ଯୋଗ, ପ୍ରାଣାୟମ ଆଦି କରିବାକୁ ପରାମର୍ଶ ଦିଅନ୍ତୁ। ଏକ ଆକ୍ଟିଭ୍ ଲାଇଫ୍ ଷ୍ଟାଇଲ୍ ପିଲାଙ୍କ ଫିଟନେସ୍ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ।

**ପର୍ଯ୍ୟାପ୍ତ ନିଦ୍ରା:** ପିଲାଙ୍କ ଖାଦ୍ୟପେୟ ସହିତ ଆବଶ୍ୟକ ମାତ୍ରାରେ ନିଦ୍ରା ମଧ୍ୟ ସେମାନଙ୍କୁ ଫିଟ୍ ରହିବାରେ ସାହାଯ୍ୟ କରିଥାଏ। ତେଣୁ ପିଲା ଯେପରି ମୋବାଇଲ୍ ଦେଖିବା, ଭିଡିଓ ଗେମ୍ ଖେଳିବା ଆଦିରେ ଶୋଇବା ସମୟ ନଷ୍ଟ ନ କରେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଅତି କମ୍‌ରେ ୮-୧୦ ଘଣ୍ଟା ଶୋଇବା ଦ୍ୱାରା କ'ଣ ସବୁ ଉପକାରିତା ମିଳିବ ସେ ଦିଗରେ ସେମାନଙ୍କୁ ବୁଝାନ୍ତୁ।

ପୋଷାକ ପୁରୁଣା ହୋଇଗଲେ କିମ୍ବା କୌଣସି କାରଣରୁ ଚିରିଗଲେ ଅବା ଛୋଟ ହୋଇଗଲେ ସାଧାରଣତଃ ଅନେକଙ୍କ ଲାଗି ଏହା ଅନାବଶ୍ୟକ ହୋଇ ପଡିରହେ କିମ୍ବା ଫିଙ୍ଗା ହୋଇଯାଏ। ହେଲେ ଆପଣ ଚାହିଁଲେ ଏହାକୁ ବ୍ୟବହାର କରି ଏଭଳି କିଛି ସାମଗ୍ରୀ ପ୍ରସ୍ତୁତ କରିପାରିବେ ଯାହା ନା କେବଳ ଦେଖିବାକୁ ସୁନ୍ଦର ଏବଂ ଭିନ୍ନ ଲାଗିବ ବରଂ ଆପଣଙ୍କର ବେଶ୍ କାମରେ ମଧ୍ୟ ଆସି ପାରିବ...



# ନଷ୍ଟ ହେବନି ପୁରୁଣା ପୋଷାକ

- ପୁରୁଣା ଶାଢ଼ିରୁ ଆପଣ ଚାହିଁଲେ କୁର୍ତ୍ତୀ, ସ୍କର୍ଟ, ପିଲୋ କଭର, ଡୋର୍ କିମ୍ବା ୱିଣ୍ଡୋ ସ୍କ୍ରିନ୍ ଭଳି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିପାରିବେ।
- ଶାର୍ଟ ପୁରୁଣା ହୋଇଯାଇଥିଲେ ଏଥିରୁ ଆପଣ ଡିଜାଇନର ଫ୍ରକ୍, ନାଇଟ୍ ୱେର୍, ଡ୍ରେସ୍ ଆଦି ବ୍ୟବହାର କରିପାରିବେ। ବିଶେଷକରି କଟନ୍ ଶାର୍ଟରେ ଏସବୁ ପ୍ରସ୍ତୁତ କଲେ ପିନ୍ଧିବାକୁ କମ୍ଫର୍ଟେବଲ୍ ମଧ୍ୟ ଲାଗିବ। ପୁରୁଣା ଶାର୍ଟର ପକେଟ୍‌ରୁ ଛୋଟ ଛୋଟ ପର୍ସ, ମୋବାଇଲ୍ କଭର ଆଦି ବି ପ୍ରସ୍ତୁତ କରିପାରିବେ।
- ସ୍ୱେଟର ଯଦି ଚିରିଯାଇଛି କିମ୍ବା ଛୋଟ ହୋଇଯାଇଛି ତେବେ ଏହାକୁ ଫିଙ୍ଗି ନ ଦେଇ ତାହାକୁ କାଟି ୱିଣ୍ଟର କ୍ୟାପ୍, ଗ୍ଲୋଭ୍ସ, ସକ୍ସ ଆଦି କରି ପରିବେ। ସ୍ୱେଟରରୁ ସୁନ୍ଦର ସୁନ୍ଦର ଡୋର୍‌ମ୍ୟାଟ ବି ପ୍ରସ୍ତୁତ କରିପାରିବେ।
- ପୁରୁଣା ଜିନ୍ସ ପ୍ୟାଣ୍ଟରେ ଆପଣ ଚାହିଁଲେ ବିଭିନ୍ନ ଡିଜାଇନ୍‌ର ବ୍ୟାଗ୍, ଜ୍ୟାକେଟ୍, ସ୍କର୍ଟ, ମୋବାଇଲ୍ ପର୍ସ, କୁସନ୍ କଭର, ଡୋର୍ ମ୍ୟାଟ୍ ଆଦି ପ୍ରସ୍ତୁତ କରିପାରିବେ। କେବଳ ଏତିକି ନୁହେଁ, ଏଥିରେ ଭଳିକି ଭଳି ଫ୍ୟାଶନ୍ ଜୁଏଲେରୀ ଏବଂ ହୋମ୍ ଡେକୋରେଟିଭ୍ ସାମଗ୍ରୀ ମଧ୍ୟ ପ୍ରସ୍ତୁତ କରିପାରିବେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ମଙ୍ଗଳବାର, ଅଗଷ୍ଟ ୧୮/୨୦୨୦ Tuesday, August 18/2020

# ତୃଣମୂଳ ସ୍ତରରୁ ପ୍ରତିଭା ଅନ୍ୱେଷଣ ଓ ବିକାଶ ଉପରେ ଫୋକସ

ଭୁବନେଶ୍ୱର(କ୍ରୀଡ଼ା ପ୍ରତିନିଧି), କଟକ ଅଫିସ,୧୭।୮

ରାଜ୍ୟରେ କ୍ରୀଡ଼ାର ବିକାଶ ସମ୍ପର୍କରେ ଆଲୋଚନା ପାଇଁ ସୋମବାର ଭର୍ଚୁଆଲ ପ୍ଲାଟଫର୍ମରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ କ୍ରୀଡ଼ା ସଚିବ ବିଶାଲ ଦେବ, ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ପଦ୍ମଶ୍ରୀ ଦିଲୀପ ତିର୍କୀ ଏବଂ ରାଜ୍ୟର ବିଭିନ୍ନ ଆସୋସିଏଶନ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟ କ୍ରୀଡ଼ା ନୀତିର ମୁଖ୍ୟାଂଶ ଉପସ୍ଥାପିତ କରାଯାଇଥିଲା। ''ସ୍ପୋର୍ଟ୍ସ ହଷ୍ଟେଲ ଢାଞ୍ଚାରେ ଉନ୍ନତି କରାଯିବ ଏବଂ ପ୍ରଦର୍ଶନ ଆଧାରରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ପିଲାମାନଙ୍କୁ ବଛାଯାଇ ଟ୍ରେନିଂ ସୁଯୋଗ ପ୍ରଦାନ କରାଯିବ। ଆମେ ୨୦୨୪ ଏବଂ ୨୦୨୮ ଉପରେ ଦୃଷ୍ଟିନିବଦ୍ଧ କରୁଛୁ। ସେତେବେଳକୁ ଓଡ଼ିଶା ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରନ୍ତୁ ବୋଲି ଚାହୁଁଛୁ। ସେଥିପାଇଁ ରାଜ୍ୟରେ ତୃଣମୂଳ ସ୍ତରରୁ ପ୍ରତିଭା ଅନ୍ୱେଷଣ ଏବଂ ସେମାନଙ୍କ ବିକାଶ ଉପରେ ମୁଖ୍ୟତଃ ଫୋକସ କରାଯାଉଛି'' ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ସ୍ପୋର୍ଟ୍ସ ହଷ୍ଟେଲ ଗୁଡ଼ିକୁ ଏକାଡେମୀରେ ପରିଣତ କରାଯିବ। ଏଥିରେ ଡେ' କୋଚିଂ ପ୍ରୋଗ୍ରାମ ସହିତ ଆବାସିକ ଏବଂ ଅଣଆବାସିକ କ୍ରୀଡ଼ାବିତ୍‌ଙ୍କ ପାଇଁ ପ୍ରତିଦ୍ୱନ୍ଦ୍ୱିତାମୂଳକ ଟ୍ରେନିଂ ଦିଆଯିବ। ବିଶେଷଜ୍ଞ କୋଚ୍, ଟେକ୍ନିକାଲ ପାର୍ଟନର୍ସ, ଷ୍ଟାଫ୍‌ଙ୍କୁ ନିଯୁକ୍ତି ଦିଆଯିବା ସହ କ୍ରୀଡ଼ା ବିଜ୍ଞାନର ସମ୍ପୃକ୍ତିକରଣ, ଡାଏଟ ଏବଂ ଟ୍ରେନିଂ ପ୍ରୋଗ୍ରାମ ଦ୍ୱାରା ସେମାନେ ଉପକୃତ ହୋଇପାରିବେ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।


ବୈଠକରେ ଭାଗ ନେବା ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟମାନେ।

### ଅଧିକ ସ୍ପୋର୍ଟ୍ସ ହଷ୍ଟେଲ ସପକ୍ଷରେ କ୍ରୀଡ଼ା ସଙ୍ଗଠକ

ଭାରତୀୟ ଖେଳାଳିଙ୍କ ଜର୍ସିରେ ଓଡ଼ିଶା ଲେଖାଯିବା ଗୌରବପୂର୍ଣ୍ଣ କଥା। ମାତ୍ର ଓଡ଼ିଶା ଖେଳାଳିଙ୍କ ଜର୍ସିରେ ଭାରତ କେବେ ଲେଖାଯିବ ତାହାକୁ ସମଗ୍ର ରାଜ୍ୟବାସୀ ଅପେକ୍ଷା କରୁଛନ୍ତି। ସ୍ପୋର୍ଟ୍ସ ହଷ୍ଟେଲରେ ରହୁଥିବା ଖେଳାଳିମାନେ ହିଁ ଜାତୀୟ ସ୍ତରରେ ପାଦ ଦେବାରେ ସକ୍ଷମ। ପରିପକ୍ୱ ବୟସରେ ଏମାନଙ୍କୁ ଖେଳଠାରୁ ଦୂରେଇ ରଖିଲେ ରାଜ୍ୟ କ୍ରୀଡ଼ାର ମୂଳଦୁଆ ଦୁର୍ବଳ ହୋଇଯିବ ବୋଲି ଯୁକ୍ତି ବାଢ଼ିଥିଲେ ରାଜ୍ୟର କ୍ରୀଡ଼ା ସଙ୍ଗଠକ। ୧୮ବର୍ଷରୁ ଅଧିକ ବୟସ ଖେଳାଳି ହଷ୍ଟେଲରୁ ବାହାରିଗଲେ ସେମାନଙ୍କ ଭବିଷ୍ୟତ ଖେଳଠାରୁ

### ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ଉଚ୍ଚସ୍ତରୀୟ ବୈଠକ

ଦୂରେଇ ଯିବ। ଖେଲୋ ଇଣ୍ଡିଆ ପ୍ରତିଯୋଗିତାର ୟୁଥ ବର୍ଗରେ ଏମାନେ ଅଂଶ ଗ୍ରହଣ କରିବାକୁ ସକ୍ଷମ ହେବେ ନାହିଁ। କେତେକ ଜାତୀୟ ମହାସଂଘ ଜୁନିୟର ଚାମ୍ପିୟନଶିପ ୧୯ବର୍ଷରୁ କମ୍ ଓ ୨୦ବର୍ଷରୁ କମ୍ ବୟସ ବର୍ଗରେ ଆୟୋଜନ କରୁଛନ୍ତି। ଏଭଳି ସ୍ଥଳେ ଓଡ଼ିଶାର ଖେଳାଳି ପ୍ରତିଯୋଗିତାରେ ଭାଗ ନେବା କଷ୍ଟଦାୟକ ହେବ। ଚାକିରି କରିବାକୁ ସର୍ବନିମ୍ନ ବୟସ ମଧ ୧୮ବର୍ଷ। ଏହି ବୟସରେ ଖେଳ ବନ୍ଦ କରିଦେଲେ ସେମାନେ ଖେଳ ପ୍ରମାଣପତ୍ରରେ ଏହା ପାଇବାକୁ ମଧ ବଞ୍ଚିତ ହେବେ ବୋଲି କ୍ରୀଡ଼ା ସଙ୍ଗଠକମାନେ ଯୁକ୍ତି କରିଥିଲେ। ଏହି ଅବସରରେ ସ୍ପୋର୍ଟ୍ସ ହଷ୍ଟେଲ ବନ୍ଦ ପରିବର୍ତ୍ତେ ଅଧିକ କରାଯାଉ। ବୟସ ସୀମାକୁ ୧୮ ପରିବର୍ତ୍ତେ ୨୫କୁ ବୃଦ୍ଧି କରାଯାଉ। ପ୍ରତିଭା ଅନ୍ୱେଷଣ କରି ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଉ। ଖେଳ ପାଇଁ ନୂତନ ନିୟମ କରାଯିବା ବେଳେ କ୍ରୀଡ଼ା ସଙ୍ଗଠକ କିମ୍ବା ରାଜ୍ୟର ଖ୍ୟାତନାମା ଖେଳାଳିଙ୍କ ସହ ଆଲୋଚନା କରାଯାଉ ବୋଲି ପ୍ରସ୍ତାବମାନ ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଓଓଏ ସମ୍ପାଦକ(ଇନଚାର୍ଜ) ଅଭିଜିତ ପାଲ, ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏଶନ ସମ୍ପାଦକ ଅଶୋକ କୁମାର ସାହୁ, ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ ସମ୍ପାଦକ ବୀରେନ୍ଦ୍ର କୁମାର ବେହେରା, ହକି ଓଡ଼ିଶା ସମ୍ପାଦକ ପ୍ରତାପ ଶତପଥୀ, ଓଡ଼ିଶା ରୋଇଂ ଆସୋସିଏଶନ ସଭାପତି ବିନୋଦ ଦାଶ, ଓଡ଼ିଶା ତୀରନ୍ଦାଜୀ ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ, ଓଡ଼ିଶା ଟିଟି ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାସଙ୍କ ସମେତ ଅନ୍ୟ ସମସ୍ତ କ୍ରୀଡ଼ା ସଂଘର ସମ୍ପାଦକ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ସୁସ୍ଥ ହେଲେ ୬ ହକି ଖେଳାଳି

**ନୂଆଦିଲ୍ଲୀ, ୧୭।୮ (ପି.ଟି.):** ଅଧିନାୟକ ମନପ୍ରୀତ ସିଂଙ୍କ ସମେତ ଭାରତୀୟ ପୁରୁଷ ହକି ଦଳର ୬ ଜଣ ହକି ଖେଳାଳି କୋଭିଡ୍-୧୯ରୁ ଆରୋଗ୍ୟ ଲାଭ କରିଛନ୍ତି। ସୋମବାର ସନ୍ଧ୍ୟାରେ ସେମାନେ ହସ୍ପିଟାଲ ଛାଡ଼ ପାଇଛନ୍ତି। ମନପ୍ରୀତଙ୍କ ବ୍ୟତୀତ ଅନ୍ୟ ଖେଳାଳିମାନେ ହେଲେ ଡିଫେଣ୍ଡର ସୁରେନ୍ଦର କୁମାର, ଯଶକରନ ସିଂ, ବରୁଣ କୁମାର, ଗୋଲକିପର କ୍ରିଷନ ବାହାଦୂର ପାଠକ ଏବଂ ଷ୍ଟ୍ରାଇକର ମନଦୀପ ସିଂ। ଏହି ସମସ୍ତ ଖେଳାଳିଙ୍କର ଦୁଇଥର ଟେଷ୍ଟ କରାଯାଇଥିଲା ଏବଂ ଫଳାଫଳ ନେଗେଟିଭ ଆସିଥିଲା। ଅଗଷ୍ଟ ୧୦ରୁ ୧୨ ମଧରେ ଏହି ଖେଳାଳିମାନେ କରୋନା ଭାଇରସ ଦ୍ୱାରା ସଂକ୍ରମିତ ହୋଇଥିଲେ। ଟେଷ୍ଟରେ ସମସ୍ତଙ୍କର ପଜିଟିଭ୍ ଆସିଥିଲା। ମନଦୀପଙ୍କ ନିକଟରେ ଯଦିଓ କୌଣସି ଲକ୍ଷଣ ଦେଖାଦେଇ ନ ଥିଲା, ତାଙ୍କ ରକ୍ତରେ ଅକ୍ସିଜେନ ସ୍ତର ସ୍ୱାଭାବିକ ନ ଥିଲା। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଦ୍ୱାରା ତାଙ୍କୁ ବେଙ୍ଗାଲୁରୁସ୍ଥିତି ଏସ୍ଏସ୍ ସ୍ପର୍ଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ପ୍ରତିଷେଧମୂଳକ ବ୍ୟବସ୍ଥା ସ୍ୱରୂପ ମନପ୍ରୀତ ଓ ଅନ୍ୟ ୪ ଖେଳାଳିଙ୍କୁ ସେହି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବେଙ୍ଗାଲୁରୁରେ ଉଭୟ ମହିଳା ଓ ପୁରୁଷ ଦଳର ଟ୍ରେନିଂ ବୁଧବାରଠାରୁ ଆରମ୍ଭ ହେବ।

### ଜେନିଫର୍ ବ୍ରାଡିଙ୍କୁ ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ



**ଲେକ୍ସିଙ୍ଗଟନ୍, ୧୭।୮ (ଏପି):** ଆମେରିକାର ଜେନିଫର ବ୍ରାଡି ତାଙ୍କ କ୍ୟାରିୟରର ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରିଛନ୍ତି। ଏଠାରେ ଚାଲିଥିବା ଟପ୍‌ସିଡ୍ ଓପନ୍ ଟେନିସ ଟୁର୍ନାମେଣ୍ଟ ଫାଇନାଲରେ ସେ ଜିଲ୍ ଟିଚ୍‌ମାନଙ୍କୁ ୬-୩, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। କରୋନା ଭାଇରସ୍ ଆବିର୍ଭାବ ପରେ ଯୁକ୍ତରାଷ୍ଟ୍ର ଆମେରିକାରେ ଏହାଥିଲା ପ୍ରଥମ ପ୍ରଫେସନାଲ ଟେନିସ ଟୁର୍ନାମେଣ୍ଟ। ଖେଳ ଦେଖିବା ଲାଗି ଦର୍ଶକଙ୍କୁ ଅନୁମତି ନ ଥିଲା। ଏହି ଅସ୍ୱାଭାବିକ ପରିବେଶ ୨୫ ବର୍ଷୀୟା ବ୍ରାଡିଙ୍କ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା। ଏହି ଟୁର୍ନାମେଣ୍ଟରେ ଭାଗ ନେବା ପୂର୍ବରୁ ବିଶ୍ୱ ର୍‍ୟାଙ୍କିଙ୍ଗରେ ବ୍ରାଡି ୪୯ତମ ସ୍ଥାନରେ ରହିଥିଲେ। ହାର୍ଡକୋର୍ଟ ଇଭେଣ୍ଟରେ ସେ ଗୋଟିଏ ହେଲେ ସେଟ୍ ଡ୍ରପ୍ କରି ନ ଥିଲେ। ନ୍ୟୁୟର୍କରେ ୟୁଏସ୍ ଓପନ୍ ଅଗଷ୍ଟ ୩୧ରୁ ଆରମ୍ଭ ହେବ। ଏଠାରେ ଚାମ୍ପିୟନ ହେବାପରେ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାରେ ସିଡ୍‌ଖେଳାଳିର ମାନ୍ୟତା ପାଇବା ଦୌଡ଼ରେ ଅଛନ୍ତି।

# ସୁଲିଭାନ୍‌ଙ୍କୁ ୬ଷ୍ଠ ବିଶ୍ୱ ସ୍ନୁକର ଟାଇଟଲ

ୱାଶିଂଟନ, ୧୭।୮ (ଏପି)

ରୋନି ଓ' ସୁଲିଭାନ୍ ୪୪ ବର୍ଷ ବୟସରେ ୬ଷ୍ଠ ଥର ପାଇଁ ବିଶ୍ୱ ସ୍ନୁକର ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ଇଂଲଣ୍ଡର କିରେନ୍ ୱିଲସନଙ୍କୁ ୧୮-୮ରେ ପରାସ୍ତ କରିଛନ୍ତି। ଏହାଦ୍ୱାରା ସର୍ବକାଳୀନ ବିଶ୍ୱ ଟାଇଟଲ ଅଧିକାରୀ ଷ୍ଟିଫେନ୍‌ଙ୍କଠାରୁ ଗୋଟିଏ ବିଜୟ ପଛରେ ରହିଛନ୍ତି। ଷ୍ଟିଭ୍ ଡାଭିସ ଓ ରେ ରିଅଡନ୍‌ଙ୍କ ସହିତ ସମକକ୍ଷ ହୋଇ ପାରିଛନ୍ତି। ଫାଇନାଲରେ ପହଞ୍ଚିବା ପାଇଁ ସୁଲିଭାନଙ୍କୁ ବହୁ କଷ୍ଟ କରିବାକୁ ପଡ଼ିଛି। ଦ୍ୱିତୀୟ ରାଉଣ୍ଡରେ ତାଙ୍କୁ ଚାଇନିଜ ଷ୍ଟାର ଡିଙ୍ଗ୍ ଜୁନ୍‌ହି, କ୍ୱାର୍ଟରଫାଇନାଲରେ ପୂର୍ବତନ ବିଶ୍ୱ ଚାମ୍ପିୟନ ମାର୍କ ୱିଲିୟମ୍ସଙ୍କୁ ହରାଇବାକୁ ପଡ଼ିଥିଲା। ସେମିଫାଇନାଲରେ ୩ଥର ବିଜେତା ମାର୍କ ସେଲ୍‌ବିଙ୍କୁ ପରାସ୍ତ କରିବାକୁ ହୋଇଥିଲା। ଏହି ମ୍ୟାଚ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଯାଇଥିଲା। ବାମହାତୀ ସୁଲିଭାନ ପୂର୍ବରୁ ୨୦୦୨, ୨୦୦୪, ୨୦୦୮, ୨୦୧୨ ଏବଂ ୨୦୧୩ରେ ବିଶ୍ୱ ଟାଇଟଲ ଜିତିଥିଲେ। ତାଙ୍କ କ୍ୟାରିୟର ର୍‍ୟାଙ୍କିଙ୍ଗ ଟାଇଟଲ ସଂଖ୍ୟା ୩୭ରେ ପହଞ୍ଚିଛି, ଯାହାକୁ ଏକ ରେକର୍ଡ। ପୁନଶ୍ଚ ସେ ଏକମାତ୍ର ଖେଳାଳି ଭାବେ ୧,୦୦୦ରୁ ଅଧିକ କମ୍ପିଟେଟିଭ୍ ସେଞ୍ଚୁରି କରିଛନ୍ତି। ସେ ଆହୁରି ମଧ ୧୫ କମ୍ପିଟେଟିଭ୍ ପ୍ଲେରେ ସର୍ବାଧିକ ୧୪୭ ବ୍ରେକ୍ କରିଛନ୍ତି। ତନ୍ମଧ୍ୟରେ ୧୯୯୭ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ଅଫିସିଆଲ ଟାଇମିଂ ମାତ୍ର ୫ ମିନିଟ୍ ଓ ୨୦ ସେକେଣ୍ଡ ରହିଛି।


ଟ୍ରଫି ସହ ରୋନି ଓ' ସୁଲିଭାନ୍।

# ଦ୍ୱିତୀୟ ଟେଷ୍ଟ ଡ୍ର

ସାଉଥାମ୍ପଟନ, ୧୭।୮

ଇଂଲଣ୍ଡ-ପାକିସ୍ତାନ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଅମୀମାଂସିତଭାବେ ଶେଷ ହୋଇଛି। ସୋମବାର ୫ମ ତଥା ଅନ୍ତିମ ଦିବସର ପ୍ରଥମ ଦୁଇ ସେସନ ଖେଳ ହୋଇପାରି ନ ଥିଲା। ଚା' ବିରତି ପରେ କେବଳ ଅନ୍ତିମ ସେସନ ଖେଳ ସମ୍ଭବ ହୋଇଥିଲା। ଇଂଲଣ୍ଡ ଏହାର ଦ୍ୱିତୀୟ ଇନିଂସକୁ ୧୧୦/୪ରେ ଘୋଷଣା କରିବା ପରେ ଉଭୟ ଦଳର ଅଧିନାୟକ ମ୍ୟାଚ ବନ୍ଦ ରଖିବାକୁ ରାଜି ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ଜ୍ୟାକ କ୍ରଲି ଅର୍ଦ୍ଧଶତକ ହାସଲ କରିଥିଲେ। ୯୭ ବଲ୍‌ରୁ କ୍ୟାରିୟରର ୩ୟ ଅର୍ଦ୍ଧଶତକ ପୂରଣ କରିଥିବା କ୍ରଲି ମୋଟ ୫୩ ରନ କରି ଆଉଟ ହୋଇଥିଲେ। କ୍ରଲି ଓ ଡୋମିନିକ୍ ସିବ୍‌ଲେ ଦ୍ୱିତୀୟ ଉଇକେଟ ଯୋଡ଼ିରେ ୯୧ ରନ ଭାଗୀଦାରି ଗଢ଼ିଥିଲେ। ସିବ୍‌ଲେ ୯୫ ବଲ୍‌ରୁ ୩୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ଓଲି ପୋପ୍ ୯ ରନ କରିବାକୁ ସକ୍ଷମ ହୋଇଥିଲେ। ପୂର୍ବରୁ ରୋରି ବର୍ନ୍ସ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇ ଯାଇଥିଲେ। ପାକିସ୍ତାନ ପକ୍ଷରୁ ମହମ୍ମଦ ଆବାସ ୨ଟି ଏବଂ ଶାହିନ ଶାହ ଆଫ୍ରିଦୀ ଓ ୟାସିର ଶାହା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପାକିସ୍ତାନ ପ୍ରଥମ ଇନିଂସରେ ୨୩୬ ରନ କରିଥିଲା।

# ସରିତା ଦେବୀ କରୋନା ପଜିଟିଭ୍

**ନୂଆଦିଲ୍ଲୀ, ୧୭।୮ (ପି.ଟି.):** ପୂର୍ବତନ ବିଶ୍ୱ ଚାମ୍ପିୟନ ବକ୍ସର ଏଲ୍. ସରିତା ଦେବୀ ଏବଂ ତାଙ୍କ ସ୍ୱାମୀ ଥୋଇବା ସିଂଙ୍କ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଉଭୟଙ୍କ ନିକଟରେ କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। ଏହି ଦମ୍ପତି ଇମ୍ଫାଲରେ ରହୁଛନ୍ତି। ଉଭୟେ ସ୍ଥାନୀୟ ଏକ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସିତ ହେଉଛନ୍ତି। ସରିତା ଜଣେ ଏସିଆନ ଗେମ୍ସ ବ୍ରୋଞ୍ଜ ବିଜୟିନୀ। ସେ ଏସିଆନ ଚାମ୍ପିୟନଶିପ୍‌ରେ ୫ଥର ସ୍ୱର୍ଣ୍ଣ ଜିତିଛନ୍ତି।




# ଧୋନୀଙ୍କ ଅବସର ସମୟକୁ ନେଇ ଚର୍ଚ୍ଚା

**ନୂଆଦିଲ୍ଲୀ, ୧୭।୮:** ଭାରତକୁ ସର୍ବାଧିକ ୩ଟି ଆଇସିସି ଟ୍ରଫି ବିଜୟୀ କରାଇଥିବା ମହେନ୍ଦ୍ର ସିଂ ଧୋନୀ ଅଗଷ୍ଟ ୧୫ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେ ଅବସର ଘୋଷଣା କରିବାର ସମୟ ଥିଲା ରାତି ୭ଟା ୨୯। ''ସମର୍ଥନ ଏବଂ ଭଲପାଇବା ପାଇଁ ସମସ୍ତଙ୍କୁ ଅଶେଷ ଧନ୍ୟବାଦ। ଶନିବାର ରାତି ୭ଟା ୨୯ ପରଠାରୁ ମୁଁ ଅବସର ଗ୍ରହଣ କରିଛି ବୋଲି ବିବେଚନା କରାଯାଉ'' ବୋଲି ଧୋନୀ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲରେ ପୋଷ୍ଟ କରିଥିଲେ। ଏହି ସମୟକୁ ନେଇ ଏବେ ଆଲୋଚନା ଜୋର୍ ଧରିଛି। ୨୦୧୯ ବିଶ୍ୱକପରେ ଭାରତ ଏହି ୭ଟା ୨୯ ମିନିଟରେ ହିଁ ନକ୍‌ଆଉଟ ହୋଇଥିଲା। ଜୁଲାଇ ୯ ତାରିଖରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ଧୋନୀ ଶେଷଥରପାଇଁ ଭାରତ ପକ୍ଷରୁ ପଡ଼ିଆକୁ ଓହ୍ଲାଇଥିଲେ। ମ୍ୟାଚ ଶେଷ ହେବାର ଗୋଟିଏ ଓଭର ପୂର୍ବରୁ ମାର୍ଟିନ ଗୁପଟିଲ ତାଙ୍କୁ ରନଆଉଟ କରିଥିଲେ। ଏହିଠାରୁ ହିଁ ଭାରତୀୟଙ୍କ ବିଜୟ ଆଶା ଚୂରମାର ହୋଇ ଯାଇଥିଲା। ଶେଷ ଓଭରରେ ଯୁଜବେନ୍ଦ୍ର ଚହଲ ଆଉଟ ହେବା ସହିତ ଭାରତ ପ୍ରତିଯୋଗିତାରୁ ବିଦାୟ ନେଇଥିଲା। ସେତେବେଳେ ସମୟ ଥିଲା ଠିକ୍ ରାତି ୭ଟା ୨୯। ପୂର୍ବତନ ନ୍ୟୁଜିଲାଣ୍ଡ କ୍ରିକେଟର ଗ୍ରାଣ୍ଟ ଇଲିଅଟ ଏହି ସମୟରେ ହିଁ ଟୁଇଟ୍ କରି ନ୍ୟୁଜିଲାଣ୍ଡ ଦଳକୁ ଅଭିନନ୍ଦନ ଜଣାଇଥିଲେ। ତେଣୁ ସମ୍ଭବତଃ ଧୋନୀ ନିଜ ଅବସର ପାଇଁ ଏହି ସମୟକୁ ବାଛିଥିଲେ ବୋଲି ଆଲୋଚନା ହେଉଛି।


୨୦୧୯ ବିଶ୍ୱକପ୍‌ରେ ରନ୍‌ଆଉଟ୍ ଅବସରରେ ଧୋନୀ।

# ଅବସର ସମ୍ପର୍କରେ ବିସିସିଆଇକୁ ଜଣାଇ ନ ଥିଲେ ରାଇନା

ନୂଆଦିଲ୍ଲୀ, ୧୭।୮

ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପୂର୍ବରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଏ ସମ୍ପର୍କରେ କିଛି ଜଣାଇ ନ ଥିଲେ ସୁରେଶ ରାଇନା। ଅବସର ନେବା ପୂର୍ବରୁ ଖେଳାଳିମାନେ ବିସିସିଆଇକୁ ପ୍ରଥମେ ସୂଚନା ଦେବା ନିୟମ ରହିଛି, ଯାହାକି ଆଇକନିକ୍ ମହେନ୍ଦ୍ର ସିଂ ଧୋନୀ କରିଥିଲେ। ଏ ସମ୍ପର୍କରେ ସେ ପ୍ରୋଟୋକଲ ଭାଙ୍ଗି ଥିବାରୁ ସମ୍ଭବତଃ ରବିବାର ବିସିସିଆଇ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନ ଥିଲା। ଏପରିକି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହା ଧୋନୀଙ୍କ ଅବସର ସମ୍ପର୍କରେ ଯାହାକିଛି ଟୁଇଟ୍ କରିଥିଲେ। ବିସିସିଆଇ ୱେବସାଇଟ୍‌ରେ କେବଳ ଧୋନୀଙ୍କ ଅବସର ସମ୍ପର୍କରେ ସୂଚନା ରହିଥିଲା। ଫଳରେ କ୍ରିକେଟ ପ୍ରଶଂସକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ସାଧାରଣରେ ଘୋଷଣା କରିବାର ଗୋଟିଏ ଦିନପରେ ବିସିସିଆଇକୁ ଅବସର ସମ୍ପର୍କରେ ଅବଗତ କରାଇଛନ୍ତି ଏହି ବାମହାତୀ ବ୍ୟାଟ୍ସମ୍ୟାନ। ବିସିସିଆଇ ପକ୍ଷରୁ ସୋମବାର ଏହା ପ୍ରକାଶ କରାଯିବା ସହିତ ସୀମିତ ଓଭର ଫର୍ମାଟରେ ଏହି ଅଲରାଉଣ୍ଡରଙ୍କ ପ୍ରଦର୍ଶନକୁ ପ୍ରଶଂସା କରାଯାଇଛି। ଅଗଷ୍ଟ ୧୫ରେ ଧୋନୀ ଅବସର ଘୋଷଣା କରିବାର କିଛି ମିନିଟ ପରେ ନିଜ ମେଣ୍ଟରଙ୍କ ପଦାଙ୍କ ଅନୁସରଣ କରି ଅନେକଙ୍କୁ ବିସ୍ମିତ କରିଥିଲେ ୩୩ ବର୍ଷୀୟ ରାଇନା। ନିଜ ୧୩ ବର୍ଷର ଅନ୍ତର୍ଜାତୀୟ କ୍ରିକେଟରେ ଭାରତ ପାଇଁ ସେ ୧୮ ଟେଷ୍ଟ, ୨୨୬ ଦିନିକିଆ ଓ ୭୮ଟି ଟି୨୦ ମ୍ୟାଚ ଖେଳିଛନ୍ତି। ସ୍ୱଳ୍ପ ସମୟ ପାଇଁ ରାଇନା ଭାରତୀୟ ଦଳର ନେତୃତ୍ୱ ନେବାର ସୌଭାଗ୍ୟ ମଧ ପାଇଛନ୍ତି। ତାଙ୍କ ନେତୃତ୍ୱରେ ଭାରତ ଦିନିକିଆରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୩-୨ ଓ ବାଂଲାଦେଶ ବିପକ୍ଷରେ ୨-୦ରେ ସିରିଜ ବିଜୟୀ ହୋଇଥିଲା। ସେହିପରି ଜିମ୍ବାୱେ ବିପକ୍ଷରେ ଭାରତ ଏକ ଟି୨୦ ସିରିଜକୁ ୨-୦ରେ ଜିତିଥିଲା। ଟେଷ୍ଟ କ୍ୟାରିୟରର ପ୍ରଥମ ମ୍ୟାଚରେ ଶତକ ହାସଲ କରି ନିଜ ପ୍ରତିଭା ଦେଖାଇଥିଲେ ରାଇନା। ପ୍ରଥମ ଭାରତୀୟ ଭାବେ ସେ କ୍ରିକେଟର ତିନୋଟି ଯାକ ଫର୍ମାଟରେ ଶତକ ହାସଲ କରିଥିଲେ। ଭାରତ ବାହାରେ ସେ ଶତକ ହାସଲ କରି ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ।

ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ବାମହାତୀ ରାଇନାଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ''ଭାରତୀୟ ଦିନିକିଆ କ୍ରିକେଟରେ ରାଇନା ଅନ୍ୟତମ ପ୍ରମୁଖ ପ୍ରଦର୍ଶନକାରୀ ଥିଲେ। ବ୍ୟାଟିଂ ଅର୍ଡରର ନିମ୍ନଭାଗରେ ଆସିଥିଲେ ହେଁ କେତେକ ମ୍ୟାଚ ବିଜୟୀ ଇନିଂସ ଖେଳି ସେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ରାଇନା, ଯୁବରାଜ ସିଂ ଓ ଧୋନୀଙ୍କ ଉପସ୍ଥିତିରେ ଭାରତୀୟ ମିଡଲ ଅର୍ଡର ଶକ୍ତିଶାଳୀ ହୋଇଥିଲା। ମୁଁ ତାଙ୍କୁ ଏବଂ ତାଙ୍କ ପରିବାରକୁ ଶୁଭେଚ୍ଛା ଜଣାଉଛି'' ବୋଲି ଗାଙ୍ଗୁଲି ପ୍ରକାଶ କରିଛନ୍ତି। ବିସିସିଆଇ ସମ୍ପାଦକ ଜୟ ଶାହା ମଧ ସମାନ ମତବ୍ୟକ୍ତ କରିଛନ୍ତି। ''ରାଇନା ଜଣେ କୁଶଳୀ ଟି୨୦ ବ୍ୟାଟ୍ସମ୍ୟାନ। ବାମହାତୀ ବ୍ୟାଟ୍ସମ୍ୟାନଭାବେ ସେ କ୍ରିକେଟ ପଡ଼ିଆରେ ଶକ୍ତିଶାଳୀ ଶଟ୍ ମାଧମରେ ନିଜ ଦକ୍ଷତା ଦେଖାଇଥିଲେ। ୨୦୧୧ ବିଶ୍ୱକପ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ଇନିଂସ ତାଙ୍କ କ୍ୟାରିୟରକୁ ଋଦ୍ଧିମନ୍ତ କରିଛି। କ୍ୟାରିୟରର ଦ୍ୱିତୀୟ ଇନିଂସ ପାଇଁ ଶୁଭକାମନା'' ବୋଲି ଶାହା କହିଛନ୍ତି। ରାଇନା ୨୦୧୮ରେ ଶେଷଥର ପାଇଁ ଭାରତ ପକ୍ଷରୁ ଖେଳିଥିଲେ।


ସୁରେଶ ରାଇନା






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ